RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-139 ◆SATURDAY ◆15 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୯ ◆ଶନିବାର ◆୧୫ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

# ବିହାରରେ ‘ନୀମୋ’ ସୁନାମି

## ଏନ୍‌ଡିଏକୁ ୨୦୨, ମହାମେଣ୍ଟକୁ ୩୫ ଆସନ






“ ବିକାଶ ଓ ସୁଶାସନର ବିଜୟ: ମୋଦୀ

ନିରପେକ୍ଷ ନ ଥିଲା ନିର୍ବାଚନ: ରାହୁଲ୍

- ୮୯ ଆସନ ସହ ବିଜେପି ସବୁଠାରୁ ବଡ଼ ଦଳ
- ଜେଡିୟୁର ଆସନ ସଂଖ୍ୟା ୮୫କୁ ବଢ଼ିଲା
- ୨୫କୁ ଖସିଲା ଆର୍‌ଜେଡି, କଂଗ୍ରେସକୁ ୬
- ୨୮ ଆସନରୁ ୧୯ରେ ଏଲ୍‌ଜେପିର ବିଜୟ

■ **ପାଟନା, ୧୪।୧୧ (ଏଜେନ୍ସି):** ଭୁଲ ସାବ୍ୟସ୍ତ ହୋଇଛି ସବୁ ଏକ୍‌ଜିଟ୍ ପୋଲ୍ ରିପୋର୍ଟ। ବିହାର ବିଧାନସଭା ଫଳାଫଳରେ ଖେଳିଯାଇଛି ନୀମୋ (ନୀତୀଶ-ମୋଦୀ) ସୁନାମି। ପ୍ରଚଣ୍ଡ ବିଜୟ ସହ ବିହାରରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି ଏନ୍‌ଡିଏ। ୨୪୩ ଆସନ ମଧ୍ୟରୁ ୨୦୨ରେ ଏନ୍‌ଡିଏ ଏକ ବିଶାଳ ବିଜୟ ଦିଗକୁ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଏକ ଶକ୍ତ ବିରୋଧୀଦଳ ଭାବରେ ଉଭା ହୋଇଥିବା ‘ମହାଗଠବନ୍ଧନ’କୁ ଶକ୍ତ ଆଘାତ ଦେଇଛନ୍ତି ବିହାରବାସୀ। ଗତ ନିର୍ବାଚନରେ ମହାଗଠବନ୍ଧନ ୧୧୪ ଆସନରେ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୯ଟି ଆସନ ହରାଇ ମାତ୍ର ୩୫ ମଧ୍ୟରେ ସୀମିତ ହୋଇଯାଇଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଳିଛି ମାତ୍ର ୬ଟି ଆସନ।

ଚଳିତ ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍‌ରେଟ୍ ବିହାରରେ ସବୁଠାରୁ ଚମତ୍କାର ରହିଛି। ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ଚଳିତ ନିର୍ବାଚନରେ ୮୯ ଆସନ ସହ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି।

ଅନୁରୂପ ଭାବରେ ୨୦୨୦ ମସିହାରେ ଜେଡିୟୁ ମାତ୍ର ୪୩ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ୮୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ ▶ପୃଷ୍ଠା-୭

୮ ରାଜ୍ୟରେ ଉପନିର୍ବାଚନ

# ବିଜେପି, କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ

■ **ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** ଗତ ୧୧ ତାରିଖରେ ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ ମିଳିଛି। ରାଜସ୍ଥାନର ଆଣ୍ଟା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ପଞ୍ଜାବର ତରନ ତାରନ ଆସନରେ କ୍ଷମତାସୀନ ଆପ୍ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଓଡ଼ିଶାର ନୂଆପଡ଼ା ଏବଂ ଜମ୍ମୁ-କଶ୍ମୀରର ନୋଗ୍ରାଟାରେ ବିଜୟ ଲାଭ କରିଛନ୍ତି। ଜମ୍ମୁ-କଶ୍ମୀରର ବଡ଼ଗାମ ଆସନରେ କ୍ଷମତାସୀନ ନେସନାଲ କନଫେରେନ୍ସ ପ୍ରାର୍ଥୀଙ୍କୁ ହରାଇଛନ୍ତି ମେହବୁବା ମୁଫତିଙ୍କ ପିଡିପି ପ୍ରାର୍ଥୀ। ବଡଗାମକୁ ନେସନାଲ କନଫେରେନ୍ସର ଗଡ଼ କୁହାଯାଏ। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏଠାରୁ ନିର୍ବାଚିତ ହୋଇଥିଲେ। ସେହିଭଳି ତେଲେଙ୍ଗାନାର ଜୁବିଲି ହିଲ୍ସରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡର ଘାଟଶୀଳା ନିର୍ବାଚନମଣ୍ଡଳୀରେ ଜେଏମଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମିଜୋରାମର ଡାମ୍ପା ନିର୍ବାଚନମଣ୍ଡଳୀରେ ମିଜୋ ନେସନାଲ ଫ୍ରଣ୍ଟ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି।

## ନୂଆପଡ଼ା ଉପନିର୍ବାଚନ

# ବିଜେପି ମଥାରେ ‘ଜୟ’ ତିଳକ

୮୩୪୭୮ ବିଶାଳ ବ୍ୟବଧାନରେ ବିଜେପି ବିଜୟୀ

୨ୟ ସ୍ଥାନରେ କଂଗ୍ରେସର ଘାସିରାମଙ୍କୁ ୪୦୧୨୧ ଭୋଟ

ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ପାଇଲେ ୩୮୪୦୮ ଭୋଟ



■ **ଭୁବନେଶ୍ୱର/ନୂଆପଡା, ୧୪।୧୧ (ସମିସ):** ନୂଆପଡା ଉପର୍ବାଚନରେ ବିପୁଳ ବିଜୟ ହାସଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଗତ ନିର୍ବାଚନରେ ତାଙ୍କ ବାପା ରାଜେନ୍ଦ୍ର ଢୋଲକିଆ ପାଇଥିବା ଭୋଟଠାରୁ ପ୍ରାୟ ୫୦ ହଜାର ଉର୍ଦ୍ଧ୍ୱ ଭୋଟ ପାଇଛନ୍ତି ଜୟ। ତାଙ୍କୁ ୧,୨୩,୮୬୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ୪୦୧୨୧ ଖଣ୍ଡ ଭୋଟ୍ ମିଳିଛି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮୪୦୮ ଖଣ୍ଡ ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନରେ ରହିଛନ୍ତି। ଜୟଙ୍କ ବିଜୟ ସହ ଦୀର୍ଘ ଏକ ଦଶନ୍ଧି ପରେ ପୁଣିଥରେ ନୂଆପଡ଼ାରେ ପଦ୍ମ ଫୁଟିଛି। ୨୦୧୪ରେ ଏଠାରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ, ଏବେ ପୁନର୍ବାର ପଦ୍ମ ଦଳର ପ୍ରାର୍ଥୀ ଭାବରେ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ ବ୍ୟବସାୟୀରୁ ଜୟଙ୍କ ▶ପୃଷ୍ଠା-୭




# ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ: ନବୀନ

## ଜୟଙ୍କୁ ଅଭିନନ୍ଦନ, ନୂଆପଡ଼ାବାସୀଙ୍କୁ ଦେଲେ ଧନ୍ୟବାଦ

## ମୂଲ୍ୟବୋଧ ଓ ଲୋକଙ୍କ ବିଶ୍ୱାସକୁ ସମ୍ମାନ ଦେବାକୁ ପରାମର୍ଶ

■ **ଭୁବନେଶ୍ୱର, ୧୪।୧୧ (ସମିସ):** ନୂଆପଡ଼ା ଉପ-ନିର୍ବାଚନରେ ଏକଜୁଟ ଭାବରେ ଉତ୍ସର୍ଗୀକୃତ ଭାବରେ ବିଜେଡି ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ବିଜେଡିର ପ୍ରତ୍ୟେକ ନେତା, କର୍ମୀ ଓ ସମର୍ଥକଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ନୂଆପଡ଼ା ଉପନିର୍ବାଚନ ଫଳ ପ୍ରକାଶ ପରେ ନବୀନ ‘ଏକ୍ସ’ରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ସହ ବିଜେଡିର ନେତା ଓ କର୍ମୀଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ନବୀନ କହିଛନ୍ତି ଯେ ବିଜେଡିର ପ୍ରତ୍ୟେକ ନେତା, କର୍ମୀ, ସମର୍ଥକଙ୍କ ପ୍ରତିବଦ୍ଧତା ଓ ଉତ୍ସାହ ହିଁ ବିଜେଡିର ପ୍ରକୃତ ଶକ୍ତି। ନିର୍ବାଚନ ଆସେ ଏବଂ ଯାଏ; କିନ୍ତୁ ମୂଲ୍ୟବୋଧ ଓ ଲୋକଙ୍କ ବିଶ୍ୱାସ ପ୍ରତି ସର୍ବଦା ସମ୍ମାନ ରହିବା ଆବଶ୍ୟକ। ମୁକ୍ତ ଏବଂ ନିରପେକ୍ଷ ▶ପୃଷ୍ଠା-୭








## ବିହାର ବିଧାନସଭା ଆସନ-୨୪୩

| ଏନ୍‌ଡିଏ-୨୦୨ | |
|---|---|
| ବିଜେପି | ୮୯ |
| ଜେଡିୟୁ | ୮୫ |
| ଏଲଜେପି | ୧୯ |
| ଅନ୍ୟାନ୍ୟ | ୦୯ |



| ମହାମେଣ୍ଟ-୩୫ | |
|---|---|
| ଆରଜେଡି | ୨୫ |
| କଂଗ୍ରେସ | ୦୬ |
| ଅନ୍ୟାନ୍ୟ | ୦୪ |

ଏଏମ୍ଆଇଏମ୍ ୦୫



## ଅମାନତ ହରାଇଲେ ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟି ଥିବା ଜନସୁରାଜ ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଥମ ପରୀକ୍ଷାରେ ଅମାନତ ହରାଇଛନ୍ତି। ଗତ ତିନି ବର୍ଷ ହେଲା ବିହାରରେ ବୁଲି ବୁଲି ପ୍ରଚାର କରି ବଡ଼ ବଡ଼ ଦାବି କରୁଥିବା ପ୍ରଶାନ୍ତଙ୍କ ଦଳ ମୁହଁ ମାଡ଼ି ପଡ଼ିଯାଇଛି। ୬ ବର୍ଷରେ ୬ ମୁଖ୍ୟମନ୍ତ୍ରୀ କରିଥିବା ଏହି ବ୍ୟକ୍ତିଙ୍କ ଦଳ ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। କୋଟିଏରୁ ଅଧିକ ସଦସ୍ୟ ନେଇ ଦାବି କରୁଥିବା ଜନସୁରାଜ ପାର୍ଟି ୧୦ ଲକ୍ଷ ଭୋଟ ବି ହାତେଇ ପାରିନାହିଁ। ୨୩୮ ଆସନରେ ପ୍ରାର୍ଥୀ ଦେଇ ୨୩୩ (୯୮ ପ୍ରତିଶତ) ରେ ଅମାନତ ହରାଇଛନ୍ତି। ଏହି ଦଳର ପ୍ରାର୍ଥୀ ଗୋଟିଏ ଆସନରେ ଦ୍ୱିତୀୟ ସ୍ଥାନରେ ବି ରହିପାରି ନାହାନ୍ତି। ୧୬୮୦ ଦିନରେ ୬ ହଜାର କିମି ପଦଯାତ୍ରା କରିବା ସତ୍ତ୍ୱେ ବି ତାଙ୍କ ଦଳ ସଫଳତା ପାଇ ପାରିନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୫ରୁ କମ୍ ସିଟ୍ ଜିତିବେ ବୋଲି ପ୍ରଶାନ୍ତ ଦାବି କରିଥିଲେ। ଯଦି ଅଧିକ ଆସନରେ ଜିତିବେ ତେବେ ରାଜନୀତି ଛାଡିଦେବେ ବୋଲି କହିଥିବା ପ୍ରଶାନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ଆଗାମୀ ଦିନରେ କି ପଦକ୍ଷେପ ନେବେ ତାହା ଦେଖିବା ବାକି ରହିଛି। ସେ ରାଜନୀତି କରିବେ ନା ରଣନୀତିକୁ ଫେରିବା ତାହା ଜାଣିବା ପାଇଁ ଲୋକେ ବ୍ୟଗ୍ର।



## ଆରଜେଡିର ଭୋଟ ସେୟାରିଂ ଅଧିକ

ଏହି ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସବୁଦଳଠାରୁ ଆରଜେଡିର ଭୋଟ ସେୟାର ଅଧିକ ରହିଛି। ଅର୍ଥାତ୍ ଏହି ଦଳ କିଛି ଆସନରେ ଉଲ୍ଲେଖନୀୟ ବ୍ୟବଧାନରେ ବିଜୟୀ ହୋଇଛି। ଏହି ଦଳ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସତ୍ତ୍ୱେ ବିଜୟୀ ହୋଇପାରି ନାହିଁ। ସନ୍ଧ୍ୟା ସୁଦ୍ଧା ତେଜସ୍ୱୀଙ୍କ ଦଳର ଭୋଟ ସେୟାର ୨୨.୭୯ ପ୍ରତିଶତ ରହିଛି। ଏହା ବିଜେପିଠାରୁ ୨.୨୭ ପ୍ରତିଶତ ଏବଂ ଜେଡିୟୁଠାରୁ ୩.୮ ପ୍ରତିଶତ ଅଧିକ।

## ବିହାରରେ ବିଜେପିର ଉତ୍ଥାନ

ବିହାର ବିଧାନସଭା ନିର୍ବାଚନରେ ବିଜେପି ଐତିହାସିକ ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ଏଥର ୮୯ ଆସନ ଜିତିଥିବା ବିଜେପି ୨୦୧୦ ନିର୍ବାଚନରେ ୯୧ଟି ଆସନ ଜିତିଥିଲା। ୧୯୮୦ରେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବା ବିଜେପି ପାଇଁ ଏହି ଯାତ୍ରା ସଂଘର୍ଷପୂର୍ଣ୍ଣ ରହିଛି। ୧୯୮୦ ନିର୍ବାଚନରେ ବିଜେପିକୁ ୨୧ଟି ଆସନ ମିଳିଥିବା ବେଳେ ୧୯୮୫ରେ ୧୬, ୧୯୯୦ରେ ୩୯, ୧୯୯୫ରେ ୪୧, ୨୦୦୦ରେ ୬୭, ୨୦୦୫ରେ ୩୭, ୨୦୧୫ରେ ୫୩, ୨୦୨୦ରେ ୯୧ ଏବଂ ୨୦୨୦ରେ ୭୪ଟି ଆସନ ପାଇଥିଲା।

# କାମ ଦେଲାନି ରାହୁଲ-ତେଜସ୍ୱୀଙ୍କ ରଣନୀତି

ପାଟନା, ୧୪।୧୧ (ଏଜେନ୍ସି): ବିହାର ନିର୍ବାଚନରେ ମହାମେଣ୍ଟକୁ ଶକ୍ତ ଝଟ୍‌କା ଲାଗିଛି। ଏଥିରେ ଆରଜେଡିର ନେତୃତ୍ୱାଧୀନ କଂଗ୍ରେସ, ଭିଆଇପି ଏବଂ ବାମଦଳର ମହାମେଣ୍ଟ ଇଣ୍ଡିଆ ନିରାଶ ହୋଇଛି। ଏହା ପଛରେ ପ୍ରମୁଖ ୫ଟି କାରଣ ରହିଛି। ସେଗୁଡିକ ହେଲା ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଆସନ ବୁଝାମଣା ଚୂଡ଼ାନ୍ତ ନ ହେବା, ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଟଣାଓଟରା, ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ଆଦି ରହିଛି। ନିର୍ବାଚନ କମିଶନ (ଇସି) ଅକ୍ଟୋବର ୬ରେ ବିହାର ନିର୍ବାଚନ ନେଇ ଘୋଷଣା କରିଥିଲେ। ଏହାର ୬ ଦିନ ପରେ ଏନ୍‌ଡିଏର ଆସନ ବୁଝାମଣା ହୋଇ ଯାଇଥିଲା। ମାତ୍ର ନିର୍ବାଚନ ଶେଷ ହୋଇ ସାରିଥିଲେ ବି ମହାମେଣ୍ଟ ଆନୁଷ୍ଠାନିକ ଭାବେ ଆସନ ବୁଝାଣା ସୂତ୍ର ବିଷୟରେ ଘୋଷଣା କରି ନ ଥିଲା। ନିଜ ପସନ୍ଦର ଆସନକୁ ନେଇ ମହାମେଣ୍ଟରେ ଟଣାଓଟରା ଜାରି ରହିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ୧୩ ଆସନରେ ମହାମେଣ୍ଟର ଅଲଗା ଅଲଗା ଦଳ ପରସ୍ପର ବିରୋଧରେ ଲଢ଼ିଥିଲେ। ଶେଷରେ କିଛି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଏହି ଆସନ ସଂଖ୍ୟା ୮କୁ ହ୍ରାସ ପାଇଥିଲା। ଅର୍ଥାତ ମହାମେଣ୍ଟରେ ସାମିଲ ଦଳ ନିଜ ନିଜ ବିରୋଧରେ ଏଠାରେ ଲଢ଼େଇ କରିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ କଳି ଲାଗିଥିଲା। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ମୁକେସ ସାହାନୀ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଜିଦ୍‌ରେ ଅଟଳ ରହିଥିଲେ। କିନ୍ତୁ କଂଗ୍ରେସ ଏଥିରେ ରାଜି ନ ଥିଲା। ସ୍ଥିତି ଅଧିକ ବିଗୁଡୁଥିବା ଦେଖି କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ପଠାଇବାକୁ ପଡ଼ିଥିଲା। ଶେଷରେ ପାଟନା ସ୍ଥିତ ଏକ ହୋଟେଲରେ

### କାହାର ବଢ଼ିଲା, କାହାର ଛିଡ଼ିଲା

| ଦଳ | ୨୦୨୫ | ୨୦୨୦ | ପରିବର୍ତ୍ତନ |
|---|---|---|---|
| ଏନ୍‌ଡିଏ | ୨୦୨ | ୧୨୫ | +୭୭ |
| ବିଜେପି | ୮୯ | ୭୪ | +୧୫ |
| ଜେଡିୟୁ | ୮୫ | ୪୩ | +୪୨ |
| ଅନ୍ୟାନ୍ୟ | ୨୮ | ୦୮ | +୨୦ |
| ମହାମେଣ୍ଟ | ୩୫ | ୧୧୦ | -୭୫ |
| ଆରଜେଡି | ୨୫ | ୭୫ | -୫୦ |
| କଂଗ୍ରେସ | ୦୬ | ୧୯ | -୧୩ |
| ଅନ୍ୟାନ୍ୟ | ୦୪ | ୧୬ | -୧୨ |

ବିବାଦର ସମାଧାନ କରାଯାଇଥିଲା ଏବଂ କଂଗ୍ରେସକୁ ନଇଁବାକୁ ପଡ଼ିଥିଲା। ଅକ୍ଟୋବର ୨୩ରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। କିନ୍ତୁ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସଂଶୟ ରହିଥିଲା।

- **ମହାମେଣ୍ଟ ପାଇଁ କାଳ ହେଲା ଆସନ କଳି**
- **ମୁହଁ ମାଡ଼ି ପଡ଼ିଗଲା ମହାମେଣ୍ଟ;**
- **ଆର୍‌ଜେଡିର ବୃହତ ପରାଜୟ; ଅବନତିର ଧାରାରେ କଂଗ୍ରେସ**

ତେବେ ନୀତୀଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବୁ ବୋଲି ବିଜେପି ନେତାମାନେ କହିଥିଲେ। ମହାମେଣ୍ଟରେ ଝଗଡ଼ା ଯୋଗୁଁ ମତଦାନ ପୂର୍ବରୁ ଏନଡିଏ ଆଗରେ ରହିଥିଲା। ପ୍ରଥମେ ଏନ୍‌ଡିଏରେ ମଧ କଳି ଲାଗି ରହିଥିଲା। କିନ୍ତୁ ସମୟପୂର୍ବରୁ ଏହାର ସମାଧାନ କରିଦିଆଯାଇଥିଲା। ଉପେନ୍ଦ୍ର କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ କହି ବିବାଦର ଅନ୍ତ କରିଦିଆଯାଇଥିଲା। ତେଣୁ ପ୍ରଥମେ ଏନ୍‌ଡିଏରେ ସବୁ କିଛି ଠିକ୍ ନ ଥିବା କହିଥିବା ଉପେନ୍ଦ୍ର ପରେ ଶାନ୍ତ ରହିଥିଲେ।

ବିହାର ନିର୍ବାଚନରେ ଆରଜେଡି ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିହାରର ଏହି ମୁଖ୍ୟ ବିରୋଧୀ ଧଳ ବୃହତ ଦଳରୁ ତଳ ଆଡୁ ଦ୍ୱିତୀୟ ଦଳରେ ପରିଣତ ହୋଇଯାଇଛି। ମାତ୍ର ୫ ବର୍ଷ ଭିତରେ ଆରଜେଡିର ଏଭଳି ଅବସ୍ଥା ହୋଇଛି। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡି ୧୪୩ଟି ଆସନରେ ଲଢ଼ି ମାତ୍ର ୨୫ଟିରେ ବିଜୟୀ ହୋଇଛି। ଏହା ଦଳ ପାଇଁ ସବୁଠାରୁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହି ଫଳାଫଳ ସହିତ ଆରଜେଡି ସବୁଠାରୁ ଖରାପ ପ୍ରଦର୍ଶନ କରିବା ଥିବା ଦ୍ୱିତୀୟ ଦଳ ହୋଇଯାଇଛି। ୨୦୦୫ ବିଧାନସଭା ନିର୍ବାଚନରେ ଆରଜେଡି ୫୫ଟି ଆସନ ପାଇଥିଲା। ସେ ସମୟରେ ଜଙ୍ଗଲରାଜକୁ ନେଇ ଆରଜେଡିକୁ ଚାରିଆଡେ ସମାଲୋଚନା କରାଯାଉଥିଲା। ସେତେବେଳେ ଜନ ବିରୋଧୀ ଆକ୍ରୋଶ, ରାବ୍ରୀ ଦେବୀଙ୍କ ନେତୃତ୍ୱକୁ ତୀବ୍ର ବିରୋଧ ସତ୍ତ୍ୱେ ଆରଜେଡି ୫୫ଟି ଆସନ ଜିତିଥିଲା। ତେବେ ୨୦୧୦ରେ ଏହି ଦଳ ମୋଟ ୨୨ଟି ଆସନ ପାଇଥିଲା। ୨୦ ବର୍ଷ ବିତିଯିବା ପରେ ଏବଂ ଅନେକ ଥର ନୀତୀଶ କୁମାରଙ୍କ ପଟ ପରିବର୍ତ୍ତନ ସତ୍ତ୍ୱେ ବିଜେପି ଏବଂ ଜେଡିୟୁ ପୁଣିଥରେ ବିଜୟୀ ହୋଇଛନ୍ତି। ୧୯୯୭ରେ ଆରଜେଡି ପ୍ରତିଷ୍ଠା ହେବା ପରେ ଚଳିତ ଥର ତେଜସ୍ୱୀଙ୍କ ନେତୃତ୍ୱରେ ଏହି ଦଳ ନିର୍ବାଚନ ଲଢ଼ିଥିଲା। କିନ୍ତୁ ସେ ଦଳ ପାଇଁ କୌଣସି ଚମତ୍କାର କରିପାରି ନାହାନ୍ତି।

## ମହାମେଣ୍ଟରୁ ୮୫ ଆସନ ଛଡ଼ାଇ ଆଣିଲା ଏନ୍‌ଡିଏ

ପାଟନା, ୧୪।୧୧ (ଏଜେନ୍ସି): ବିହାରରେ ୨୦ ବର୍ଷର ସରକାର ବିରୋଧୀ ଭାବନାକୁ ଭାଙ୍ଗି ପୁଣି ଥରେ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ବିଜେପି ୧୦୧ଟି ଆସନରେ ଲଢ଼ି ୮୯ଟିରେ ବିଜୟୀ ହୋଇଛି।



ଏହି ଦଳର ଷ୍ଟ୍ରାଇକ୍ ରେଟ ୯୦ ପ୍ରତିଶତ ରହିଛି। ଏହା ସହିତ ବିଜେପି ବିହାରରେ ବଡ଼ ଭାଇ ହୋଇଯାଇଛି। ଏହି ଦଳ ନୀତୀଶଙ୍କ ଜେଡିୟୁର ବିନା ସମର୍ଥନରେ ବି ସରକାର ଗଢ଼ିବାକୁ ସକ୍ଷମ। ସେହିପରି ଜେଡିୟୁ ୮୫ ଆସନରେ ବିଜୟୀ ହୋଇ ଦୁଇ ନମ୍ବର ସ୍ଥାନରେ ରହିଛି। ରାତି ସୁଦ୍ଧା ଏନ୍‌ଡିଏ ମେଣ୍ଟ ୨୦୨ଟି ଆସନରେ ଆଗୁଆ ରହିଛି। ଏହା ଗତ ଥର ତୁଳନାରେ ୭୭ ଅଧିକ। ସେହିପରି ମହାମେଣ୍ଟ ୧୧୦ରୁ ହ୍ରାସ ପାଇ ୩୫କୁ ଖସି ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ୧୨ରୁ ୫ଟି ଗଡ଼କୁ ଏନ୍‌ଡିଏ ଭୁଶୁଡ଼ାଇ ଦେଇଛି। ଗତ ୧୫ ବର୍ଷ ହେଲା ଏହି ୧୨ଟି ଆସନରେ କ୍ରମାଗତ ଭାବେ ଆରଜେଡି ଏବଂ କଂଗ୍ରେସ ବିଜୟୀ ହୋଇ ଆସୁଥିଲେ। ଚଳିତ ଥର ମହାମେଣ୍ଟ ଜିତିଥିବା ୮୫ଟି ଆସନକୁ ଏନ୍‌ଡିଏ ଛଡ଼େଇ ନେଇଛି। ଏନ୍‌ଡିଏ ୮୬ଟି ନୂଆ ଆସନ ହାତେଇଥିବାବେଳେ ନିଜର ୯୩ ପ୍ରତିଶତ ସିଟ୍‌କୁ ବଜାୟ ରଖିଛି।

ବିହାରର ସବୁ ୬ କ୍ଷେତ୍ରରେ ଏନ୍‌ଡିଏ ନିଜ କ୍ଷମତା ବଢ଼ାଇଛି। ତିରହୁତ-ମଗଧରୁ ଅଧିକ ୪୦ଟି ଆସନ ଜିତିଛି। ତିରହୁତର ୬୪ରୁ ୫୫ଟି, ମିଥିଳାଞ୍ଚଳର ୪୬ରୁ ୩୯ଟି, ମଗଧର ୪୯ରୁ ୩୯ଟି, ଶାହାବାଦର ୨୨ରୁ ୧୯ଟି, ଅଙ୍ଗ ପ୍ରଦେଶର ୨୫ରୁ ୨୪ଟି ଏବଂ ଗୁରୁତ୍ୱପୂର୍ଣ୍ଣ ସୀମାଞ୍ଚଳ ଓ କୋସିର ୩୭ଟି ଆସନରୁ ୨୬ଟି ହାତେଇଛି। ଗତ ନିର୍ବାଚନରେ ଏହି କ୍ଷେତ୍ରରେ ଏନ୍‌ଡିଏ ୨୨ଟି ଆସନ ଜିତିଥିଲା।

## ସାନ ଭାଇ ଜିତିଲେ; ବଡ଼ ହାରିଲେ

ପାଟଣା, ୧୪।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସୁନାମୀରେ ବହୁ ନାମୀଦାମୀ, ହେଭିୱେଟ୍ ତଥା ହାଇପ୍ରୋଫାଇଲ ନେତା ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ। ସେ ମହୁଆ ଆସନରୁ ଜନଶକ୍ତି ଜନତା ଦଳ ତରଫରୁ ନିବାଚନରେ ଅବତୀର୍ଣ୍ଣ ହୋଇ ୩୫, ୭୦୩ ଭୋଟ୍ ପାଇଁ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ) ପ୍ରାର୍ଥୀ ସଞ୍ଜୟ କୁମାର ସିଂଙ୍କଠାରୁ ୫୧, ୯୩୮ ଭୋଟରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ରହିଛନ୍ତି। ସଞ୍ଜୟ ୮୭, ୬୪୧ ଭୋଟ ପାଇଛନ୍ତି। ଆରଜେଡିର ମୁକେଶ କୁମାର ରୋଶନ ୪୨, ୬୪୪ ଭୋଟି ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଲାଲୁଙ୍କ ସାନ ପୁଅ ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ରାଧେପୁର ଆସନରେ ବିଜୟୀ ହୋଇଛନ୍ତି। ସେ ୧୪, ୫୩୨ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସତୀଶ କୁମାରଙ୍କୁ ପରାସ୍ତ କରିଛନ୍ତି।

ସେହିପରି ବାହୁବଳୀ ତଥା ଜେଲ୍‌ରେ ଥିବା ଜେଡିୟୁର ଅନନ୍ତ କୁମାରୀ ସିଂ ୨୮, ୨୦୬ ଭୋଟ୍‌ରେ ମୋକାମା ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରଜେଡିର ବିଣା ଦେବୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜମୁଇରେ ବିଜେପିର ଶ୍ରେୟାସୀ ସିଂ ୫୪, ୪୯୮ ଭୋଟ୍‌ରେ ଆରଜେଡିର ମହମ୍ମଦ ସମସାଦ ଆଲମଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ବିଜେପିର ହେଭିୱେଟ୍ ନେତା ସମ୍ରାଟ ଚୌଧୁରୀ ବୃହତ ୪୫, ୮୪୩ ଭୋଟ୍‌ରେ ଆରଜେଡିର ଅରୁଣ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଭୋଜପୁରୀ ସିନେମା



ତାରକା ଖେସାରୀ ଲାଲ ଯାଦବ ମଧ ଛପରା ଆସନରେ ବିଜେପିର ଛୋଟି କୁମାରୀଙ୍କଠାରୁ ପରାସ୍ତ ହୋଇଛନ୍ତି। ଜଣାଶୁଣା ତାରକା ଗାୟିକା ମୈଥିଳି ଠାକୁର ଅଲିନଗର ଆସନରେ ୧୧, ୭୩୦ ଭୋଟ୍‌ରେ ଆରଜେଡି ବିନୋଦ ମିଶ୍ରାଙ୍କୁ ପରାସ୍ତ କରିଛନ୍ତି। ବିଜେପିର ବିଜୟ କୁମାର ସିହ୍ନା ଲଖିସରାୟ ଆସନରେ କଂଗ୍ରେସର ଅମରେଶ କୁମାରଙ୍କୁ ପରାସ୍ତ କରିଛନ୍ତି। ଚନପଟିଆ ଆସନରେ ମନୀଷ କାଶ୍ୟପ ଜନସୁରାଜ ପାର୍ଟିରୁ ଲଢ଼ି ପରାସ୍ତ ହୋଇଛନ୍ତି। ବିଜେପିର ମଙ୍ଗଲ ପାଣ୍ଡେ ସବାନ ଆସନରୁ ଆରଜେଡିର ଅବଧବିହାରୀ ଚୌଧୁରୀଙ୍କୁ ୯, ୩୭୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅଭିନେତା ପବନ ସିଂହଙ୍କ ପତ୍ନୀ ଜ୍ୟୋତି ସିଂହ କାରାକଟରୁ ସ୍ୱାଧୀନ ଭାବେ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ମହମ୍ମଦ ଶାହବୁଦ୍ଦିନଙ୍କ ପୁଅ ଓସାମା ଶହାବ ରଘୁନାଥପୁର ଆସନରେ ୯, ୨୪୮ ଭୋଟ୍‌ରେ ଜେଡିୟୁର ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ: ମାଟିରେ ମିଶାଇ ଦିଆଗଲା ଆତଙ୍କବାଦୀ ଉମର୍‌ର ଘର

ନୂଆଦିଲ୍ଲୀ, ୧୪।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବିସ୍ଫୋରଣ ସହ ଏବେ ହରିୟାଣାର ନୁହ (ମେବାତ) ଜିଲ୍ଲାର ପିନଗବାଁ ଅଞ୍ଚଳ ଜଡିତ ହୋଇଛି। ବିସ୍ଫୋରଣ ମାମଲାରେ ଯାଞ୍ଚ କରୁଥିବା ଦିଲ୍ଲୀର ଏଜେନ୍ସିଗୁଡିକ ନୁହର ସାର ବିକ୍ରେତା ଦୀନେଶ ସିଙ୍ଗଲା ଉରଫ୍ ଡବୁକୁ ପଚରାଉଚରା କରିବା ସହ ତାକୁ ଗିରଫ କରିଛି। ଡବୁ ଅଲ ଫଲାହ ବିଶ୍ୱ ବିଦ୍ୟାଳୟର ଡାକ୍ତର ମୁଜାମ୍ମିଲ ସକିଲକୁ ବିନା କୌଣସି ରେକର୍ଡରେ ଆମୋନିୟମ ନାଇଟ୍ରେଟ୍ ଭଳି ବସ୍ଫୋରକ ପଦାର୍ଥ ଉପଲବ୍ଧ କରାଇଥିଲେ। ଏହାପୂର୍ବରୁ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷ ଡା ଉମର ନବୀର ପୁଲବାମାସ୍ଥିତ ବାସଗୃହକକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଉମର ଲାଲ୍‌କିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲା। ଡିଏନ୍ଏ ପରୀକ୍ଷା ମାଧମରେ ଏହା ସ୍ପଷ୍ଟ ହୋଇଛି। ସୁରକ୍ଷାବଳ ଉମରର ଘରକୁ ଆଇଇଡି ଦ୍ୱାରା ବିସ୍ଫୋରଣରେ ଉଡାଇ ଦେଇଛି। ତା ପାଖରେ ଆମୋନିୟମ ନାଇଟ୍ରେଟ ରଖିବାର ଲାଇସେନ୍ସ ନ ଥିଲା। ଏହାକୁ ବିସ୍ଫୋରଣ ଘଟାଇବାରେ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି। ଉମର ବିସ୍ଫୋରଣ ବେଳେ କାର୍‌ରେ ଥିଲା। ସେ ପୁଲୱାମାର କୋଇଲ ଅଞ୍ଚଳରେ ରହୁଥିଲା। ଏପର୍ଯ୍ୟନ୍ତ ୫୦୦ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରା ଉଚରା କରାଯାଇଛି। ସେପଟେ ନୁହର ଜଣେ ଡାକ୍ତରଙ୍କୁ ମଧ ଏହି ମାମଲାରେ ଗିରଫ କରାଯାଇଛି। ଫଳରେ ମୁଖ୍ୟ ଅଭିଯୁକ୍ତଙ୍କ ସଂଖ୍ୟା ଏବେ ୯ ରେ ପହଞ୍ଚିଛି।

## ୧୫୦ କିମି ବେଗରେ ଖାଇକୁ ଖସିଲା କାର୍; ୫ ମୃତ

ରତଲାମ, ୧୪।୧୧(ଏଜେନ୍ସି): ମଧ୍ୟପ୍ରଦେଶର ରତଲାମ୍‌ରେ ନିୟନ୍ତ୍ରଣ ହରାଇ ଏକ କାର୍ ଖାଇକୁ ଖସିପଡ଼ିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୫ ବର୍ଷର ପିଲା ଓ ୬୦ ବର୍ଷର ଜଣେ ବରିଷ୍ଠ ନାଗରିକ ସାମିଲ ଅଛନ୍ତି। ସିସିଟିଭି କ୍ୟାମେରାରେ ଏହି ମର୍ମନ୍ତୁଦ ଦୁର୍ଘଟଣାର ଦୃଶ୍ୟ ରେକର୍ଡ ହୋଇଛି। ରତଲାମ ଜିଲ୍ଲାର ରାବଟି ଥାନା ଅନ୍ତର୍ଗତ ଭୀମପୁରା ଗାଁ ନିକଟରେ ମାହି ନଦୀ ପୋଲ ପୂର୍ବରୁ ଶୁକ୍ରବାର ସକାଳ ୭ଟାରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ରେଲିଂ ଭାଙ୍ଗି ଏହି ମହିନ୍ଦ୍ରା ଏସ୍‌ୟୁଭି ୭୦୦ ଗାଡି ଯାଇ ତଳେ ପଡ଼ିଥିଲା। ଡ୍ରାଇଭରଙ୍କୁ ହାଲ୍‌କା ନିଦ ଆସିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। କାର୍‌ରେ ବସିଥିବା ୪ ଜଣ ମୁମ୍ବାଇର ଓ ଜଣେ ଗୁଜରାଟ ଭଦୋଦରାର ବାସିନ୍ଦା। ସମସ୍ତେ ଦିଲ୍ଲୀରୁ ମୁମ୍ବାଇ ଯାଉଥିଲେ। ସମସ୍ତଙ୍କ ମୃତଦେହ ରତଲାମ ମେଡିକାଲ କଲେଜରେ ରଖାଯାଇଛି। ଦୁର୍ଘଟଣା ସ୍ଥଳିର ୧୦ ଫୁଟ୍ ଦୂରରେ ସ୍ପିଡ୍ ଗନ୍ ଲଗାଯାଇଛି ବୋଲି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ନିର୍ଦ୍ଦେଶକ ସନ୍ଦୀପ ପଟିଦାର କହିଛନ୍ତି। କାର୍‌ର ଗତି ଘଣ୍ଟାପ୍ରତି ୧୫୦ କିମି ଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି।



ବିହାର ବିଜୟ ପରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିକାଶ ଓ ସୁଶାସନର ବିଜୟ: ମୋଦୀ

ବିହାର ଲୋକମାନେ ବିଜୟ ବାନା ଉଡ଼ାଇଛନ୍ତି। ରାଜ୍ୟରେ ସୁଶାସନ, ବିକାଶ, ଜନକଲ୍ୟାଣ ଭାବନା ଏବଂ ସାମାଜିକ ନ୍ୟାୟର ବିଜୟ ହୋଇଛି। ବିହାର ଲୋକେ ଏନଡିଏକୁ ଅଭୂତପୂର୍ବ ଏବଂ ଐତିହାସିକ ବିଜୟର ଆଶୀର୍ବାଦ ଦେଇଛନ୍ତି। ଆଉ କେବେ ବି ରାଜ୍ୟକୁ ଜଙ୍ଗଲରାଜର ସରକାର ଫେରିବ ନାହିଁ। ଯେଉଁମାନେ ଛଟ୍ ପୂଜାକୁ ଡ୍ରାମା କହୁଥିଲେ, ସେମାନଙ୍କୁ ଜବାବ ମିଳିଛି। ବିଜେପି ମୁଖ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଗଙ୍ଗା ମାତା ବିହାରରୁ ପ୍ରବାହିତ ହୋଇ ପଶ୍ଚିମବଙ୍ଗ ଯାଉଛନ୍ତି। ପଶ୍ଚିମବଙ୍ଗରେ ବିଜେପିର ବିଜୟ ମାର୍ଗକୁ ବିହାର ପ୍ରଶସ୍ତ କରିଦେଇଛି। ବିଜେପି ଆପଣଙ୍କ ସହ ମିଶି ପଶ୍ଚିମବଙ୍ଗର ଜଙ୍ଗଲରାଜ ସରକାରକୁ ଭୁଶୁଡ଼ାଇ ଦେବ।

## ନିର୍ବାଚନ ନିରପେକ୍ଷ ନ ଥିଲା: ରାହୁଲ

ମହାମେଣ୍ଟ ଉପରେ ବିଶ୍ୱାସ ପ୍ରକଟ କରିଥିବା କୋଟି କୋଟି ମତଦାତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ବିହାର ବିଧାନସଭା ନିର୍ବାଚନ ଫଳାଫଳ ଚକିତ କରିଦେଇଛି। ଆମେ ଏଭଳି ଏକ ନିର୍ବାଚନରେ ବିଜୟୀ ହୋଇପାରିଲୁ ନାହିଁ, ଯାହା ପ୍ରାରମ୍ଭରୁ ନିରପେକ୍ଷ ନ ଥିଲା। ଏହି ଲଢ଼େଇ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଥିଲା। କଂଗ୍ରେସ ଏବଂ ମହାମେଣ୍ଟ 'ଇଣ୍ଡିଆ' ଏହି ଫଳାଫଳର ସମୀକ୍ଷା କରିବ ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଚାଲିଥିବା ପ୍ରୟାସକୁ ଅଧିକ ପ୍ରଭାବୀ କରାଯିବ ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

# ବାଂଲାଦେଶରେ ପୁଣି ତେଜିଲା ହିଂସା

ଢ଼ାକା, ୧୪।୧୧(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ କୋର୍ଟ ରାୟ ଦେବା ପୂର୍ବରୁ ସାରା ଦେଶରେ ହିଂସା ବୃଦ୍ଧି ପାଇଛି। ହାସିନାଙ୍କ ପାର୍ଟି ଅୱାମୀ ଲିଗ୍ କୋର୍ଟଙ୍କ ସମ୍ଭାବ୍ୟ ରାୟକୁ ବିରୋଧ କରି ସାରା ଦେଶରେ ଲକ୍‌ଡାଉନ୍ ପାଇଁ ଆହ୍ୱାନ ଦେଇଛି। କିନ୍ତୁ ଅୱାମୀ ଲିଗ୍‌କୁ ବିରୋଧ କରି ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଓ ବାଂଲାଦେଶ ଜମାତ-ଇ-ଇସ୍‌ଲାମୀ କାର୍ଯ୍ୟକର୍ତ୍ତାମାନେ ରାଜଧାନୀ ଢ଼ାକାର କିଛି ଅଞ୍ଚଳରେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହାକୁ ନେଇ ବାଂଲାଦେଶ ପୁଣି ଅଶାନ୍ତ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରେ ଆଜି ଦିନକେ ୩୨ଟି ସ୍ଥାନରେ ବୋମା ବିସ୍ଫୋରଣ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ୧୨ଟି ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଢ଼ାକା ବିମାନ ବନ୍ଦର ନିକଟରେ

**୩୨ଟି ସ୍ଥାନରେ ବୋମା ବିସ୍ଫୋରଣ**

**୧୨ଟି ବସ୍‌ରେ ନିଆଁ ଲଗାଇଦେଲେ**

ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। କିନ୍ତୁ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଢାକା ସମେତ କେତୋଟି ବଡ଼ ସ୍କୁଲରେ କ୍ଲାସକୁ ଅନଲାଇନ୍ କରାଯାଇଛି। ସାଧାରଣ ଗମନାଗମନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜଧାନୀ ଢାକାରେ ୪୦୦ ପାରା ମିଲିଟାରୀ ଯବାନଙ୍କୁ ନିୟୋଜିତ କରାଯାଇଛି।

ଉଲ୍ଲେଖଥାଉ କି ସୁପ୍ରିମକୋର୍ଟ ନଭେମ୍ବର ୧୭ରେ ହସିନାଙ୍କ ବିରୋଧରେ ଚାଲିଥିବା ମାନବୀୟ ଅପରାଧ ମାମଲା ବିରୋଧରେ ରାୟ ଶୁଣାଇବେ। ୨୦୨୪ରେ ଛାତ୍ର ଆନ୍ଦୋଳନ ଅବସରରେ ହସିନା ହିଂସା ପାଇଁ ଉସ୍‌କାଇଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ହସିନା ଏହି ମାମଲାଗୁଡିକୁ ମିଥ୍ୟା ବୋଲି କହି ଆସିଛନ୍ତି। ଏହି ହିଂସା ପରେ ହସିନାଙ୍କୁ ଶାସନରୁ ଛାତ୍ର ଆନ୍ଦୋଳନ ମାଧ୍ୟମରେ ହଟାଇ ଦିଆଯାଇଥିଲା। ସେ ଏବେ ଭାରତରେ ଆଶ୍ରୟ ନେଇଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ଏ ବିଜୟ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ: ମୋହନ

ଭୁବନେଶ୍ୱର, ୧୪।୧୧ (ସମିସ): ନୂଆପଡ଼ା ଓ ବିହାରରେ ବଡ଼ ବିଜୟ ପରେ ବିଜୟ ଉତ୍ସବ ପାଳିଛି ବିଜେପି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳୀୟ ନେତା ଓ କର୍ମୀ ଏକାଠି ହୋଇ ବିଜୟ ଉତ୍ସବ ପାଳନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଏକ ଐତିହାସିକ ଦିନ ଓ ସ୍ମରଣୀୟ ମୁହୂର୍ତ୍ତ।



### ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ

ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ବିଜେପି ଇତିହାସ ସୃଷ୍ଟି ହୋଇଛି। ନୂଆପଡ଼ା ଉପନିର୍ବାଚନରେ ବିଜେପିକୁ ବିପୁଳ ସମର୍ଥନ ଜଣାଇଥିବା ଅଂଶୀଦାରମାନଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସହାୟକ ହେବ। ବିଜେପି ରାଜନୈତିକ ଉଦ୍ଦେଶ୍ୟ ନୁହେଁ; ସେବା ମନୋଭାବ ନେଇ ଆଗକୁ ବଢ଼ୁଛି। ଏହି କାରଣରୁ ନୂଆପଡ଼ାବାସୀ ସମର୍ଥନ ଦେଇଛନ୍ତି। ନୂଆପଡ଼ାର ବିକାଶ ନିଶ୍ଚୟ ହେବ ବୋଲି ପ୍ରତିଶ୍ରୁତି ଦେବା ସହ ବିହାରରେ ବିଜେପିର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ବିଜେପିର ଐତିହାସିକ ଏବଂ ବିଶାଳ ବିଜୟ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ନୂଆପଡ଼ାର ଜନସାଧାରଣ ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ବିଜୟ କେବଳ ଏକ ନିର୍ବାଚନୀ ସଫଳତା ନୁହେଁ; ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ବିକାଶର ଏଜେଣ୍ଡା ଏବଂ ସୁଶାସନ ପ୍ରତି ଜନସାଧାରଣଙ୍କ ଅଟଳ ବିଶ୍ୱାସର ଏକ ପ୍ରମାଣ। ଏହି ବିଜୟ ଦଳର ସମସ୍ତ କର୍ମୀ, ପଦାଧିକାରୀ ଏବଂ ଜନସାଧାରଣଙ୍କ ନିରନ୍ତର ପରିଶ୍ରମ ଓ ଆସ୍ଥାର ଫଳ। ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଅଭିନନ୍ଦନ ସହ ନୂଆପଡ଼ାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ସାମଲ ତାଙ୍କୁ ଆହ୍ୱାନ ଦେଇଛନ୍ତି।

# ଜନମତକୁ ଏପଟସେପଟ କରାଯାଇଛି: ଦେବୀ ମିଶ୍ର

ଭୁବନେଶ୍ୱର,୧୪।୧୧(ସମିସ): ସରକାରୀ କଳ ଏବଂ ବଳ ଦ୍ୱାରା ବିଜେପି ନିର୍ବାଚନ ବିଜୟ ହାସଲ କରିଛି। ଅନେକ ସମସ୍ୟା ନେଇ ନୂଆପଡ଼ାବାସୀ ମୁହଁ ଖୋଲୁଥିଲେ। ହେଲେ ୯ ତାରିଖ ସକାଳ ପର୍ଯ୍ୟନ୍ତ ବିଜେଡି ସପକ୍ଷରେ ଥିବା ଜନାଦେଶ ପରିବର୍ତ୍ତନ ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ବିଜେଡି ଅନେକ ଉପନିର୍ବାଚନ ସାମ୍ନା କରିଛି।



ଏଥିରେ ଦଳ ଅନେକ ଉପନିର୍ବାଚନ ଜିତିଛି ଓ ହାରିଛି। ହେଲେ ନୂଆପଡା ଉପନିର୍ବାଚନ ଫଳାଫଳ କିଛି ଅଲଗା ଆଭାସ ଦେଉଛି। ସେ କହିଛନ୍ତି ଦଳ ତରଫରୁ ଯାହା ଆମେ ଆଶଙ୍କା କରିଥିଲୁ, ତାହା ସତ ପ୍ରମାଣିତ ହୋଇଛି। ଜନମତକୁ ଏପଟସେପଟ କରାଯାଇଛି। ସାଇଲେଣ୍ଟ ପିରିଅଡରେ ଶାସକ ଦଳ ପକ୍ଷରୁ ବ୍ୟବହାର ହୋଇଛି। ଶାସକ ଦଳ ଓ ସରକାରୀ କଳ ସାଇଲେଣ୍ଟ ପିରିଅଡକୁ ମ୍ୟାନୁପୁଲେସନ କରିଛନ୍ତି। ଏହାର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ଲୋକଙ୍କ ଭାବନା ଏତେ ବଡ଼ ପରିବର୍ତ୍ତନ ଚକିତ କରିଛି। ୯ ତାରିଖ ସକାଳ ଯାଏ ଯେଉଁ ମତ ଥିଲା, ତାହା ପରିବର୍ତ୍ତନ ହୋଇଛି। ଏହା ହିଁ ଚକିତ କରୁଛି। ଜନସାଧାରଣ ଜାଣିଛନ୍ତି ନବୀନ ବାବୁ ଓଡ଼ିଶାର ପ୍ରିୟତମ ନେତା। ନୂଆପଡାରେ ଅନୁକମ୍ପା ଅପେକ୍ଷା ଟ୍ରିପଲ ଇଞ୍ଜିନ ସରକାରର ମଇକ୍ରୋ ମ୍ୟାନେଜମେଣ୍ଟ ଫଳାଫଳକୁ ପ୍ରଭାବିତ କରିଛି। ଓଡିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କ କଳ ଓ ବଳ ଲାଗିଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକ ମଧ ନିରବଦ୍ରଷ୍ଟା ସାଜିଥିଲେ। ଛତିଶଗଡ଼କୁ ଲାଗି ରହିଥିବା ନୂଆପଡାର ଅଞ୍ଚଳରେ ପୂର୍ବରୁ ମଧ ପଛରେ ରହୁଥିଲା। ଉପନିର୍ବାଚନରେ ଏତେ ସଂଖ୍ୟକ ଭୋଟ ପଡ଼ିବା ନଜିର ନାହିଁ। ଉପନିର୍ବାଚନରେ ୮୩ ପ୍ରତିଶତରୁ ଅଧିକ ଭୋଟିଂ ହେବା ସନ୍ଦେହ ସୃଷ୍ଟି କରୁଛି। ୪୧ ବୁଥରେ ହାରାହାରି ୯୧ରୁ ୯୪ ପ୍ରତିଶତ ଭୋଟିଂ ହୋଇଛି। ଭୋଟିଂ ବୁଥକୁ ସିଜ କରିବା ଅଭିଯୋଗ ମଧ ଆସିଛି। ଦାଦନ ଭାବରେ କାମ କରୁଥିବା ଲୋକଙ୍କ ନାଁରେ ଭୋଟ ଦିଆଯାଇଥିବା ସନ୍ଦେହ ହେଉଛି। ନହେଲେ ଏତେ ପରିମାଣର ଭୋଟିଂ ହୋଇନଥାନ୍ତା। ଏହାକୁ ତଦନ୍ତ କଲେ ଜଣାପଡିବ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ଭୋଟ ଦେଲେ ଭଲ। ମାତ୍ର ଲୋକ ନଆସି ଭୋଟ ପଡିଲେ ଭୟଙ୍କର ହୁଏ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଅର୍ଥ ବଳର ନଗ୍ନ ପ୍ରଦର୍ଶନ କରି ଶାସକ ଦଳ ନିର୍ବାଚନ ଜିତିଲା: କଂଗ୍ରେସ

ଭୁବନେଶ୍ୱର,୧୪।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ହୋଇଛି। ବିଜୟୀ ପ୍ରାର୍ଥୀ ଦଳକୁ କଂଗ୍ରେସ ଅଭିନନ୍ଦନ ଜଣାଇଥିଲେ ମଧ ଏହି ବିଜୟକୁ ଦଳ ସହଜରେ ଗ୍ରହଣ କରିପାରୁ ନାହିଁ। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ନୂଆପଡ଼ା ଉପନିର୍ବାଚନରେ ଶାସକ ଦଳ ଯେପରି ଅର୍ଥ ବଳର ନଗ୍ନ ପ୍ରଦର୍ଶନ କଲା, ତାହା ଭାରତୀୟ ନିର୍ବାଚନୀ ଇତିହାସରେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ଆୟୋଗ ଓ ଅଧିକାରୀମାନଙ୍କ ବ୍ୟାପକ ପକ୍ଷପାତିତା ବଳରେ ଶାସକ ଦଳ ପ୍ରାର୍ଥୀ ପୁଲିସ ଓ ପ୍ରଶାସନକୁ ବ୍ୟବହାର କରି ଭୋଟରମାନଙ୍କୁ ପ୍ରଲୋଭିତ କରାଇବାରେ ସକ୍ଷମ ହେଲେ। ଆଦର୍ଶ ଆଚରଣ ବିଧି ବାରମ୍ବାର ଖୋଲାଖୋଲି ଉଲଂଘନ ହେଉଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଲେ।

ଅନ୍ୟପଟେ ପୂର୍ବରୁ ନିକଟ ଅତୀତରେ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନଗୁଡିକରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏ ଥରର ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହା କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାର ପ୍ରମାଣ ବୋଲି ଦଳର ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି। ସେ କହିଛନ୍ତି, ଏହା ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ଯେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ। ସମସ୍ତଙ୍କ ମଧ୍ୟରୁ ଯୋଗ୍ୟତମ ପ୍ରାର୍ଥୀ ଘାସିରାମ ମାଝୀ ଏଥର କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ମୂଳରୁ ହିଁ ତାଙ୍କ ବିଜୟ ଆଶା ଉଜ୍ଜ୍ୱଳ ଥିଲା। ତେବେ ନୂଆପଡ଼ାରେ ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ହେବା ଯୋଗୁଁ ଏଠାରେ ବିଜେପି ଜିତିଲା। ପ୍ରତିକୂଳ ପରିସ୍ଥିତିରେ କଂଗ୍ରେସ ସପକ୍ଷରେ ରହିଥିବା ଭୋଟର ଓ ନିର୍ବାଚନରେ ଅକ୍ଳାନ୍ତ ପରିଶ୍ରମ କରିଥିବା କଂଗ୍ରେସର ନେତୃବୃନ୍ଦ ଓ କର୍ମୀଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି।

# ୬ ଡିଗ୍ରୀକୁ ଖସିଲା ପାରଦ

### ସେମିଳିଗୁଡ଼ା ସବୁଠୁ ଥଣ୍ଡା

ଭୁବନେଶ୍ୱର, ୧୪।୧୧ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ଜାରି ରହିଛି। କ୍ରମାଗତ ଭାବେ ତାପମାତ୍ରା ହ୍ରାସ ପ୍ରଭାବରେ ଚଳିତବର୍ଷ ରାଜ୍ୟରେ ପ୍ରଥମଥର ପାଇଁ କିଛି ସ୍ଥାନରେ ଶୀତ ଲହରୀ ଅନୁଭୂତ ହୋଇଛି। ଲଗାତାର ଦୁଇ ଦିନ ହେବ, ଭୁବନେଶ୍ୱର ଓ ଫୁଲବାଣୀରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ଡିଗ୍ରୀ ତଳେ ରହିଥିବା ହେତୁ ଏଠାରେ ଶୀତ ଲହରୀ ସୃଷ୍ଟି ହୋଇଛି। ଏହାବ୍ୟତୀତ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ପାରଦ ୬ ଡିଗ୍ରୀ ଛୁଇଁଛି। କୋରାପୁଟର ସେମିଳିଗୁଡ଼ାଠାରେ ତାପମାତ୍ରା ସର୍ବନିମ୍ନ ୬.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଜି. ଉଦୟଗିରିରେ ୭, ଦାରିଙ୍ଗବାଡ଼ିରେ ୭.୫, ଫୁଲବାଣୀରେ ୮.୨, ଝାରସୁଗୁଡ଼ା ଓ ଚିପିଲିମାରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱର ଓ କଟକରେ ତାପମାତ୍ରା ୧୪.୮ ଡିଗ୍ରୀ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହା ପରେ କିଛି କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିପାରେ।

# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

କାମାକ୍ଷାନଗର, ୧୪।୧୧(ସମିସ): ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ। କାମାକ୍ଷାନଗର ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ କୁମାର ପାଣି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନିର୍ବନ୍ଧରେ ଭିଡିଓ ସୁଟିଂ କରିବାକୁ ଆସିଥିଲେ

ସୂଚନାନୁଯାୟୀ, ରାଜେଶ ତାଙ୍କ ଗାଁ ଛକରେ ଏକ ଭିଡିଓ ସୁଟିଂ ଦୋକାନ କରିଛନ୍ତି। ବିବାହ, ବ୍ରତ ଇତ୍ୟାଦିରେ ସୁଟିଂ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତକାଲି ସକାଳେ ଏକ ନିର୍ବନ୍ଧର ଭିଡିଓ ସୁଟିଂ ପାଇଁ ସେ ମୁକ୍ତାପଶି ଗ୍ରାମକୁ ଆସିଥିଲେ। ତେବେ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସବୁଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଆଜି ମୁକ୍ତାପଶି ଗାଁ ନିକଟରେ ଥିବା ମଠ ପୋଖରୀରୁ ରାଜେଶଙ୍କ ମୃତଦେହ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଏହାକୁ ଅଘଟଣ ଦର୍ଶାଇବା ପାଇଁ ଶବ ପୋଖରୀକୁ ଫିଙ୍ଗି ଦେଇଛି ବୋଲି ସେମାନେ କହିଛନ୍ତି। ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ପୋଖରୀ ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସବୁ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

### ତାରତମ୍ୟର ଶିକାର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ

# ପୋଷାକ, ମଧ୍ୟାହ୍ନଭୋଜନ, ସାଇକଲ୍ ଓ ବହିରୁ ବଞ୍ଚିତ

ଭୁବନେଶ୍ୱର,୧୪।୧୧(ସମିସ): ଅନୁଦାନଯୋଗ୍ୟ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ବୈମାତୃକ ମନୋଭାବର ଶିକାର ହେଉଛନ୍ତି। ସରକାରୀ ବିଦ୍ୟାଳୟର ପିଲାମାନେ ବହି, ପୋଷାକ, ମଧ୍ୟାହ୍ନଭୋଜନ, ସାଇକେଲ ଆଦି ପାଉଥିବାବେଳେ ଅନୁଦାନଯୋଗ୍ୟ ବିଦ୍ୟାଳୟର ପିଲାମାନେ ତହିଁରୁ ବଞ୍ଚିତ ହେଉଛନ୍ତି। ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ମଧ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଣୁ ଶିକ୍ଷାକୁ ପ୍ରୋତ୍ସାହିତ କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ସରକାରୀ ବିଦ୍ୟାଳୟ ପରି ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଦାବି କରାଯାଇଛି।

ସଂଘର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଅନୁଦାନଯୋଗ୍ୟ ବିଦ୍ୟାଳୟର ଓବିସି ଓ ଏସ୍‌ଇବିସି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ମିଳୁନାହିଁ। ପାଠ ପଢ଼ିବା ପାଇଁ ବହି ମଧ ପାଉ ନାହାନ୍ତି। ଶିକ୍ଷକ ଓ କର୍ମଚାରୀ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଛନ୍ତି। ଅଭାବ ଅନଟନ ସତ୍ତ୍ୱେ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷାଦାନ କରୁଥିଲେ ମଧ ଟଙ୍କାଟିଏ ଅନୁଦାନ ମିଳୁନାହିଁ। ତନ୍ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉକିଛି ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି। ତେଣୁ ଏହି ବର୍ଗର ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେଉଥିବା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବାର ବ୍ୟବସ୍ଥା ନ ଥିବାରୁ ଅବସର ପରଠାରୁ କୌଣସି ଅନୁଦାନ ପାଉ ନାହାନ୍ତି। ପୁଣି ନୂତନ ନିଯୁକ୍ତି ଦିଆଯାଉ ନଥିବାରୁ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ଅନୁରୂପ ଭାବେ ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଉଚିତ୍ ଦରମା ଦିଆଯାଉ ନାହିଁ। ଏଣୁ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଥିବା ତାରତମ୍ୟ ଦୂର କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

ଏହାସହ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ବା ନେଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନିକ୍ରିମେଣ୍ଟ, ପୁରାତନ ପେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ, ଗ୍ରେଡ ପେ' ଅସଙ୍ଗତି ଦୂରୀକରଣ ପରି ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର ଦାବି କରିଛନ୍ତି। ଏକାଧିକ ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ 'ଲୋଗୋ' ଉନ୍ମୋଚିତ

### ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୨ ହଜାର କୋଟି

ଭୁବନେଶ୍ୱର,୧୪।୧୧(ସମିସ): ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର 'ଲୋଗୋ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉନ୍ମୋଚନ କରିଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଏହାକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋଗୋର ମଧ୍ୟ ଭାଗରେ ଖୋଲା ପୁସ୍ତକ ସହ କଲମମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଉଥିବା ବେଳେ କଲମମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିଫଳିତ କରୁଛି। କଲମମୁନର ଉପରି ଭାଗରେ ଜଳୁଥିବା ମଶାଲ, ଜ୍ଞାନ ଓ ସତ୍ୟର ପ୍ରତୀକ ସଦୃଶ। ଏହା ଅଜ୍ଞାନତା ଦୂର କରି ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ।



ଓଡ଼ିଆ ସଂସ୍କୃତିକୁ ବହନ କରୁଥିବା ଏହି ଲୋଗୋ ଶିକ୍ଷାର ମହତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ। ମଶାଲ ଚାରିପାଖରେ ବିଚ୍ଛୁରିତ କିରଣ ନୈତିକ ଆଲୋକର ପ୍ରତୀକ। ସେହିପରି ବୃତ୍ତାକାର ରୂପ ଏକତା, ଅନ୍ତର୍ଭୁକ୍ତୀ ଏବଂ ସମନ୍ୱୟକୁ ପ୍ରତିଫଳିତ କରୁଥିବା ବେଳେ ତିନୋଟି ତାରା ଯଥାକ୍ରମେ ଜ୍ଞାନ, ଚରିତ୍ର ଓ ସେବାକୁ ପ୍ରତିନିଧିତ୍ୱ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ସାମାଜିକ ଏବଂ ଶୈକ୍ଷିକ କ୍ଷେତ୍ରରେ ସଶକ୍ତ କରିବ। ଏହା କେବଳ ଏକ ଶିକ୍ଷା ସଂସ୍କାର ଯୋଜନା ନୁହେଁ, ବରଂ ଏକ ସଂକଳ୍ପ ବୋଲି ସେ କହିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରାଯିବ। ଏଥିପାଇଁ ପ୍ରାୟ ୧୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ହେବାକୁ ଥିବା ବେଳେ ଅନ୍ୟୂନ ୫ଏକର ସରକାରୀ ଜମି ସହ ଗମନାଗମନ ସୁବିଧା ଥିବା ସ୍ଥାନକୁ ପ୍ରାଥମିକତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

କଟକ,୧୪।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ।



# ପୁରୀକୁ ବିପଦ ବେଆଇନ ଲଜ୍, ହୋମ୍ ଷ୍ଟେ'

ପୁରୀ,୧୪।୧୧(ସମିସ): ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ପରେ ସାରା ଦେଶରେ ହାଇ-ଆଲର୍ଟ। ପୁରୀକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସୁଥିବାରୁ ଶ୍ରୀମନ୍ଦିର ସମେତ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ହେଲେ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ଏବେ ସାମ୍ନାକୁ ଆସିଛି। ବର୍ତ୍ତମାନ ସ୍ଥିତିରେ ଶ୍ରୀମନ୍ଦିର ଓ ପୁରୀ ସହର ପାଇଁ ବଡ଼ ବିପଦ ସାଜିଛି ବେଆଇନ ଲଜିଂ। ସବୁଆଡ଼େ ଛତୁ ଫୁଟିଲା ଭଳି ଖୋଲିଛି ବେଆଇନ ଲଜିଂ, ହୋମ୍ ଷ୍ଟେ। ଏହି ଲଜିଂ ତଥା ହୋମ୍‌ଷ୍ଟେଗୁଡ଼ିକ ମଧ୍ୟରୁ ଅଧିକାଂଶର ପୁରୀ ପୌରପାଳିକା ପ୍ରଦାନ କରୁଥିବା ଟ୍ରେଡ୍ ଲାଇସେନ୍ସ ନାହିଁ। ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିଜେ ରହୁଥିବା ଘରେ ବି କିଛି ଲୋକ ଯାତ୍ରୀଙ୍କୁ ରଖି ଟଙ୍କା ଆଦାୟରେ ଲାଗିଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରହୁଥିବା ଯାତ୍ରୀଙ୍କଠାରୁ କୌଣସି ପରିଚୟପତ୍ର ରଖାଯାଉନାହିଁ। କେଉଁ ଯାତ୍ରୀ କେଉଁ ସ୍ଥାନରୁ ଆସିଛନ୍ତି, କୌଣସି ସୂଚନା ରହୁନାହିଁ, ଯାହାକି ପୁରୀ ସହର ପାଇଁ ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କମ୍ ସମୟରେ ଆଉ ସହଜରେ କିପରି ଅର୍ଥ ରୋଜଗାର କରିହେବ କିଛି ଲୋକ ଏବେ ଏହିଭଳି ବେଆଇନ ଲଜିଂକୁ ଭରସା କରିଛନ୍ତି। ନିଜ ଘରକୁ ହୋମ୍ ଷ୍ଟେ' ବ୍ୟବସାୟରେ ଲଗାଇ ଭଲ ରୋଜଗାର କରୁଛନ୍ତି, କିନ୍ତୁ ଆଉ କୌଣସି ଗାଇଡ୍‌ଲାଇନ୍ ପାଳନ କରୁନାହାନ୍ତି। ଯାତ୍ରୀଙ୍କୁ ରଖିବା ଲାଗି ଯେଉଁ ସୁରକ୍ଷା ବ୍ୟବସ୍ଥା ରହିବା କଥା ତାହା ଆଦୌ ନାହିଁ, ଯାହାକି ସହର ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଦୁର୍ବୃତ୍ତ ଏହି ବେଆଇନ ଲଜ୍‌ରେ ରହି କିଛି ଅଘଟଣ ପାଇଁ ଷଡ଼ଯନ୍ତ୍ର କରେ ତେବେ ସେ ସଫଳ ହେବେ ଏଥିରେ ସନ୍ଦେହ ନାହିଁ।

### ପ୍ରଶାସନ ପାଖରେ ରହୁନି ଯାତ୍ରୀଙ୍କ ତଥ୍ୟ



ପୁରୀ ସହର ଛୋଟବଡ଼ ହୋଟେଲ, ଗେଷ୍ଟହାଉସ୍, ଲଜିଂ, ଧର୍ମଶାଳାକୁ ହିସାବକୁ ନେଲେ ଏହି ସଂଖ୍ୟା ପ୍ରାୟ ୧୨୦୦ରୁ ଅଧିକ ହେବ। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏଠାରେ ରୁହନ୍ତି। ତେବେ ଯାତ୍ରୀଙ୍କୁ ରଖିବାକୁ ହେଲେ ପୁରୀ ପୌରପାଳିକାଠାରୁ ଟ୍ରେଡ୍ ଲାଇସେନ୍ସ ଓ ପଞ୍ଜୀକରଣ ବାଧ୍ୟତାମୂଳକ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଫାୟାର ସେଫ୍ଟି, ପାର୍କିଂ ବ୍ୟବସ୍ଥା ରହିବା ଜରୁରୀ। ଯେଉଁ ଯାତ୍ରୀମାନେ ରହିବେ, ସେମାନଙ୍କ ସଠିକ୍ ବୈଧ ପରିଚୟପତ୍ର ରଖିବା ଓ ରେଜିଷ୍ଟରରେ ନାମଲେଖା ସହ ଯିବାଆସିବା ସମୟ ଲେଖିବା ବାଧ୍ୟତାମୂଳକ। କୌଣସି ବିଦେଶୀ ବ୍ୟକ୍ତି କିମ୍ବା ସନ୍ଦିଗ୍ଧ ବ୍ୟକ୍ତି ଆସିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବାର ନିୟମ ରହିଛି। ନିୟମ ଉଲ୍ଲଂଘନ କଲେ ଲାଇସେନ୍ସ ବାତିଲ୍ ସହ ଜରିମାନା ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ ରହିଛି। ହେଲେ ଏହାକୁ ଭ୍ରୂକ୍ଷେପ ନ କରି କେତେକ ବ୍ୟକ୍ତି ନିଜର ଆବାସିକ ଘରକୁ ବେଆଇନ ଭାବେ ବିନା ପଞ୍ଜୀକରଣରେ ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ପଞ୍ଜୀକରଣ କରି ନ ଥିବା ହେତୁ ଏଠାରେ କେଉଁ ବ୍ୟକ୍ତି ଆସି ରହିଛନ୍ତି, ସେନେଇ ପୁଲିସ କିମ୍ବା ପ୍ରଶାସନ ନିକଟରେ ସୂଚନା ରହୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବେଆଇନ କାର୍ଯ୍ୟକୁ ରୋକାନଗଲେ ଆଗାମୀ ଦିନରେ ଏହା ସୁରକ୍ଷା ବ୍ୟବସ୍ଥାକୁ ବଡ଼ ବିପଦ ହେବ ବୋଲି ପୁଲିସକୁ ବୁଦ୍ଧିଜୀବୀ ସତର୍କ କରାଇଛନ୍ତି।

ବିଶେଷକରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଏଭଳି ମାଳମାଳ ବେଆଇନ ଲଜିଂ, ହେମ୍ ଷ୍ଟେ ଖୋଲିଛି। ଗୁଣ୍ଡିଚା ମନ୍ଦିରକୁ ଲାଗି ରହିଥିବା ଘରଗୁଡ଼ିକ ରାତାରାତି ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ଏଠାରେ ଯେଉଁମାନେ ରହୁଛନ୍ତି ସେମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପ୍ରଶାସନ ପାଖରେ ରହୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯାତ୍ରୀ ଭାବେ ପରିଚୟ ଦେଇ ଏଠାରେ ଅନ୍ୟ କେହି ବି ରହି କୌଣସି ବଡ଼ଧରଣର ଅଘଟଣ ଘଟାଇପାରେ। ତେଣୁ ଏସବୁ ଦିଗ ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପୂର୍ବ ସରକାର ସମୟରେ ଗୁଣ୍ଡିଚା ମନ୍ଦିର ଚତୁଃପାଶ୍ୱର୍ରେ କିଛି ଅଞ୍ଚଳ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିଷ୍ପତ୍ତି ଏବେ ଫାଇଲ୍ ତଳେ ଚାପି ହୋଇରହିଛି।

# ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ / ଶିଶୁ ହସିଲେ ଦୁନିଆ ହସେ



**କୋଣାର୍କ,୧୪।୧୧(ସମିସ):** ଶୁକ୍ରବାର କୋଣାର୍କ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି । କୋଣାର୍କର ଭେଙ୍କେଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲରେ ଶିକ୍ଷାବିତ୍ ଗୁଣନିଧି ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିଶୁ ଦିବସ ସମାରୋହରେ ଅତିଥି ଭାବରେ ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ଉତ୍ତମ ଜେନା, ପ୍ରଦୀପ୍ତ ପ୍ରଧାନ, ମାନସ ମୁଦୁଲି ଓ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସାଦ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହିତ କୋମଳମତି ଶିଶୁଙ୍କ ପ୍ରତି ତାଙ୍କର ଅନାବିଳ ସ୍ନେହ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଲ୍ଲବୀ ସାହୁ, ସ୍ୱର୍ଣ୍ଣଲତାନାୟକ, ଲିପ୍ସାରାଣୀସାହୁ, ସଂଘମିତ୍ରାତ୍ରିପାଠୀ, ଗୀତାଞ୍ଜଳିମହାରଣା, ବିସ୍ମିତା ମହାପାତ୍ର, ସସ୍ମିତା ଖଟୋଇ ପ୍ରମୁଖ ପରିଚାଳନା କରିଥିଲେ। କୋଣାର୍କ ନିକଟ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ଶିରିପୁର ପିୟୁପିଏସ୍‌ରେ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଶିଶୁ ଦିବସ ସମାରୋହରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ଆମ୍ବିଳିଗାଁ ୟୁଜିୟୁପିଏସ୍‌ର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ବାନାମ୍ବର ବେହେରା, ସୁଶାନ୍ତ ବେହେରା, ଜିତେନ୍ଦ୍ର କାଣ୍ଡି, ପିଙ୍କି ବେହେରା, ଗୋବିନ୍ଦ ଛାଟୋଇ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମାଟିଆପଡ଼ା ନୋଡାଲ ୟୁପିଏସ୍‌ରେ ଆୟୋଜିତ ଶିଶୁ ଦିବସ ସମାରୋହରେ ଏବିଇଓ ସମ୍ରାଟ ଭଞ୍ଜଭୋଇ, ସ୍ନାତକ ଶିକ୍ଷକ ନିରଞ୍ଜନ ଦାସ, ପ୍ରମୋଦ ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ସତ୍ୟଭାମା ରଥ ଯୋଗଦେଇ ଶିଶୁମାନଙ୍କୁ ଉପହାର ପ୍ରଦାନ କରିଥିଲେ ।

## ପିପିଲି

ସ୍ଥାନୀୟ ନହଳାପଡ଼ା ହାଇସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ମା' ଜାଗେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇ ପଡ଼ିଆ ମଝିରେ ମୁଖ୍ୟ ଅତିଥି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଓ ପୂର୍ବତନ ସିଆର୍‌ସିସି ପ୍ରଦୀପ କୁମାର ନାୟକ ପିଲାମାନଙ୍କୁ ବିଭିନ୍ନ ହିତୋପଦେଶ ଦେବା ସହ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହାପରେ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ସେନାପତିଙ୍କ ନେତୃତ୍ୱରେ ବିଭିନ୍ନ ମଜାଦାର ଖେଳ ଯଥା- ତିନିଗୋଡ଼ିଆ ଦୌଡ଼, ମ୍ୟୁଜିକ୍ ଚେୟାର, ଆଳୁ ଚାମଚ ଦୌଡ଼, ଧୀରେ ସାଇକଲ ଚାଳନା, ଅଖାଦୌଡ଼ ଆଦି ୧୮ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ଡେଲାଙ୍ଗ



ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଭାତଚନ୍ଦ୍ର ରଥ ଯୋଗଦେଇଥିଲେ। ଶିଶୁଙ୍କୁ ସଠିକ୍ ପ୍ରାଥମିକ ଶିକ୍ଷା ପ୍ରଦାନ ଦ୍ୱାରା ଦେଶ ଓ ସମାଜର ଉନ୍ନତି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ମହତାବ, ବେରବୋଇ, ଘୋରଡ଼ିଆ, ହାକପାଡ, ରାଧାକାନ୍ତ ଆଦି ଉଚ୍ଚ ବିଦ୍ୟାଳୟ ସହିତ ବାବା ଗତେଶ୍ୱରଦେବ, ଉଦୟପୁର, ଚଣ୍ଡେଶ୍ୱରୀ, ମାଛପଡ଼ା, ପୀଢ଼ପାଟଣା, ରେଞ୍ଚ ଆଦି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି ।

## ଚାରିଛକ

ଚାରିଛକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଛି । ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପ୍ରଫେସର ମିତ୍ରା ମହାପାତ୍ର, ଅନ୍ୟ ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍ କ୍ରୀତିମୟୀ ରାଉତ, ରବୀନ୍ଦ୍ର ନାୟକ, ବ୍ରଜ କିଶୋର ସାହୁ, କୈଳାଶ ଚନ୍ଦ୍ର ସାହୁ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ବୋଲି କହିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, କ୍ରିଷ୍ଣା ମହାପାତ୍ର, ପ୍ରଣତୀ ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ଶିବବ୍ରତ ମଲ୍ଲ, ରଶ୍ମିତା ସାହୁ, ଟିକି ସାହୁଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେହିପରି ଭୋଦର ନୋଡାଲ ଉଚ୍ଚ ବିଦ୍ୟାଳୟ, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ପ୍ରାଚୀ ବାଳିକା ବିଦ୍ୟାପୀଠ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉ.ପ୍ରା. ବିଦ୍ୟାଳୟ, ଛବାଟିଆ ପ୍ରୋଜେକ୍ଟ ବିଦ୍ୟାଳୟ, ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣା, ଅନନ୍ତ ବାସୁଦେବ ବିଦ୍ୟାପୀଠ ପାଳଶ୍ରୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତୁଳସୀପୁର, ସରସ୍ୱତୀ ଶିଶୁ ମନ୍ଦିର ଚାରିଛକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ ଆଦି ସମସ୍ତ ବିଦ୍ୟାଳୟରେ ଶିଶୁଦିବସ ପାଳିତ ହୋଇଯାଇଛି ।

## ବଳଙ୍ଗା



ବଳଙ୍ଗା ନିଗମାନନ୍ଦ ସାରସ୍ୱତ ବିଦ୍ୟାନିକେତନରେ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପୃଷ୍ଟି, ବଂଶୀଧର ମଲ୍ଲିକ, ସୁରେନ୍ଦ୍ର ନାଥ ପଣ୍ଡା ପ୍ରଭୃତି ଅତିଥିମାନେ ଯୋଗଦେଇଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ନିନିଗାଁରେ ଶିଶୁ ଦିବସକୁ ବେଶ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ସୁବଳ ଦାସ, ନବକୃଷ୍ଣ ବାରିକ ପ୍ରମୁଖ ଅତିଥିଭାବ ଯୋଗଦେଇଥିଲେ।

## ସାକ୍ଷୀଗୋପାଳ



ସତ୍ୟବାଦୀ ବ୍ଲକ୍ ଅଳଗୁମସ୍ଥିତ ଭୋଇସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ପରେ କୋମଳମତି ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଙ୍ଗନବାଡ଼ି ସହାୟିକା ମମତା ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାତୃକମିଟି, ଯାଞ୍ଚ କମିଟି ସଭ୍ୟସଭ୍ୟାଙ୍କ ସମେତ ଅଭିଭାବକ ଯୋଗ ଦେଇଥିଲେ।

ସେହିପରି ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ବ୍ରାହ୍ମଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬୨ତମ ଶିଶୁ ଦିବସ ପାଳନ କରାଯାଇଛି। ଏହି ଅବସରରେ ଶିକ୍ଷକ ଓ ଛାତ୍ରଛାତ୍ରୀଗଣ ଏକତ୍ର ହୋଇ ଶିଶୁପ୍ରେମୀ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଶୁ ଦିବସ ଉପଲକ୍ଷେ କୁଇଜ୍ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଉପଦେଶ ଦେଇଥିଲେ।

## କାକଟପୁର

କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ଶିଶୁମନ୍ଦିରରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶକୁନ୍ତଳା ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ଚିତ୍ତରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ଶିଶୁମନ୍ଦିରର ସଭାପତି ଦେବରାଜ ଦୀକ୍ଷିତ, ସମ୍ପାଦକ ପ୍ରଭାତ ଦୀକ୍ଷିତ ଯୋଗଦେଇ ଶିଶୁମାନଙ୍କୁ ସକାରାତ୍ମକ ଭାବନା କିଭଳି ବ୍ୟକ୍ତିତ୍ୱ ବିକାଶ କରାଯାଇପାରିବ ବୋଲି ବିସ୍ତୃତ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ ଶିଶୁମାନଙ୍କୁ ପୁରସ୍କାର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ବ୍ରହ୍ମଗିରି



ବ୍ରହ୍ମଗିରି ବ୍ଲକ୍ ଅଧୀନସ୍ଥ ଗଡ଼କୋକଲ ଗ୍ରାମରେ ଶିଶୁ ଦିବସ ଓ ଭାଗବତ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି । କେବଳ ଭାଗବତ ପାଠ ନୁହେଁ, ଭାଗବତର ସ୍ପର୍ଶ ହିଁ ଶିଶୁ, କିଶୋର, ଯୁବ ଓ ବୃଦ୍ଧବୃଦ୍ଧା ଈଶ୍ୱର ପାଲଟି ଯାଆନ୍ତି । ଏଣୁ ପିଲାଏ ଭାଗବତର ତତ୍ତ୍ୱ ବୁଝିବା ଅପେକ୍ଷା ବିଦ୍ୟାଳୟକୁ ଯିବାବେଳେ ଭାଗବତକୁ ସ୍ପର୍ଶ କରି ବିଦ୍ୟାବାନ ହୁଅନ୍ତୁ ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ତଥା ଗବେଷକ ଡ. ବଦ୍ରି ମିଶ୍ର। ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିରେଖା ରାୟଙ୍କ ଅଧ୍ୟକ୍ଷତା ଓ ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ପରିଚାଳନାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡ଼କୋକଲଠାରେ ଅନୁଷ୍ଠିତ ଶିଶୁ ଦିବସ ସମାରୋହ ଓ ଭାଗବତ ଜ୍ଞାନଯଜ୍ଞ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମିଶ୍ର ନେହେରୁ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ତତ୍ତ୍ୱକବି ଭିକାରୀ ଚରଣ ଜେନା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିରଞ୍ଜନ ବଳିଆରସିଂହ, ସୁବାସ ସାମଲ, ସନ୍ଧ୍ୟାରାଣୀ ବଡ଼ଜେନା, ବଦ୍ରିନାଥ ନାୟକ, ସଞ୍ଜିତ୍ ଦାସ, ପାର୍ବତୀ ସୋରେନ୍, ଦିଲ୍ଲୀପ ପୃଷ୍ଟି, ଅଭିଷେକ ଜେନା ଓ ରାଜନ ସ୍ୱାଇଁ ସହଯୋଗ କରିଥିବାବେଳେ, ସଂଯୋଜନା କରିଥିଲେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପାଇକରାୟ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ

**କଣାସ,୧୪।୧୧(ସମିସ):** କଣାସ ବ୍ଲକ୍ ସିରେଇ ଗ୍ରାମପଞ୍ଚାୟତର ଟିପୁରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବନ୍ଦ୍ରେ ମହାପାତ୍ରଙ୍କ ୮୦ତମଜୟନ୍ତୀଉତ୍ସବଶୁକ୍ରବାରଟିପୁରୀସଂଯୁକ୍ତଉଚ୍ଚବିଦ୍ୟାଳୟପରିସରରେଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମହାପାତ୍ର ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଶିକ୍ଷକ ଶ୍ରୀନିବାସ ନାୟକ, ଭାଗିରଥୀ ମହାପାତ୍ର, ଅପର୍ତ୍ତି ମହାପାତ୍ରଙ୍କ ସମେତ ସ୍ମୃତି କମିଟିର ସଭ୍ୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ସେ ଦାସବିଦ୍ୟାଧରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ପରେ ନିଜ ଗ୍ରାମ ଟିପୁରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିବା ବେଳେ ପରେ ଗଦାଧର ମଧ୍ୟ ଇଂରାଜୀ ବଦ୍ୟାଳୟ ଚନ୍ଦନପୁର ଓ କପିଳେଶ୍ୱରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକଭାବେ ଯୋଗଦେଇ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କାର ପାଇଥିଲେ।

## ୩୦ରୁ ଟୁବୁଲି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ନିମାପଡ଼ା,୧୪।୧୧(ସମିସ):** ଆସନ୍ତା ୩୦ରୁ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ନିମାପଡ଼ ବାରବାଟୀ ପଡ଼ିଆରେ ଅଲ୍ ଓଡ଼ିଶା ବାରବାଟୀ କପ୍ ନିମାପଡ଼ା, ୫ମ ଟୁବୁଲି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ସ୍ଥାନୀୟ ଶ୍ରୀରାମକଲ୍ୟାଣମଣ୍ଡପପରିସରରେଏକସାମ୍ବାଦିକସମ୍ମିଳନୀରେଏସ୍‌ପିଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି । ବିଜେତା ଦଳକୁ ସୋମନାଥ ଏଣ୍ଟରପ୍ରାଇଜସ୍ ପ୍ରଦତ୍ତ ଟ୍ରଫି ସହ ୫୦ହଜାର ୧ ଟଙ୍କା ଓ ଉପବିଜେତା ଦଳକୁ ଏସ୍‌ପି ଫାଉଣ୍ଡେସନ ପ୍ରଦତ୍ତ ଟ୍ରଫି ସହ ୩୦ହଜାର ୧ ଟଙ୍କା ଓ ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ମ୍ୟାନ ଅଫ୍ ଦ ମ୍ୟାଚ୍, ମ୍ୟାନ୍ ଅଫ୍ ଦ ସିରିଜ୍, ବେଷ୍ଟ ବ୍ୟାଟର୍ ଓ ବେଷ୍ଟ ବୋଲରଙ୍କୁ ପ୍ରଦାନ କରାଯିବ । ପ୍ରଥମଥର ପାଇଁ ନୂତନ ପୁରସ୍କାର ମଧ୍ୟରେ ନିମାପଡ଼ା ଦଳର ପୂର୍ବତନ ଖେଳାଳି ଓ ଭୁବନେଶ୍ୱର ଏମ୍‌ସିସି ଦଳର କୋଚ୍ ବୁନି ସିଂଙ୍କ ନାମରେ ଏବଂ ପୂର୍ବତନ ଭାରତୀୟ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରୀ ପ୍ରଶାନ୍ତ ମହାପାତ୍ରଙ୍କ ନାମରେ ଜଣେ ଲେଖାଏଁ ରାଜ୍ୟସ୍ତରୀୟ ଖେଳାଳି ଓ ଅମ୍ପାୟାରଙ୍କୁ ପୁରସ୍କୃତ କରାଯିବା ସହିତ ନିମାପଡ଼ାର ଦୁଇଜଣ ଉଦୀୟମାନ ଖେଳାଳିଙ୍କୁ ପୁରସ୍କୃତ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଫାଉଣ୍ଡେସର ଚେୟାରମ୍ୟାନ୍ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, କ୍ରୀଡ଼ାବିତ୍ ନିର୍ମଳ କୁମାର ମିଶ୍ର, ହିମାଂଶୁ ଶେଖର ମହାନ୍ତି, ଅୟଶକାନ୍ତ ମିଶ୍ର ଓ ଆଇନ୍‌ଜୀବୀ ସୁଧାଂଶୁ ଶେଖର ମହାନ୍ତିଙ୍କ ସମେତ ଅନେକ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ।

## ବିଶ୍ୱ ମଧୁମେହ ଦିବସ ପାଳିତ

**ବ୍ରହ୍ମଗିରି,୧୪।୧୧(ସମିସ):** ଶୁକ୍ରବାର ବ୍ରହ୍ମଗିରି ରେବଣା ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ସଭା ଗୃହରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ମଧୁମେହ ରୋଗ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ "ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ । ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି । ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ୍ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ପ୍ରକାର ରୋଗ । ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ହେଉଛି ମଧୁମେହ ରୋଗ । ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟିଦେଲେ ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରିଣୀ ସଞ୍ଜୁରାଣୀ ଦାସ, ଜିଲ୍ଲା ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ଉପ ଯୋଗାଯୋଗ ଅଧିକାରୀ ବେଣୁଧର ନାୟକ, ଆଶା ଓ ଗାଁ କଲ୍ୟାଣ ଅଧିକାରୀ ଅଶୋକ ସାହୁ, ବ୍ଲକ୍ ଶିଶୁ କଲ୍ୟାଣ ଅଧିକାରିଣୀ ଝରଣା ଶତପଥୀ, ଜନସ୍ୱାସ୍ଥ୍ୟ ଅଧିକାରୀ ବଦ୍ରିନାଥ ମିଶ୍ର ଓ ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

## ପଦ୍ମଶ୍ରୀ ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**କୃଷ୍ଣପ୍ରସାଦ,୧୪।୧୧(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ନନ୍ଦଳାଠାରେ କବି ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳିତ ହୋଇଛି । ମାନସିଂହ ପାଠାଗାର ନନ୍ଦଳା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ପଦ୍ମଶ୍ରୀ କବି ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଜନ୍ମମାଟି ନନ୍ଦଳାଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଚନ୍ଦ୍ରା ମିଶ୍ର, ମୁଖ୍ୟବକ୍ତା ରୂପେ ଡ. ନାରାୟଣ ପଣ୍ଡା, ସମ୍ମାନିତ ବକ୍ତା ରୂପେ ଡ. ରଜନୀ ରଣସିଂହ ଯୋଗଦେଇ ତାଙ୍କ ସମ୍ପାଦନାଗୁଡ଼ିକୁ ଆଲୋଚନା କରିଥିଲେ । ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଆର୍ତ୍ତତ୍ରାଣ ବେହେରା, ଅଖିଳ ନାୟକ, ଲଳିତ ସ୍ୱାଇଁ, କିଶୋର ଚନ୍ଦ୍ର ବିଷୋୟୀ, ବିଜୟ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଆୟୋଜିତ କବିତା ଆସରରେ ବନବିହାରୀ ପଟ୍ଟନାୟକ, କାଶୀନାଥ ଜେନା, ସନାତନ ତରେଇ, ବିଦ୍ୟାଧର ପ୍ରଧାନଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି କବିତାପାଠ କରିଥିଲେ । ଅଶୋକ ସାହୁଙ୍କ ପୁସ୍ତକ ଉନ୍ମୋଚିତ ହେବା ସହ ସହଯୋଗୀ ଅନୁଷ୍ଠାନ ତରଫରୁ କବି ଶରତ କୁମାର ବାରିକିଙ୍କୁ ମାନସିଂହ ସମ୍ମାନ-୨୦୨୫ ପ୍ରଦାନ କରଯାଇଥିଲା । କ୍ଲବ୍‌ର ବରିଷ୍ଠ ସଦସ୍ୟ ଧ୍ରୁବ ପ୍ରଧାନ, ସୁବାସ ନାୟକ, କେଦାର ସାମନ୍ତସିଂହାର, ମୁକେଶ ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲାବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## କଣାସ ବଜାରରୁ ଜବରଦଖଲ ଉଚ୍ଛେଦ



**କଣାସ,୧୪।୧୧(ସମିସ):** ଦିନୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଯାନବାହନ ସଂଖ୍ୟା ବଢୁଥିବାବେଳେ ଯାତାୟାତ ପାଇଁ ରାସ୍ତାକୁ କେତେକ ଦୋକାନୀ ମଡ଼ାଇ ଦୋକାନ ଗୃହ ନିର୍ମାଣ କରିଥିବାରୁ ଯାତାୟାତରେ ଦିନକୁ ଦିନ ବ୍ୟାଘାତ ସୃଷ୍ଟି ହେଉଥିବା ସମ୍ପର୍କରେ ଅଭିଯୋଗ ହୋଇଛି । କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି କଣାସ ବାଲିଘାଇ ଛକଠାରୁ କଣାସ କୁଞ୍ଜେଶ୍ୱରୀ ବଜାର, କଣାସ ବସ୍‌ଷ୍ଟାଣ୍ଡ ବଜାର, କଣାସ ଗୋଲାବଜାରରେ ଦୋକାନ କରିଥିବା ଦୋକାନୀଙ୍କୁ ଯେଉଁମାନେ ସରକାରୀ ଜମିକୁ ମଡ଼ାଇ ଦୋକାନ କରିଛନ୍ତି ଭାଙ୍ଗିଦେବା ପାଇଁ ବାରମ୍ବାର ନୋଟିସ କରିବା ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଣାଇବା ସତ୍ତ୍ୱେ କେତେକ ବ୍ୟକ୍ତି ସରକାରୀ ଜମିକୁ ମାଡ଼ିରହିଥିଲେ। ଶୁକ୍ରବାର ତହସିଲଦାର ଶ୍ରୀ ଗିରି, ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଆଇଆଇସି ପ୍ରଶନ୍ନ କୁମାର ନାୟକ ଏବଂ ଦୁଇ ପ୍ଲାଟୁନ୍ ଫୋର୍ସ ରହି ବାଲିଘାଇ ବଜାର ଓ କୁଞ୍ଜେଶ୍ୱରୀ ବଜାରରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରିଥିଲେ। ସରକାରୀ ଜାଗା ଅପେକ୍ଷା ନିଜସ୍ୱ ଗୃହରେ ଥିବା କେତେକ ଦୋକାନ ଗୃହ ଭାଙ୍ଗିଦେବା ଏବଂ କେତେକ ଦୋକାନ ଗୃହ ଭାଙ୍ଗି ନ ଥିବାରୁ ପାତରଅନ୍ତର ଦର୍ଶାଇ ଅନେକ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

**କଣାସ,୧୪।୧୧(ସମିସ):** ଶୁକ୍ରବାର ଶିଶୁ ଦିବସ ଅବସରରେ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ସ୍କାଉଟ୍ ଭବନ ଆନୁକୂଲ୍ୟରେ ସିରେଇ ନୋଡାଲ ଉଚ୍ଚ ପ୍ରାଥମିକ କଣାସ ବ୍ଲକ୍‌ର ବିଭିନ୍ନ ସ୍କୁଲରେ ସ୍କାଉଟ୍ ଗାଇଡ୍ କବ୍ ବୁଲବୁଲ୍ ଓ ରୋଭର ରେଞ୍ଜରମାନେ ଏକତ୍ରିତ ହୋଇ ପ୍ରଭାତରୁ ବନ୍ଦେ ମାତରମ୍ ଗାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ସଭାପତିତ୍ୱରେ କଣାସ ବ୍ଲକ୍ ସହ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା, ଦେବଦତ୍ତ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ବନ୍ଦେ ମାତରମ୍ କିପରି ଏକ ମହାମନ୍ତ୍ର ରୂପେ ବିବେଚିତ ହୋଇଥିଲା ତାହା ବର୍ଣ୍ଣନା କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନମାନେ ଶୃଙ୍ଖଳାପୂର୍ବକ ସଭା ପରିଚାଳନା କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଜିତେନ୍ଦ୍ର ପେଣ୍ଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ସମନ୍ୱୟ ସମିତିର ସାଂଗଠନିକ ବୈଠକ




**କୋଣାର୍କ,୧୪।୧୧(ସମିସ):** ଶୁକ୍ରବାର କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ମା' ରାମଚଣ୍ଡୀଙ୍କ ପୀଠରେ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଅଜୟ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ସାଧାରଣ ସମ୍ପାଦକ ସରୋଜ କୁମାର ମିଶ୍ର ସଂଯୋଜନା କରିଥିଲେ। ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପୁରୁଷୋତ୍ତମ ପ୍ରଧାନ ମୁଖ୍ୟ ଅତିଥି, ପବିତ୍ର ମୋହନ ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ ଓ ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ଉପସଭାପତି ସୁଶାନ୍ତ ନାୟକ ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ୍ ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ଜଳନ୍ଧର ବେହେରା, ସମ୍ପାଦକ ସନ୍ତୋଷ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ସୁଚରିତା ପାତ୍ର, ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଭାପତି ଶରତ ପରିଡ଼ା, ସମ୍ପାଦକ ପ୍ରକାଶ ବେହେରା, ଶିକ୍ଷକ ସଂଘର କର୍ମକର୍ତ୍ତା ଦିବାକର ପରିଡ଼ା, ସୁରଜିତ୍ ସାହୁ, ବିକ୍ରମ ରାଉତ, ସିଆର୍‌ସିସି ତ୍ରିଲୋଚନ ବେଜ, ସଦାଶିବ ବେହେରା, ଲଲାଟ ଚନ୍ଦ୍ର ବେହେରା, ନିରଞ୍ଜନ ସ୍ୱାଇଁ, ପ୍ରଫୁଲ୍ଲ ସେଠୀ, ମାମିନା ବରାଳ, ପ୍ରିୟମ୍ବଦା ପାତ୍ର, କବିତା ମହାନ୍ତି, ଆଲୋକମାଳା ସାହୁ, ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ ଓ ସିଆର୍‌ସିସି ପ୍ରଭାକର ମଲ୍ଲିକ ପ୍ରମୁଖ ଶିକ୍ଷକଙ୍କର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ; ପ୍ରଶାସନ ଚୁପ୍

**ନୟାହାଟ,୧୪।୧୧(ସମିସ):** ଦେବୀନଦୀରୁ ହାଇୱା ଦ୍ୱାରା ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି । ନୟାହାଟ ମୁଖ୍ୟରାସ୍ତା ଦେଇ ଏହା ଚାଲାଣ କରାଯାଉଛି । ସରକାରଙ୍କ ନିୟମ ଅନୁସାରେ, ବାଲିମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକିବା ପାଇଁ ଜାଲ୍ ରସିଦ୍ ତିଆରି କରି କେ-୨ ଫର୍ମ ନ ଥାଇ ଓ ବାଲି ବୋହୁଥିବା ଗାଡ଼ିର କାଗଜପତ୍ର ସଠିକ୍ ଭାବେ ନ ଥିବାବେଳେ ଏମାନଙ୍କୁ ପ୍ରଶାସନ ତରଫରୁ ତନଖି କରାଯାଉ ନାହିଁ। ଫଳରେ ବାଲି ମାଫିଆମାନେ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ଠକୁଛନ୍ତି। ନୟାହାଟର ଧୂମାଲ ପଞ୍ଚାୟତର ଗଡ଼ନିପାଣିଆ ହରିଜନ ସାହି ପାଖରେ ଚୋରା ବାଲି ମହଜୁତ ରଖାଯାଇ ବିଭିନ୍ନ ସମୟରେ ଚୋରା ଚାଲାଣ କରାଯାଉଛି । ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ, ଗୋପ ତହସିଲ୍‌ଦାର ଓ ଲଘୁ ଖଣିଜ ବିଭାଗକୁ ପଚାରିବାରେ ସେ କହିଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ପୁରୀ ଜିଲ୍ଲା ବିଦ୍ୟାଳୟସମୂହ କବାଡ଼ି ପ୍ରତିଯୋଗିତା

**ଅସ୍ତରଙ୍ଗ,୧୪।୧୧(ସମିସ)**



ପୁରୀ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଦୁଇ ଦିନ ଧରି ଅସ୍ତରଙ୍ଗ ବ୍ଲକ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଏହି ପ୍ରତିଯୋଗିତାକୁ ପ୍ରଥମ ଦିବସରେ ଉଦ୍‌ଘାଟନ କରିଥିଲେ ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାଏକ । ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରତାପ ପରିଡ଼ା, ଅନ୍ୟତମ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଦିବାକର ଛାଟୋଇ, ବିଭୁଦତ୍ତ ନାୟକ, ଜିଲ୍ଲା ସହ ଶିକ୍ଷାଧିକାରୀ ଦ୍ୱିତୀକୃଷ୍ଣ ପ୍ରଧାନ, ଶାରୀରିକ ଶିକ୍ଷାଧିଶ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ରୁ ୫୨୮ ଜଣ ପ୍ରତିଯୋଗୀ ଓ ୮୪ଜଣ ପ୍ରଶିକ୍ଷକ ଯୋଗଦେଇଥିଲେ। ୧୭ ବର୍ଷର ବାଳକ ପ୍ରତିଯୋଗିତାରେ ଅସ୍ତରଙ୍ଗ ହାଇସ୍କୁଲ ଟ୍ରଫି ହାସଲ କରିଥିବାବେଳେ, ସତ୍ୟବାଦୀ ରନର୍ସଅପ୍ ହୋଇଥିଲା । ସେହିପରି ୧୪ ବର୍ଷର ବାଳକରେ ନିମାପଡ଼ା ପ୍ରଥମ ରହିଥିବାବେଳେ ଡେଲାଙ୍ଗ ଦ୍ୱିତୀୟ ହୋଇଥିଲା। ୧୭ବର୍ଷ ର ବାଳିକାରେ ଡେଲାଙ୍ଗ ପ୍ରଥମ ଓ ସତ୍ୟବାଦୀ ଦ୍ୱିତୀୟ, ୧୪ବର୍ଷ ବାଳିକାରେ ଡେଲାଙ୍ଗ ଚାମ୍ପିଅନ ଓ ନିମାପଡ଼ା ରନର୍ସ ଅପ୍ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ୍ ପ୍ରମୋଦ ନାୟକ, ବିଶିଷ୍ଟ ଅତିଥି ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସମ୍ମାନିତ ଅତିଥି କଲରେଇ ଚାରିଟେବଲ୍ ଟ୍ରଷ୍ଟ ଅଧ୍ୟକ୍ଷ ଙ୍ଗ ରଞ୍ଜିତ୍ ସ୍ୱାଇଁ, ସମାଜସେବୀ ଜୟନ୍ତ ପରିଡ଼ା, ମଣ୍ଡଳ ସହ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଦାସ ଓ ପ୍ରିୟଦର୍ଶୀ ବିଶ୍ୱାଳ, ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ନାୟକ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ।

BEST OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

# ଶ୍ରୀକ୍ଷେତ୍ର ସିଟି

୧୪/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୪୨,୫୧୭/-

ସୁନା: ୦୨.୧୦୦ ଗ୍ରାମ୍

ରୁପା: ୪୧.୯୦୦ ଗ୍ରାମ୍



### ସାହି ବୁଲିଲେ ଏସ୍‌ପି

## ଭକ୍ତ, ପର୍ଯ୍ୟଟକଙ୍କ ସୁଗମ ଯାତାୟାତର ସମୀକ୍ଷା



**ପୁରୀ,୧୪।୧୧(ସମିସ):** ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ପୁରୀକୁ ଅଧିକ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେବ। ସେମାନେ ଯେପରି ସୁବିଧାରେ ବିଭିନ୍ନ ସାହିଗଳିରେ ଯାତାୟାତ କରିପାରିବେ ସେ ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ପୁଲିସ ଅଧିକାରୀମାନେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅଧିକାରୀମାନେ ଚୈତନ୍ୟ ଛକ, ମୋଚି ସାହି, ଜହ୍ନିମୁଣ୍ଡିଆ ଛକ, ଭୋଗ ଜାଗା ଏବଂ ମାଟିମଣ୍ଡପ ସାହି ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି ଯାତାୟାତ ବ୍ୟବସ୍ଥା ଯେପରି ସୁଗମ ହୋଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭିଡ଼, ପାର୍କିଂ ସମସ୍ୟା, ବାଇକ୍ ଏବଂ ଅଟୋର ଅନଧିକୃତ ପାର୍କିଂ ଉପରେ ନଜର ରଖିବାକୁ ଏସ୍‌ପି ଟ୍ରାଫିକ୍ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚୈତନ୍ୟ ଛକ ଓ ଭୋଗ ଜାଗାରେ ବେଳେବେଳେ ହେଉଥିବା ଟ୍ରାଫିକ୍ ଜାମ୍‌କୁ କିପରି ନିୟନ୍ତ୍ରଣ କରାଯିବ ସେଥିପାଇଁ ସେଠାକାର ମ୍ୟାପ୍ ଦେଖି ଏହାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ପି ସମ୍ପୃକ୍ତ ସାହିର ସେବାୟତ, ବୃଦ୍ଧ, ବ୍ୟବସାୟୀ ଓ ସାଧାରଣ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ। ସେମାନେ ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ ତାହା ତାଲିକାଭୁକ୍ତ କରାଯାଇଥିଲା। ମାଟିମଣ୍ଡପ ସାହି ଗଳିପଥରେ ପୁଲିସ ଡ୍ୟୁଟି ସହ ନିରୀକ୍ଷଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ରାତ୍ରି ସମୟରେ ପିସିଆର୍ ମାଧ୍ୟମରେ ପାଟ୍ରୋଲିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଆଇଆଇସି ମାନସ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଦିବସରେ ପିଲାଙ୍କ ବହିମେଳା

**ପୁରୀ,୧୪।୧୧(ସମିସ):** ଶିଶୁ ଦିବସ ଅବସରରେ ଶୁକ୍ରବାର ଶିକ୍ଷାଶ୍ରୀ ଶିଶୁ ପାଠାଗାର ଏବଂ ଭଗବତୀ ବିଦ୍ୟାନିକେତନ ପକ୍ଷରୁ ସପ୍ତମ ବାର୍ଷିକ 'ପିଲାଙ୍କ ବହିମେଳା' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ପ୍ରତିଷ୍ଠାତା ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବହିମେଳାକୁ ଉଦ୍‌ଘାଟନ କରିଥିଲେ ଡ. ହେମନ୍ତ କୁମାର ଛୋଟରାୟ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ



ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ମଙ୍ଗଳା ଚରଣ ସାହୁ, ଦୁର୍ଗାବତୀ ପ୍ରଧାନ, ପ୍ରଶାନ୍ତ ମଙ୍ଗରାଜ, ଅଜୟ ସେଠୀ, କବିତା ମିଶ୍ର, ପର୍ଶୁରାମ ପାତ୍ର, ରାଇକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁନିକୁନି ବିଦ୍ୟାର୍ଥୀମାନେ ବିଭିନ୍ନ କବିଙ୍କ କବିତା ଆବୃତ୍ତି କରିଥିଲେ। ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ଅତିଥିମାନେ ପିଲାମାନଙ୍କ ମଧ୍ୟରେ ପୁସ୍ତକପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବା ମୂଳ ଲକ୍ଷ୍ୟ ବୋଲି ମତ ଦେଇଥିଲେ। ଶେଷରେ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ବହିମେଳା ବୁଲି ଦେଖିଥିଲେ। ରଶ୍ମୀ ବେହେରା, ଦେବସ୍ମିତା ପ୍ରଧାନ, ଜଳନ୍ଧର ବିଶୋଇ, ଲୋକନାଥ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୁଖ୍ୟ ପ୍ରଶାସକଙ୍କ ମାସିକ କାର୍ଯ୍ୟ ସମୀକ୍ଷା

# ଗୁଣ୍ଡିଚା ମନ୍ଦିର ଉତ୍ତର ପଟ ପାଚେରିରେ ନିର୍ମାଣ ହେବ ନୂଆ ଦ୍ୱାର

**ପୁରୀ,୧୪।୧୧(ସମିସ):** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶୁକ୍ରବାର ମାସିକ କାର୍ଯ୍ୟ ସମୀକ୍ଷା କରିବା ସହ ବିଧି ସବ୍ କମିଟି ଏବଂ ଅର୍ଥ ସବ୍ କମିଟି ବୈଠକ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଗତ ମାସରେ ଅଧିକାରୀ, କର୍ମଚାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱର ଅଗ୍ରଗତି ସମୀକ୍ଷା କରିବା ସହ ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ, ଦର୍ଶନ ବ୍ୟବସ୍ଥା, ବିଭିନ୍ନ କୋର୍ଟମାନଙ୍କରେ ବିଚାରାଧୀନ ଥିବା ଶ୍ରୀମନ୍ଦିର ମାମଲା, ସେବା ସମର୍ପଣ ଦଲିଲ୍ ସମ୍ପାଦନ ଓ ସାଧାରଣ ଦିନଗୁଡ଼ିକରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନଙ୍କ ପ୍ରବେଶ ଉପରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରସ୍ଥ ରୋହିଣୀ କୁଣ୍ଡ, ଦୀପ ଷ୍ଟାଣ୍ଡ, ଫୁଲଗୁଛା



ଘର ଓ କୋଇଲି ବୈକୁଣ୍ଠରେ ହୁଣ୍ଡି ଗଣତି ଘର କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଧାର୍ଯ୍ୟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହିତ ଶ୍ରୀଗୁଣ୍ଡିଚା ମନ୍ଦିରର ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିରର ଉତ୍ତର ପଟ ପାଚେରିରେ ନୂତନ ଦ୍ୱାର ନିର୍ମାଣ ସହିତ ଖଣ୍ଡୋଲାଇଟ୍ ପ୍ଲେଟ୍ ବସାଇବାକୁ ମୁଖ୍ୟ ପ୍ରଶାସକ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏଥିସହିତ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଶୀଘ୍ର ଆରମ୍ଭ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ନିଯୋଗଙ୍କ ସହିତ ଆଲୋଚନା ଶେଷ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ କୋର୍ଟରେ ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତରେ ଫାଇସଲା ହୋଇ ନ ଥିବା ମାମଲାଗୁଡ଼ିକ କମ୍ପ୍ୟୁଟରୀକରଣ କରାଯିବା ସହ ଶ୍ରୀମନ୍ଦିର ପକ୍ଷରୁ କେସ୍‌ଗୁଡ଼ିକ ଲଢ଼ିବା ପାଇଁ ଅଭିଜ୍ଞ ଆଡ୍‌ଭୋକେଟ୍‌ଙ୍କର ଏକ ଚିଠା ତାଲିକା ପ୍ରସ୍ତୁତ କରିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି। ଏଥିସହ ଶ୍ରୀମନ୍ଦିରରେ ହେଉଥିବା ସେବା ସମର୍ପଣ ଦଲିଲ୍‌ଗୁଡ଼ିକ ରେଜିଷ୍ଟ୍ରେସନ୍ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁମତି ସାପେକ୍ଷ। ଏହି ମର୍ମରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗକୁ ଏକ ପତ୍ର ଲେଖାଯିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଥିଲେ। ଏଥିସହ ଓବିସିସି ଦାୟିତ୍ୱ ହସ୍ତାନ୍ତର କଳାପରେ ଶ୍ରୀଜଗନ୍ନାଥ ବଲ୍ଲଭ ଗାଡ଼ି ରହଣି ସ୍ଥଳ ପାଇଁ ଶ୍ରୀମନ୍ଦିର ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବ ଓ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରୀ ଛଡ଼ାଯିବା ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ମୁଖ୍ୟ ପ୍ରଶାସକ, ଦେବୋତ୍ତର କମିଶନର, ଅତିରିକ୍ତ ସଚିବ ବିଧି ବିଭାଗ ଏବଂ ଜିଲ୍ଲାପାଳ, ଶ୍ରୀମନ୍ଦିର ପ୍ରଶାସକ, ଶ୍ରୀମନ୍ଦିରର ସମସ୍ତ ଅଧିକାରୀ ଏବଂ ଶ୍ରୀମନ୍ଦିର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

### ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର କର୍ମଶାଳା

## 'ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ'




**ପୁରୀ,୧୪।୧୧(ସମିସ):** ଶିଶୁ ଦିବସ ଅବସରରେ ଶୁକ୍ରବାର ବିଶ୍ୱମ୍ଭର ବିଦ୍ୟାପୀଠଠାରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ୟୁନିଟ୍ ଓ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର ଶିଶୁକୁ ତାହାର ଅଧିକାରରୁ ବଞ୍ଚିତ ନ କରିବା ଓ ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଏହାର ବ୍ୟାପକ ସଚେତନତା ପାଇଁ ସମସ୍ତ ସ୍ତରରେ ଉଦ୍ୟମ ହେଉଛି ବୋଲି ସେ କହିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିଥି ଛାତ୍ର ସ୍ନେହା ସାହୁ ଓ ଆଲ୍‌ବର୍ଟ ଅଧ୍ୟୟନ ଯୋଗଦେଇ ଶିଶୁମାନଙ୍କର ସାମ୍ପ୍ରତିକ ସ୍ଥିତି, ସେମାନଙ୍କ ଅଧିକାର ଓ ସୁରକ୍ଷା, ସଚେତନତା ବ୍ୟବସ୍ଥା, ଆଇନ ବ୍ୟବସ୍ଥା ଓ ପୁରୀ ଜିଲ୍ଲାର ଶିଶୁମାନଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସମ୍ପର୍କ ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ, ନିଶାମୁକ୍ତି ଶପଥପାଠ ଓ ବୃକ୍ଷ ସେବା ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପର୍କର ଅର୍ଥ ସମ୍ପାଦକ ରାକେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପର୍କ ଅନୁଷ୍ଠାନ ତରଫରୁ ଏକକାଳୀନ ବିଶ୍ୱମ୍ଭର ବିଦ୍ୟାପୀଠ, ପ୍ରଶାନ୍ତି ଇଣ୍ଟରନ୍ୟାସ୍‌ନାଲ, ବୀରହରେକୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୃତୀୟାଦେବ ବିଦ୍ୟାନିକେତନ ସୁକୋଳଠାରେ ନିଟ୍ ଫାଉଣ୍ଡେସନ ସହଯୋଗରେ ଶିଶୁ ସୁରକ୍ଷା ଏବଂ ଅଧିକାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୨୪୫ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାସୁଦେବ ସେନାପତି, ଅଭୟ ଅମିତ୍ ସାହୁ, ଦେବେନ୍ଦ୍ର ରଥ, ଜଗନ୍ନାଥ ଖୁଣ୍ଟିଆ, ରାକେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ପୁରୀ,୧୪।୧୧(ସମିସ):** ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ଶୁକ୍ରବାର ୩୮ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଅନୁଷ୍ଠିତ ପୁରୁଷ ବିଭାଗ ଖେଳରେ କେନ୍ଦୁଝର ଦଳ ପାରାଦ୍ୱୀପକୁ ୩୦-୨ ଗୋଲ୍, ଗଞ୍ଜାମ ଦଳ ରାୟଗଡ଼ାକୁ ୨୭-୧୩ ଗୋଲ୍ ଓ ଯାଜପୁର ଦଳ କଟକକୁ ୨୮-୧୫ ଗୋଲ୍ ସ୍କୋର୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ମହିଳା ବିଭାଗ ଖେଳରେ ପୁରୀ ଦଳ ଜଗତସିଂହପୁରକୁ ୧୨-୩ ଗୋଲ୍, କେନ୍ଦୁଝର ଦଳ ପାରାଦ୍ୱୀପକୁ ୧୩-୧ ଗୋଲ୍, ଯାଜପୁର ଦଳ କଟକକୁ ୧୮-୧ ଗୋଲ୍‌ରେ ଓ ଗଞ୍ଜାମ ଦଳ ଭୁବନେଶ୍ୱରକୁ ୧୩-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୧୨ଟି ଦଳ ଭାଗ ନେଇଛନ୍ତି। ପ୍ରାୟ ୭୦୦ରୁ ଅଧିକ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା ହ୍ୟାଣ୍ଡବଲ ସଂଘ ପୁରୀ ଦ୍ୱାରା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ ସଂଘର କୋଷାଧ୍ୟକ୍ଷ ରବିଶଙ୍କର



ପ୍ରତିହାରୀ, ସମାଜସେବୀ ଗୋପାଳ ଖୁଣ୍ଟିଆ, ଯୁବନେତା ଜୟନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂଙ୍କ ସହ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନର ସଭାପତି ପାର୍ଥସାରଥୀ ମହାପାତ୍ର ଓ ସମ୍ପାଦକ ସିତେନ୍ଦ୍ର ନାଥ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ

**ପୁରୀ,୧୪।୧୧(ସମିସ):** ସ୍ଥାୟୀ ବିକାଶ ଲକ୍ଷ୍ୟ ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ ସମ୍ପର୍କରେ ଏକ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏହାକୁ ଉଦ୍‌ଘାଟନ କରିବା ସହ ନିରନ୍ତର ବିକାଶ ଲକ୍ଷ୍ୟରେ ଏହି ପ୍ରକଳ୍ପଗୁଡ଼ିକ ସହଯୋଗ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଓ ଦକ୍ଷତା ରହିଛି। ଏହିଭଳି ପ୍ରଦର୍ଶନୀ ତାହାର ପରିପ୍ରକାଶ ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

### ନାବାଳକ ହତ୍ୟା ମାମଲାର ପର୍ଦ୍ଦାଫାସ୍


## ଧାର ଟଙ୍କା ମାଗିବାରୁ ହତ୍ୟା; ୨ ଗିରଫ

**ପୁରୀ,୧୪।୧୧(ସମିସ):** ଶ୍ରୀସେତୁ ନିକଟରେ ହୋଇଥିବା ନାବାଳକ ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରିଛି ପୁଲିସ। ଏହି ମାମଲାରେ ୨ ହତ୍ୟାକାରୀଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ଶୁକ୍ରବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଗତ ୧୨ ତାରିଖରେ ଶ୍ରୀସେତୁ ନିକଟ ଜଳଭଣ୍ଡାରରୁ ଏକ ମୃତଦେହ ମିଳିଥିଲା। ଏ ନେଇ ତଦନ୍ତ ଆରମ୍ଭ କରାଯାଇଥିଲା। ମୃତକ ମାର୍କଣ୍ଡେଶ୍ୱର ସାହିର ୧୭ ବର୍ଷୀୟ ସୂର୍ଯ୍ୟକାନ୍ତ ସାହୁ ବୋଲି ଜଣାପଡ଼ିଥିଲା। ତଦନ୍ତବେଳେ ସଦର ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ପ୍ରଧାନସାହିର ଅଜୁ ପ୍ରଧାନ ଏବଂ ମାଟିତୋଟା ନୂଆସାହିର ସିପୁନ ସିଂହ। ଉଭୟଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଲୁହା ରଡ୍ ଏବଂ ଅଭିଯୁକ୍ତଙ୍କ ପୋଡ଼ା ପୋଷାକ ଜବତ କରାଯାଇଛି। ତେବେ ଧାର ଟଙ୍କାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି କହିଛନ୍ତି। ମୃତକ ସୂର୍ଯ୍ୟଙ୍କଠାରୁ ଅଭିଯୁକ୍ତ ଅଜୁ ୧୦ ହଜାର ଟଙ୍କା ଧାର ନେଇଥିଲେ। ସୂର୍ଯ୍ୟ ଏହି ଟଙ୍କା ଫେରାଇବା ପାଇଁ ବାରମ୍ବାର ଅଜୁକୁ କହୁଥିଲେ। ମାତ୍ର ଅଜୁ ଟଙ୍କା ଫେରାଉ ନ ଥିଲା। ଶେଷରେ ଅଜୁ ସୂର୍ଯ୍ୟକୁ ହତ୍ୟା କରିବା ଲାଗି ଯୋଜନା କରିଥିଲା। ଏ ନେଇ ସେ ତା'ର ସହଯୋଗୀ ସିପୁନ ସହ କଥା ହୋଇ ଯୋଜନା ପ୍ରସ୍ତୁତ କରିଥିଲା। ଘଟଣାଦିନ ଉଭୟେ ସୂର୍ଯ୍ୟକୁ ଟଙ୍କା ଫେରାଇବେ କହି ଡାକିଥିଲେ। ସେ ଶ୍ରୀସେତୁ ନିକଟରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଦୁଇ ଅଭିଯୁକ୍ତ ତା' ମୁଣ୍ଡକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୂର୍ଯ୍ୟର ମୃତ୍ୟୁ ହୋଇଥିଲା। ତାକୁ ଜଳଭଣ୍ଡାରରେ ପକାଇ ଦେଇ ଅଭିଯୁକ୍ତଦ୍ୱୟ ନିଜ ପୋଷାକ ପୋଡ଼ି ଘରକୁ ପଳାଇ ଆସିଥିଲେ। ଉଭୟଙ୍କୁ ପୁଲିସ ଧରିବା ପରେ ଶୁକ୍ରବାର ସେମାନେ ସିନ୍ ରିକ୍ରିଏସନ୍ କରିଥିଲେ। କେଉଁଠାରେ କେମିତି ତାକୁ ହତ୍ୟା କରିଥିଲେ ଏବଂ ହତ୍ୟାରେ ବ୍ୟବହୃତ ରଡ୍ କେଉଁଠି ପକାଇଥିଲେ, ନିଜ ପୋଷାକ କିପରି ପୋଡ଼ିଥିଲେ ତାହା ପୁଲିସକୁ ଦେଖାଇଥିଲେ। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି। ପୂର୍ବରୁ ଅଭିଯୁକ୍ତ ସିପୁନ୍ ନାଁରେ ବାସେଳିସାହି ଥାନାରେ ୩ଟି ମାମଲା ଥିବାବେଳେ ଅଜୁ ନାଁରେ କୁମ୍ଭାରପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ଏସ୍‌ପି କହିଛନ୍ତି।

### ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା ଘଟଣା

## ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ





**ପୁରୀ,୧୪।୧୧(ସମିସ):** ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ସନାତନ ବିହାର ଫେଜ୍ ୨ ଅଞ୍ଚଳରେ ଜଣେ ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା କରିବା ଓ ଅନ୍ୟ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗୁରୁବାର ପଶ୍ଚିମବଙ୍ଗ ଅଞ୍ଚଳରୁ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ପ୍ରତୀକ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ହତ୍ୟା ପଛର କାରଣ ସମ୍ପର୍କରେ ସୂଚନା ଦେଇଛନ୍ତି।

ଗତ ୧୨ ତାରିଖରେ ପେଣ୍ଠକଟା ମେରାଇନ୍ ଥାନାରେ ଏକ ଅଭିଯୋଗ ହୋଇଥିଲା। ବ୍ରାହ୍ମଣୀ ପୋଖରୀ ସନାତନ ବିହାର ଫେଜ୍ ୨ ଅଞ୍ଚଳରେ ଥିବା ଏକ ଘରେ କିଛି ମାସ ହେବ କିଛି ଶ୍ରମିକ ରହି ଟାଇଲ୍ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣଙ୍କର ମୃତ୍ୟୁ ହୋଇଥିବା ଲୋକ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିବା ସହ ୧୦୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ମୃତକ ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲ୍ଲାମ (୩୫)। ଏଥିସହ ଅନ୍ୟ ଦୁଇଜଣ ସେକ୍ ମୁସାରଫ୍ ଓ ସେକ୍ ଫିର୍‌ଦୋଶ। ୧୧ ତାରିଖ ରାତିରେ ସେମାନେ ଭୋଜି କରିଥିଲେ। କିଛି ଘଟଣାକୁ ନେଇ ନିଜ ନିଜ ମଧ୍ୟରେ କଥା କଟାକଟି ହେବା ସହ ଯୁକ୍ତିତର୍କ ହୋଇଥିଲା।

ପରବର୍ତ୍ତୀ ସମୟରେ ଶେଖ୍ ନୋରା ଆଲ୍ଲାମ ଏବଂ ଏସ୍. ଫିର୍‌ଦୋଶ ଶୋଇପଡ଼ିବା ପରେ ଅଭିଯୁକ୍ତ ଏସ୍. ମୁସାରଫ ସୁଯୋଗ ପାଇ ଶେଖ୍ ନୋରା ଆଲ୍ଲାମଙ୍କୁ ଏକ କାଠ ହ୍ୟାଣ୍ଡେଲ-ଲୁହା ହାତୁଡ଼ି (ହାତୁଡ଼ି) ସାହାଯ୍ୟରେ ମୃତକଙ୍କ ମୁହଁ ଉପରେ ଏକ ତକିଆ ରଖି ନିର୍ମମ ଭାବରେ ଆକ୍ରମଣ କରିଥିଲେ। ମୃତକଙ୍କ କାନ୍ଦ ଶୁଣି ଏସ୍. ଫିର୍‌ଦୋଶ ଉଠିପଡ଼ି ମୃତକଙ୍କୁ ବଞ୍ଚାଇବାକୁ ଚେଷ୍ଟା କଲେ, କିନ୍ତୁ ଅଭିଯୁକ୍ତ ମୁସାରଫ୍ ମଧ୍ୟ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ ଯାହାଫଳରେ ଫିର୍‌ଦୋଶ ଆହତ ହେଲେ। ଏହା ପରେ, ଅଭିଯୁକ୍ତ ଆହତ ଫିର୍‌ଦୋଶଙ୍କୁ ତାଙ୍କ ସହିତ ଆସିବାକୁ ଧମକ ଦେଇ ବଳପୂର୍ବକ ରେଳ ଷ୍ଟେସନକୁ ନେଇ ଟ୍ରେନ୍‌ରେ ନେଇଯାଇଥିଲା। ଭୁବନେଶ୍ୱରଠାରୁ ଫିର୍‌ଦୋଶ କୌଶଳ କ୍ରମେ ଖସିଆସି ପୁଲିସକୁ ସମସ୍ତ ଘଟଣା ସମ୍ପର୍କରେ କହିଥିଲା। ପରେ ପୁଲିସ ଶବକୁ ଘର ଭିତରୁ ଜବତ କରିବା ସହ ଅଭିଯୁକ୍ତକୁ ଧରିବା ନିମନ୍ତେ ପଶ୍ଚିମବଙ୍ଗ ଯାଇଥିଲା। ସେଠାରୁ ଅଭିଯୁକ୍ତକୁ ଗିରିଫ କରାଯାଇ ପୁରୀକୁ ଆଣିବା ସହ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପୁଲିସ ଅଭିଯୁକ୍ତ ନିକଟରୁ ହତ୍ୟାରେ ବ୍ୟବହାର ହୋଇଥିବା ରକ୍ତଲଗା ହାତୁଡ଼ି, ୩ଟି ମୋବାଇଲ୍ ଫୋନ୍, ଲୁହା ଛେଣି ଏବଂ ଗୋଟିଏ ବାଲ୍ଟି ଜବତ କରିଥିବା ନେଇ ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ପ୍ରେରଣା ସପ୍ତାହ

**ପୁରୀ,୧୪।୧୧(ସମିସ):** ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ଚଳିତ ଶିକ୍ଷାବର୍ଷର ପାଠ୍ୟକ୍ରମ ପ୍ରାରମ୍ଭ ଉତ୍ସବ ତଥା ପ୍ରେରଣା ସପ୍ତାହ ପାଳିତ ହୋଇଯାଇଛି। ଅନୁଷ୍ଠାନର ବି.ଫାର୍ମ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଗତ ୬ ତାରିଖ ଦିନ ପାଠ୍ୟକ୍ରମ ପ୍ରାରମ୍ଭ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ନିର୍ଦ୍ଦେଶକ ମନୋଜ କୁମାର ରଥ ବିଦ୍ୟାର୍ଥୀମାନଙ୍କୁ ଅଧ୍ୟୟନ ସହ ଶୃଙ୍ଖଳା ରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ତଥା ଅବସରରେ ୭ ତାରିଖ ପ୍ରଥମ ଦିବସରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ବିଜୟ ଯୋଗୁଁ ଅଭିନନ୍ଦନ ବାର୍ତ୍ତା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ପରିଚୟ ପ୍ରଦାନ ଉତ୍ସବ ପାଳିତ ହୋଇଥିଲା। ତୃତୀୟ ଦିବସରେ ସଂଗୀତ ଏବଂ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିବସରେ "ଛାତ୍ର ଜୀବନ ଓ ଆଧ୍ୟାତ୍ମିକତା' ଶୀର୍ଷକ ଆଲୋଚନାଚକ୍ରରେ ବ୍ରହ୍ମଚାରୀ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଉଦ୍‌ବୋଧନ ଦେଇଥିଲେ। ପଞ୍ଚମ ଦିବସରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମରକ୍ଷା ଷଷ୍ଠ ଦିବସରେ ଭାରତ ମେଡଲିଙ୍କ ଏମର୍ଜେନ୍ସି ସିଷ୍ଟମ୍ ନାମକ ଷ୍ଟାର୍ଟଅପ୍ ସମ୍ବନ୍ଧରେ ଏହାର ଉଦ୍ୟୋକ୍ତା ତଥା ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରୀତା ତ୍ରିପାଠୀ ଓ ସାଥୀମାନେ ସୂଚନା ଦେଇଥିଲେ। ୧୩ ତରିଖରେ କୁଇଜ୍ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷ ଦିବସ ଅର୍ଥାତ୍ ଶୁକ୍ରବାର "ଏଆଇ ଇନ୍ ଡ୍ରଗ୍ ଡିସ୍କଭେରୀ ଏଣ୍ଡ କ୍ୟାରିଅର ଇନ୍ ବି.ଫାର୍ମ' ଶୀର୍ଷକ ଅନ୍‌ଲାଇନ୍ ଆଲୋଚନାଚକ୍ରକୁ ରୁବିକ୍ସି ଏ.ଆଇ. କମ୍ପାନୀର ତନିଷ୍କ ଖଣ୍ଡର ଉଦ୍‌ବୋଧନ ଓ ପ୍ରଶାନ୍ତ ପଲେଇ





ପ୍ରଫେସର ଡ. ଅନ୍ନଦା ପ୍ରସାଦ ମହାପାତ୍ର, ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା, ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର ଏବଂ ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ସମୂହ ଉପସ୍ଥିତ ଥିଲେ।

ସେହିପରି ପ୍ରେରଣା ସପ୍ତାହ ପାଳନ ପ୍ରଶିକ୍ଷଣ ଦେଇଥିଲେ ପୁରୀ କରାଟେ ସ୍କୁଲର ପ୍ରତିଷ୍ଠାତା ପ୍ରସନ୍ନ କୁମାର ପଟ୍ଟନାୟକ। ଏହିଦିନ "ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାଧାରଣ ସୁବିଧା' ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇଥିଲେ ଫିଜିଓଥେରାପି ବିଭାଗ ମୁଖ୍ୟ ଡାକ୍ତର ନିର୍ମାଲ୍ୟ ଚନ୍ଦନ। ପରିଚାଳନା କରିଥିଲେ। ଏହି ପ୍ରେରଣା ସପ୍ତାହର କାର୍ଯ୍ୟକ୍ରମକୁ ଅଧ୍ୟାପକ ଦେବାଶିଷ ଦାସ, ସୁଜିତ୍ ହରିଚନ୍ଦନ, ପାର୍ଥସାରଥୀ ପାତ୍ର, ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ, ବର୍ଷା ପଲାଇ ତଥା କର୍ମକର୍ତ୍ତାଗଣ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟକୁ ମାତ୍ରାଧିକ ଭଲପାଇବା ଭିତରେ ନିଜକୁ ହଜାଇ ଦେବା ଓ ନିଜର ସ୍ୱତନ୍ତ୍ରତାକୁ ଭୁଲି ଯିବା ସବୁଠାରୁ କଷ୍ଟଦାୟକ ।

-ଅର୍ନେଷ୍ଟ ହେମିଙ୍ଗୱେ

## ମୁଦ୍ରାସ୍ଫୀତି ହ୍ରାସ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁଧହାର ବା ରିପୋ ରେଟ ହ୍ରାସ ଅନେକଟା ନିର୍ଭରଶୀଳ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ । ଗତ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୦.୨୫ ପ୍ରତିଶତକୁ ହ୍ରାସ ପାଇଛି । ତେଣୁ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭବ୍ୟାଙ୍କ ମୁଦ୍ରାନୀତି କମିଟିର ନିଷ୍ପତ୍ତିକୁ ଏହା ନିଶ୍ଚୟ ପ୍ରଭାବିତ କରିବ । କାରଣ ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ଏବେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ରିଜର୍ଭବ୍ୟାଙ୍କ ପକ୍ଷରୁ ପ୍ରୟୋଗ କରାଯାଇଥିବା କଟକଣା ଅନୁଯାୟୀ ୬ ପ୍ରତିଶତ ମୁଦ୍ରାସ୍ଫୀତି ସହନୀୟ ସ୍ଥିତି ଏବଂ ୪ ପ୍ରତିଶତକୁ ହ୍ରାସ ରହିଛି ଲକ୍ଷ୍ୟ । ଏବେ ପରିସ୍ଥିତି ସଂପୂର୍ଣ୍ଣ ରୂପେ ବଦଳି ଯାଇଛି । ତେଣୁ ରେପୋରେଟ ହ୍ରାସ ପାଇଁ ମୁଦ୍ରାନୀତି କମିଟି ଆଉ କୁଣ୍ଠିତ ହେବେ ନାହିଁ ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ଖାଦ୍ୟ ସାମଗ୍ରୀର ଦରଦାମ ହ୍ରାସ ସହିତ ସାମଗ୍ରୀ ଓ ସେବା ଟିକସ (ଜିଏସଟି) ରେ ସଂସ୍କାର ଅଣାଯାଇଥିବାରୁ ତାହାର ଅନୁକୂଳ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି । ପନିପରିବା, ଫଳ, ଅଣ୍ଡା ଭଳି ସାମଗ୍ରୀ ମୂଲ୍ୟ କମିଥିବା ବେଳେ ପରିବହନ ଓ ଯୋଗାଯୋଗ ଅପେକ୍ଷାକୃତ ଶସ୍ତା ହୋଇଥିବାରୁ ଖୁଚୁରା ସାମଗ୍ରୀର ମୂଲ୍ୟକୁ ତାହା ପ୍ରଭାବିତ କରିଛି । ଏହି ପରିସଂଖ୍ୟାନର ସବୁଠାରୁ ଉଲ୍ଲେଖଯୋଗ୍ୟ ଦିଗ ହେଲା, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଖାଉଟି ମୁଦ୍ରାସ୍ଫୀତି ଅପେକ୍ଷାକୃତ ଅଧିକ ହ୍ରାସ ଘଟିଛି । ତେଣୁ ଗ୍ରାମୀଣ ଜୀବନ ଦରଦାମ ବୃଦ୍ଧି ଜନିତ କଷ୍ଟରୁ ମୁକ୍ତ ହେଉଛି । ଏହି ପରିବେଶରେ ଗ୍ରାମାଞ୍ଚଳରେ ଉପାର୍ଜନ ବୃଦ୍ଧି ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ହେଲେ ସେମାନଙ୍କ କ୍ରୟ ଶକ୍ତି ବଢ଼ିବ । ସାମଗ୍ରିକ ଭାବେ ତାହା ବଜାର ବ୍ୟବସ୍ଥାକୁ ସୁଧାରିବାରେ ସହାୟକ ହେବ । ଓଡ଼ିଶା ସମେତ ଯେଉଁସବୁ ପ୍ରମୁଖ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତସ୍ଥିତିରେ ରହିଛି ସେମାନଙ୍କ ମଧ୍ୟରେ ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଅନ୍ୟତମ ।

ଦେଶର ଏଭଳି କିଛି ରାଜ୍ୟ ଅଛି, ଯେଉଁଠାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଏବେ ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି । କେରଳରେ ଏହି ହାର ସର୍ବାଧିକ ୮.୫୬ ପ୍ରତିଶତ ହୋଇଛି । ଏହା ପଛକୁ ଜାମ୍ମୁ-କାଶ୍ମୀରରେ ୨.୯୫ ପ୍ରତିଶତ ଓ କର୍ଣ୍ଣାଟକରେ ୨.୩୪ ପ୍ରତିଶତ ରହିଛି । କେରଳର ଏହି ସ୍ଥିତି କ୍ରମାଗତ ୧୦ ମାସ ଧରି ବଳବତ୍ତର ରହିଛି । ତେବେ ଏହି ପାର୍ଥକ୍ୟ କାହିଁକି? ହୋଇପାରେ ସେଠାରେ ସାଧାରଣ ଗ୍ରାହକଙ୍କ କ୍ରୟଶକ୍ତି ଅଧିକ । ସେମାନଙ୍କ ବର୍ଦ୍ଧିତ ଚାହିଦା ଯୋଗୁଁ ବଜାରରେ ଉପଲବ୍ଧ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି । ଆମ ଦେଶର ୧୪୫ କୋଟି ଜନସମୁଦାୟର ବର୍ଦ୍ଧିତ କ୍ରୟଶକ୍ତି ହିଁ ବଜାର ଅର୍ଥନୀତିକୁ ସମୃଦ୍ଧ କରିପାରିବ । ମୁଦ୍ରାସ୍ଫୀତିରେ ପରିଲକ୍ଷିତ ଅବନତିରୁ ସ୍ପଷ୍ଟ ଯେ ଖାଉଟିଙ୍କ ଚାହିଦା ଆଶାନୁରୂପ ଭାବେ ବୃଦ୍ଧି ପାଉନାହିଁ । ତେଣୁ ରିଜର୍ଭବ୍ୟାଙ୍କ ସୁଧହାର ହ୍ରାସ ମାଧ୍ୟମରେ ମୁଦ୍ରାପ୍ରଚଳନ ବୃଦ୍ଧି କରିବାକୁ ଚାହାନ୍ତି । ଋଣପ୍ରାପ୍ତି ଯେତେ ସହଜ ଓ ସରଳ ହେଲେ ମଧ୍ୟ ଗ୍ରହୀତାଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି ନ ପାଇଲେ ପରିଶୋଧ ଜନିତ ସମସ୍ୟା ସ୍ଥିତିକୁ ଆହୁରି ବିଗାଡ଼ି ଦେବ । ସରକାର ସାଧାରଣ ଲୋକଙ୍କ ଉପାର୍ଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧ୍ୟାନ ନଦେଲେ ଆର୍ଥିକ ସ୍ଥିତିରେ ଆଶାଜନକ ପରିବର୍ତ୍ତନ ସମ୍ଭବ ନୁହେଁ ।

## ସାମାଜିକ କଳଙ୍କ

ଆମ ରାଜ୍ୟର ଗ୍ରାମୀଣ ଜୀବନରେ ଗୁଣିଗାରେଡ଼ି ଓ ତନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସ ଏବେ ମଧ୍ୟ ତିଷ୍ଠି ରହିଛି । ବହୁ ଘଟଣାରେ ଏହା ପାରିବାରିକ ଓ ସାମାଜିକ ଜୀବନକୁ ପ୍ରଭାବିତ କରୁଛି । ଏହାକୁ କେନ୍ଦ୍ର କରି ଆପରାଧିକ କାର୍ଯ୍ୟକଳାପ ଏବଂ ଏକାଧିକ କ୍ଷେତ୍ରରେ ହତ୍ୟାକାଣ୍ଡ ଭଳି ନୃଶଂସତା ପରିଲକ୍ଷିତ ହେଉଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରୟୋଗ କ୍ରମେ ଲୋକଙ୍କ ମନରୁ ଏହି ବିଭ୍ରାନ୍ତି ଦୂର କରିବାରେ ଅନେକାଂଶରେ ସହାୟକ ହୋଇଛି । ଏହାସତ୍ତ୍ୱେ ରାଜ୍ୟର ଦଶଟି ଜିଲ୍ଲାରେ ଏଭଳି ଅନ୍ଧବିଶ୍ୱାସ ସହ ସଂଶ୍ଲିଷ୍ଟ କିଛି ଲୋକ ତନ୍ତ୍ର ପ୍ରୟୋଗ ଓ ତାନ୍ତ୍ରିକ ସନ୍ଦେହରେ ସେମାନଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ନୃଶଂସ ଭାବେ ହତ୍ୟା ମଧ୍ୟ କରୁଛନ୍ତି । ଏହାର ପ୍ରୟୋଗ ଓ ପ୍ରୋତ୍ସାହନର ପୃଷ୍ଠଭାଗରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦଣ୍ଡବିଧାନ ହେଉନଥିବାରୁ ଆମ ସାମାଜିକ ବ୍ୟବସ୍ଥାରେ ଏବେ ମଧ୍ୟ ଏହି ଅନ୍ଧବିଶ୍ୱାସ ତିଷ୍ଠି ରହିଛି । ତେଣୁ ୨୦୧୩ ମସିହାର ଓପିଡବ୍ଲ୍ୟୁ ଆଇନର ପରିସରକୁ ଆହୁରି ବ୍ୟାପକ କରିବା ସକାଶେ ସରକାର ଚିଠା ସଂଶୋଧନ ପ୍ରସ୍ତୁତ କରିଛନ୍ତି ।

ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ କ୍ରମାଗତ ଭାବେ ଗୁଣିଗାରେଡ଼ିକୁ କେନ୍ଦ୍ର କରି ଶାରୀରିକ ଅତ୍ୟାଚାର ଓ ହିସାକାଣ୍ଡ ଏବେ ମଧ୍ୟ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି । ଲୋକଙ୍କ ମନରୁ ଏପ୍ରକାର ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ସାମାଜିକ ସ୍ତରରେ ସେଭଳି ସଚେତନତା ସୃଷ୍ଟି ଉଦ୍ୟମ ହୋଇନାହିଁ । ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ କନ୍ଧମାଳ ଜିଲ୍ଲାରେ ତନ୍ତ୍ର ଓ ମନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସରୁ ସୃଷ୍ଟି ହିଂସାକାଣ୍ଡରେ ୬୦୬ ଲୋକଙ୍କ ଗତ ୧୧ ବର୍ଷରେ ମୃତ୍ୟୁ ଘଟିଛି । ଏକଥା ସତ ଯେ ୨୦୧୩ ର ଆଇନ ଏପ୍ରକାର ଅମାନୁଷିକ କାର୍ଯ୍ୟକଳାପକୁ ରୋକିବାରେ କେତେକାଂଶରେ ସଫଳ ହୋଇଛି । ତେବେ ଆଇନ ପରିସରରୁ ଅସଲ ପ୍ରାୟୋଜକ ଓ ସହାୟକ ଖସି ଯାଉଥିବାରୁ ନିୟନ୍ତ୍ରଣ ପ୍ରକ୍ରିୟା ସେଭଳି ପ୍ରଭାବୀ ହୋଇପାରୁନାହିଁ । ଏବେ ମଧ୍ୟ ବର୍ଷକୁ ଅନ୍ୟୂନ ୫୦ ଜଣ ଏହି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି । ଗତ ୫ ବର୍ଷ ମଧ୍ୟରେ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ୪୦୮ ମାମଲା ରୁଜୁ ହେବା ସହ ୩୮୮ ଜଣଙ୍କୁ ଗିରଫ କରାଯାଇଛି । ପ୍ରଣୀତ ଆଇନ କେତେଦୂର ସଫଳ ଓ ବିଫଳ ହେଉଛି ସେ ନେଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ତର୍ଜମା କରାଯିବା ଜରୁରୀ । କାର୍ଯ୍ୟକାରୀ ହେଉଥିବା ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନର ଆବଶ୍ୟକତା ଅନୁଭବ କରି ରାଜ୍ୟ ବିଧି ଆୟୋଗ ଦେଇଥିବା ସୁପାରିସ କ୍ରମେ ସରକାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚିଠା ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ ହୋଇଛି ।

ଗୁଣିଗାରେଡ଼ି ସନ୍ଦେହରେ କାହାକୁ ହତ୍ୟାକରିବା, ସାମାଜିକ ନିର୍ଯାତନା ଦେବା ଭଳି ଜଘନ୍ୟ ଅପରାଧ ଏକ ସାମାଜିକ କଳଙ୍କ । ମାନବ ସଭ୍ୟତା ବିକାଶର ପ୍ରଭାବ ଅନୁଭୂତ ହୋଇ ନଥିବା ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଯେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ ତାହାକୁ ସ୍ୱୀକାର କରିବାକୁ ପଡ଼ିବ । ଏହି କଳଙ୍କିତ ଅଧ୍ୟାୟର ପରିସମାପ୍ତି ସକାଶେ ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନ ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ଜରୁରୀ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସାମାଜିକ ବ୍ୟବସ୍ଥାକୁ ଯୁଗୋପଯୋଗୀ କରିବା ସକାଶେ ପରିବର୍ତ୍ତିତ ଦେଶଦୁନିଆର ବାର୍ତ୍ତା ପହଞ୍ଚାଇବା । ଏଥିଲାଗି ତୃଣମୂଳ ସ୍ତରରେ ସମର୍ପିତ ସାମାଜିକ କର୍ମୀ ନିୟୋଜିତ ହେବା ଆବଶ୍ୟକ ।

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ଦୁଇପର୍ଯ୍ୟାୟରେ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନର ଫଳାଫଳ ଓ ନିଷ୍କର୍ଷ ପ୍ରାୟତଃ ସ୍ପଷ୍ଟ ହୋଇସାରିଛି । ଯଦି ଏନ୍‌ଡିଏରେ ସେଭଳି ନେତୃତ୍ୱ କନ୍ଦଳ ସୃଷ୍ଟି ନ ହୁଏ ତେବେ ନୀତୀଶ କୁମାର ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାକୁ ଯାଉଛନ୍ତି । ଅପରପକ୍ଷରେ ପ୍ରମୁଖ ଆଶାୟୀ ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡିକୁ ୨୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଦୁଇ ଅଙ୍କ ମଧ୍ୟ ଟପିପାରିନାହିଁ । ଏହି ଦଳ ମାତ୍ର ୬ଟି ଆସନ ଜିତିପାରିଛି ।

ଆଞ୍ଚଳିକ ଓ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏବଂ ଉଦାହରଣ ସୃଷ୍ଟି କରିଆସିଥିବା ବିହାର ଏଥର ରେକର୍ଡ ସଂଖ୍ୟକ ଭୋଟଦାନ ହାର ସହିତ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା । ଅନଗ୍ରସର ଓ ଅଳ୍ପପାଠୁଆ ରାଜ୍ୟ ଭାବେ ଅପଖ୍ୟାତି ଅର୍ଜନ କରିଥିବା ଏହି ରାଜ୍ୟର ମହିଳା ଭୋଟରମାନେ ଏଥର ବିପୁଳ ଉତ୍ସାହର ସହିତ ରେକର୍ଡ ସଂଖ୍ୟାରେ ମତଦାନ କରିଥିବାରୁ ଭୋଟଦାନ ହାର ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲା । ସାଧାରଣତଃ ଭାରତୀୟ ନିର୍ବାଚନୀ ରାଜନୀତିରେ ଭୋଟଦାନ ହାର ଅଧିକ ହେଲେ ସରକାର ବଦଳିବାର ଏକ ଅଲିଖିତ ଧାରଣା ରହି ଆସିଛି । ତେଣୁ ଏଥର ବିହାରରେ ସରକାର ବଳଦିବ ବୋଲି ଆରଜେଡି ଓ କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ମେଣ୍ଟ ପ୍ରବଳ ଆଶାୟୀ ଥିଲେ । କିନ୍ତୁ ସବୁ ଧାରଣା ଓ ଅଙ୍କକଷାକୁ ଓଲଟପାଲଟ କରି ବିହାର ପୁଣି ଥରେ ଜାତୀୟ ରାଜନୀତିରେ ଆଚମ୍ବିତ ପରିବେଶ ସୃଷ୍ଟି କରିଛି । ସେହିପରି ବିହାର ବିଧାନସଭା ନିର୍ବାଚନରେ ପରେ ଏକ୍‌ଜିଟ୍ ପୋଲ୍ ବା ବୁଥ ବାହୁଡ଼ା ମତ ଆକଳନ ପ୍ରାୟତଃ ଭୁଲ୍ ସାବ୍ୟସ୍ତ ହୋଇଥିବା ବେଳେ ଏଥର ଠିକ୍ ପ୍ରମାଣିତ ହୋଇଛି ।

ନିର୍ବାଚନ ଫଳାଫଳାକୁ ନେଇ ରାଜନୈତିକ ବିଶାରଦମାନେ ଆଲୋଚନା ଆରମ୍ଭ କରିସାରିଛନ୍ତି । ଜାତୀୟ ରାଜନୀତିରେ ଏହାର ପ୍ରଭାବ ରହୁଥିବାରୁ ଆହୁରି କିଛିଦିନ ଧରି ତର୍ଜମା ଓ ଆଲୋଚନା ଜାରି ରହିବ । ତେବେ ଏନ୍‌ଡିଏର ବିପୁଳ ବିଜୟ ଓ ମହାଗଟ୍‌ବନ୍ଧନ, ବିଶେଷକରି କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ରାଜନୈତିକ ପଣ୍ଡିତମାନେ ଏବେ ମୁଖର ହୋଇଛନ୍ତି । ବିରୋଧୀଦଳର ପରାଜୟ ପାଇଁ ଦୁର୍ବଳ ନେତୃତ୍ୱ ଓ ଅନାକର୍ଷଣୀୟ ପ୍ରସଙ୍ଗକୁ ଦାୟୀ କରାଯାଇଥିବା ବେଳେ ଶାସକ ଦଳର ବିଜୟ ପାଇଁ ମହିଳା ଭୋଟର, ପ୍ରବାସୀ ଶ୍ରମିକଙ୍କ ଭୋଟ, ଫ୍ରିବିଜ୍ ବା୧୦ ହଜାର ଟଙ୍କା ବଣ୍ଟନ ସହିତ ନୀତୀଶଙ୍କ କେତେକ ସାମାଜିକ କାର୍ଯ୍ୟକ୍ରମକୁ ଶ୍ରେୟ ଦିଆଯାଇଛି । ଏଥିସହିତ ବିଜେପି ବିରୋଧରେ ପ୍ରମୁଖ ନିର୍ବାଚନୀ ଅସ୍ତ୍ର 'ଭୋଟ ଚୋରି' ଅଭିଯାନର ପ୍ରଥମ ପ୍ରୟୋଗ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ବିହାରରେ କରିଥିବାରୁ ତା'ର ପ୍ରଭାବ ଉପରେ ଦେଶର ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା । ଆଗାମୀ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସହିତ ଜାତୀୟ ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ କି ନାହିଁ ତା'ର ପ୍ରୟୋଗଶାଳା ମଧ୍ୟ ବିହାର ଥିଲା । କିନ୍ତୁ ରାହୁଲ୍ ଗାନ୍ଧୀଙ୍କ ଏହି ଅସ୍ତ୍ର ପ୍ରଭାବହୀନ ସାବ୍ୟସ୍ତ ହୋଇଛି ।

କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ବିଫଳ ହେବାର ପ୍ରମୁଖ କାରଣ ମଧ୍ୟରୁ ପ୍ରଥମତଃ, ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ମେଣ୍ଟ ଭିତରେ ଆସନ ବୁଝାମଣା ଅଙ୍କ ଛିଣ୍ଡି ନଥିଲା । ଶେଷ ମୁହୂର୍ତ୍ତରେ ତରବରିଆ ଭାବରେ ଏହି କାର୍ଯ୍ୟଟି ହେଲା । ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ପାଇଥିବା କିଛି କଂଗ୍ରେସ ପ୍ରାର୍ଥୀଙ୍କ ନିକଟରୁ ତାହା ପୁଣି ପ୍ରତ୍ୟାହାର କରି ନିଆଯାଇଥିଲା । ଅଳ୍ପଶିକ୍ଷିତ ହେଲେ ମଧ୍ୟ ବିହାର ଭୋଟର ଯେ ଏହାକୁ ଅତି ଗୁରୁତ୍ୱର ସହ ନିରୀକ୍ଷଣ କରୁଥିଲେ, ତାହା ଆରଜେଡି କିମ୍ବା କଂଗ୍ରେସର ନେତୃମଣ୍ଡଳୀ ଦୃଷ୍ଟି ଦେଇ ନଥିଲେ । ବୋଧହୁଏ ଭୋଟରଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ବିହାରକୁ ଭାଗବଣ୍ଟା କରୁଛନ୍ତି ସେମାନେ ଶାସନ କ୍ଷମତାକୁ ଆସିଲେ ଲୋକହିତ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଧ୍ୟାନ ଦେଇ କଳହ କରିବେ, ଯାହା ସରକାରକୁ ଅଧିକ ଦିନ ଧରି ରଖିପାରିବ ନାହିଁ । ବିହାରରୁ ଏନ୍‌ଡିଏକୁ ହଟାଇବାକୁ ଦୃଢ଼ ପରିକର ଥିଲେ କଂଗ୍ରେସ ନିଜେ ନିର୍ବାଚନରୁ ଓହରି ଯାଇ ଆରଜେଡିକୁ ପୂର୍ଣ୍ଣ ସମର୍ଥନ କରିବାର ଆବଶ୍ୟକ ଥିଲା । ଏହାପରେ ହୁଏତ ବିହାରରେ କ୍ଷମତା ଦଖଲ ପାଇଁ କଂଗ୍ରେସ ପାଖରେ ସୁଯୋଗ ରହିଥା'ନ୍ତା । ଟିକେଟ୍ ପ୍ରତ୍ୟାହାର ପରେ କଂଗ୍ରେସରେ ଆନ୍ତଃକନ୍ଦଳ ଏକ ସଙ୍କଟର ରୂପ ନେଲା, ଯାହା ଫଳରେ ଦଳ ଦୁଇ ଅଙ୍କ ମଧ୍ୟ ଟପି ପାରିଲା ନାହିଁ ।

ଦ୍ୱିତୀୟତଃ, କଂଗ୍ରେସ ଅଣଯାଦବ ଭୋଟ ହାତେଇବା ପାଇଁ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ପ୍ରତ୍ୟକ୍ଷ ସମର୍ଥନ କଲା ନାହିଁ । ତେଣୁ ମାତ୍ର ଦୁଇ/ତିନୋଟି ସଭାକୁ ଛାଡ଼ିଦେଲେ ରାହୁଲ୍ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଲା ନାହିଁ । ଏହା ଭୋଟରଙ୍କୁ ଭୁଲ୍ ବାର୍ତ୍ତା ଦେଲା । ତୃତୀୟତଃ, ଦଳିତ ବର୍ଗର ଭୋଟ ହାତେଇବା ପାଇଁ କଂଗ୍ରେସ ଉଚ୍ଚବର୍ଗକୁ ସମ୍ପୂର୍ଣ୍ଣ ଅଣଦେଖା କଲା, ଯାହାର ଧ୍ରୁବୀକରଣ ଭୋଟ ଫଳାଫଳରେ ପ୍ରତିଫଳିତ ହେଲା । ଚତୁର୍ଥତଃ, ବିହାରବାସୀ ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲ ରାଜ' ଶାସନରେ ଏତେ ଅତିଷ୍ଠ ହୋଇସାରିଥିଲେ ଯେ ସେମାନେ ପୁଣି ଥରେ ବିପଦ ବରଣ କରିବାକୁ ଚାହିଁଲେ ନାହିଁ । ଏହି କଥାଟି ଏନ୍‌ଡିଏ ଉଚିତ ସମୟରେ ବିହାର ଭୋଟରଙ୍କୁ ମନେ ପକାଇ ଦେଲା । ବିହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପରି ଏକାଧିକ ସାମାଜିକ-ଅର୍ଥନୈତିକ ସମସ୍ୟା ରହିଥିବା ବେଳେ କଂଗ୍ରେସ 'ଭୋଟ ଚୋରି'କୁ ପ୍ରସଙ୍ଗ କଲା, ଯାହା ଲୋକେ ପ୍ରତ୍ୟାଖ୍ୟାନ କଲେ । ଗତ ସାଧାରଣ ନିର୍ବାଚନରେ ମଧ୍ୟ ଦରଦାମ ବୃଦ୍ଧି ବଦଳରେ କଂଗ୍ରେସ ସମ୍ବିଧାନର ସୁରକ୍ଷାକୁ ପ୍ରସଙ୍ଗ କରି ବିଫଳ ହୋଇଥିଲା ।

ଅପରପକ୍ଷରେ ବିହାରର ଜାତିଭିତ୍ତିକ ଭୋଟ ରାଜନୀତିକୁ ଏନ୍‌ଡିଏ ବହୁପୂର୍ବରୁ ଗୁରୁତ୍ୱ ଦେଇ ଆସିଥିଲା ଏବଂ ଯେକୌଣସି ଛୋଟ ଛୋଟ ସମ୍ପ୍ରଦାୟକୁ ବାଦ୍ ଦେଇ ନଥିଲା । ଗତ ଫେବୃଆରୀରେ ସାଧାରଣ ବଜେଟ୍ ଉପସ୍ଥାପନ ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ମଧୁବନୀ ଶାଢ଼ି ପିନ୍ଧିବା, ବଜେଟ୍‌ରେ ମାଖନା କ୍ଷେତ୍ରର ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିବା ପରେ ଜଣାପଡ଼ିଯାଇଥିଲା ଏନ୍‌ଡିଏର ମୂଳ ଲକ୍ଷ୍ୟ କ'ଣ । ତେଣୁ ନିର୍ବାଚନ ରଣନୀତିରେ ଏନ୍‌ଡିଏ ଦଳିତ ସହିତ ଅର୍ଥନୈତିକ ପଛୁଆ ବର୍ଗକୁ କେନ୍ଦ୍ରରେ ରଖିଲା । ଏଥର ନିର୍ବାଚନ ରଣନୀତିରେ ମହାଗଟ୍‌ବନ୍ଧନ ମୁସ୍‌ଲିମ୍ ଓ ଦଳିତ ଭୋଟରଙ୍କୁ ପ୍ରାଧାନ୍ୟ ଦେଇଥିବା ବେଳେ ନୀତୀଶ କୁମାର ମହିଳା ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଲେ । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏନ୍‌ଡିଏ ଚତୁରତାର ସହିତ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅଧୀନରେ ମହିଳା ଉଦ୍ୟୋଗୀଙ୍କୁ ୨.୧ ଲକ୍ଷ ଟଙ୍କା ଲେଖାଏଁ ଦେବାର ଘୋଷଣା କଲେ ଏବଂ ଅଗ୍ରୀମ ୧୦ ହଜାର ଟଙ୍କା ଲେଖାଏଁ ୧.୨୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କଲେ ।

ଏହାଛଡ଼ା ନୀତୀଶକୁମାରଙ୍କ ଅଭିଯୋଗ ସମାଧାନ ସହିତ ଶିକ୍ଷକ, ପୁଲିସ, ପ୍ରଶାସନିକ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ କରି ସେବାରେ ସ୍ୱଚ୍ଛତା ଆଣିବା, ପଞ୍ଚାୟତିରାଜ କର୍ମୀଙ୍କୁ ଭତ୍ତା, ବରିଷ୍ଠ ନାଗରିକଙ୍କୁ ଅଧିକ ଭତ୍ତା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି, ଜୀବିକା ଦିଦିଙ୍କୁ ୧୦ ହଜାର ଟଙ୍କା, ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ରିହାତି ଆଦି କାର୍ଯ୍ୟକ୍ରମ ଭୋଟରଙ୍କୁ ଛୁଇଁଲା ଏବଂ ତାହା ଭୋଟରେ ରୂପାନ୍ତରିତ ହେଲା । ଏନ୍‌ଡିଏ ସପକ୍ଷରେ ଆଉ ଏକ ନିର୍ଣ୍ଣାୟକ ସାବ୍ୟସ୍ତ ହେଲା ଛଟ୍ ପୂଜା ପାଇଁ ପ୍ରବାସୀ ଶ୍ରମିକମାନଙ୍କର ଘରବାହୁଡ଼ା । ଏହାକୁ ମୌକାରେ ପରିଣତ କରିବା ପାଇଁ ଏନ୍‌ଡିଏ କୌଣସି ସୁଯୋଗ ହାତଛଡ଼ା କରି ନଥିବା ବେଳେ କଂଗ୍ରେସ ତାହାକୁ ଅଣଦେଖା କରିଥିଲା । ଏପରିକି ନିର୍ବାଚନ ସହିତ ଧର୍ମକୁ ଯୋଡ଼ିବା ପାଇଁ ଏନ୍‌ଡିଏ ଭରପୂର ପ୍ରୟାସ କରି ପ୍ରୀତିଭାଜନ ହୋଇଥିବା ବେଳେ କଂଗ୍ରେସ ଏହାକୁ ନାଟକ କହି ଭୋଟରଙ୍କ ରୋଷଭାଜନ ହେଲା ।

ଏହି ନିର୍ବାଚନରେ ସବୁଠାରୁ ଉଲ୍ଲେଖନୀୟ ହେଲା ପ୍ରତ୍ୟକ୍ଷ ଭାବେ ନିର୍ବାଚନକୁ ଓହ୍ଲାଇଥିବା ନିର୍ବାଚନୀ ରଣନୀତିକାର ବା ଚାଣକ୍ୟ ରୂପେ ସ୍ୱୀକୃତ ଓ ବିଦିତ ପ୍ରଶାନ୍ତ କିଶୋରଙ୍କ ନିର୍ବାଚନୀ ଫଳାଫଳ ପୁଣି ଥରେ ପ୍ରମାଣିତ କରିଦେଲା ଯେ ରଣନୀତିକାର ଓ ରାଜନୈତା ଭିତରେ ବହୁ ତଫାତ ଅଛି ।

(ସକାଳ ମିଡିଆ ସର୍ଭିସ୍)

# ସାମ୍ବାଦିକତା ଓ ସାମାଜିକ ଅଙ୍ଗୀକାରବଦ୍ଧତା

ପଞ୍ଚାନନ ଅଗ୍ରୱାଲ

କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଦେଶର ଜାଗ୍ରତ ପ୍ରହରୀ ରୂପେ କାମ କରିଥାଏ । ତତ୍‌ସଙ୍ଗେ ସଙ୍ଗେ ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ଦାୟିତ୍ୱ ତୁଲାଇଥାଏ । ବର୍ତ୍ତମାନ ସ୍ଥିତିରେ ଗଣମାଧ୍ୟମର ସ୍ୱତନ୍ତ୍ରତା ଚର୍ଚ୍ଚାର ପରିଧିକୁ ଆସିଛି । ପ୍ରେସ୍ ସ୍ୱାଧୀନତା ମୂଳରେ ତିନି ଜଣ ମୁଖ୍ୟତଃ ଆସୁଛନ୍ତି । ସେମାନେ ହେଲେ ମାଲିକ, ସମ୍ପାଦକ ଆଉ ପାଠକ । ପ୍ରେସ ସ୍ୱାଧୀନତାର ଅର୍ଥ ସାମ୍ବାଦିକର ସ୍ୱାଧୀନତା ହେଉ ନାହିଁ । ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ରାଷ୍ଟ୍ରର ହିତ ସାଧନା ହିଁ ସାମ୍ବାଦିକର ଲକ୍ଷ୍ୟ ହେବା ଉଚିତ, ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଯାଉଛି । ବର୍ତ୍ତମାନ ମାଲିକର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସାମ୍ବାଦିକର ଧର୍ମ ହୋଇଯାଇଛି । ବିଶିଷ୍ଟ ସମାଲୋଚକ, ହିନ୍ଦୀ ସାମ୍ବାଦିକ ରାକିଶୋର କହନ୍ତି ଯେ ଖବରକାଗଜ ଅଥବା ସାମ୍ବାଦିକମାନଙ୍କ ନିଜର କୌଣସି ଅଭିବ୍ୟକ୍ତି ନଥିବା କାରଣରୁ ସାମ୍ବାଦିକମାନେ ସ୍ପେୟାର ପାର୍ଟସ ଭଳି ହୋଇଯାଉଛନ୍ତି । ଯେ କେହି ଏହାକୁ ନେଇ ବ୍ୟବହାର କରିପାରିବ । ତେବେ ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା କହିବା ନା ପେଶାର ସ୍ୱାଧୀନତା? ସାମ୍ବାଦିକଙ୍କ ସ୍ୱାଧୀନତା ଅର୍ଥ ଆଜି ପେଣ୍ଡୁଲମ ଭଳି ଦୋଳାୟମାନ ସ୍ଥିତିରେ ଅଛି ।

ଏ କଥା ନିଶ୍ଚୟ ଚିନ୍ତାଜନକ । ଅଧିକ ପ୍ରସାରିତ ଖବରଗକାଗଜ ମାଲିକାନା ଧନିକ ଶ୍ରେଣୀର । ପ୍ରେସ ସ୍ୱାଧୀନତାର ବଡ଼ ଅଂଶ ମାଲିକମାନେ ପାଉଛନ୍ତି । ସମସ୍ତେ ପୁଞ୍ଜିପତି ବର୍ଗ । ଏଣୁ ରାଜନୀତିର ପରିସରଭୁକ୍ତ ହୋଇଯାଉଛନ୍ତି । ସାମ୍ବାଦିକମାନେ ଏଥିନେଇ ଅଧିକ ମୁଣ୍ଡ ଖେଳାଇବାକୁ ପସନ୍ଦ କରୁନାହାନ୍ତି । ସାମ୍ବାଦିକତାକୁ ଅନ୍ୟ ବ୍ୟବସାୟିକ ଶିଳ୍ପ ସଂସ୍ଥା ବୁଝିବା ଦ୍ୱାରା ଏହାର ମୂଳ ଉଦ୍ଦେଶ୍ୟ ଆର୍ଥିକ ଫାଇଦା ଉଠାଇବା ହୋଇଯାଉଛି । ଆଜି ସାମ୍ବାଦିକତାକୁ ରାଜନୀତିରୁ ଅଲଗା କରି ରଖି ହେବ ନାହିଁ । ପ୍ରକାଶନ ମାଲିକମାନଙ୍କୁ କେବଳ ଅର୍ଥଲୋଭ ନୁହେଁ, ତା' ସହିତ କ୍ଷମତା ଲୋଭ ମଧ୍ୟ ଘାରିଛି । ଏଣୁ ଏମାନେ ସବୁବେଳେ କ୍ଷମତାର ମୁଖ୍ୟଧାରାରେ ଜଡ଼ିତ ହେବାକୁ ପସନ୍ଦ କରନ୍ତି ।

'ହଂସ' ପତ୍ରିକାର ବାର୍ଷିକ ଉତ୍ସବରେ ହିନ୍ଦୀ କଥା ସମ୍ରାଟ ପ୍ରେମଚାନ୍ଦ ଲେଖିଥିଲେ ଆମର ଆର୍ଥିକ ହାନି ଘଟିଛି, ରାଜନୈତିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଛି । ତଥାପି ଆମେ ସାହସ ବାନ୍ଧି ରଖିଛୁ, ହାରି ଯାଇନାହୁଁ । ଆମ ସମ୍ମୁଖରେ ଯେଉଁ ଆଦର୍ଶ ଅଛି ତାହା ଆମକୁ ଅଧିକ ଉତ୍ସାହିତ କରୁଛି । ଆମକୁ ଲାଭ-କ୍ଷତି ପାଇଁ କୌଣସି ବ୍ୟସ୍ତ ହେବାର ନାହିଁ । ବର୍ତ୍ତମାନ ଯୁଗରେ ସଫଳତାର ମାନଦଣ୍ଡକୁ ପ୍ରେମଚାନ୍ଦଙ୍କ ଆଧାରରେ ନେବା ସମୀଚୀନ ହେବନାହିଁ । ୧୯୩୨ ଅଗଷ୍ଟ ୨୨ରେ 'ଜାଗରଣ'କୁ ନୂଆ ରୂପରେ ପ୍ରକାଶିତ କରାଇବା ଅବସରରେ ସେ ଲେଖିଥିଲେ 'ସତ୍ୟକୁ ଖୋଜିବା ଦରକାର, ସତ୍ୟର ପୂଜାରୀ ହେବାକୁ ପଡ଼ିବ, ସତ୍ୟକୁ ସହିବା ପାଇଁ ଯେତେ ଅପମାନ ସହୁ ନା କାହିଁକି, ଅପ୍ରିୟ ସତ୍ୟ କହିବାକୁ ଭୁଲିବ ନାହିଁ । ସେବେବେ ଅନ୍ୟର ଦୋଷକୁ ଦେଖିବ ନାହିଁ, ବରଂ ନିଜର ଦୋଷକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ।

ଆଜି ସାମ୍ବାଦିକତା କ୍ଷେତ୍ରରେ 'ସତ୍ୟ' ଖୋଜିବା ସ୍ଥାନ ନେଇଛି 'ଷ୍ଟୋରୀ' ଖୋଜିବା । ଆଜିକାଲି ଖବରକାଗଜ ପୃଷ୍ଠାଗୁଡ଼ିକରେ ନିଜ ପ୍ରତିନିଧିଙ୍କ ଖବର ବଦଳରେ ବାସ୍ତୁବାଦୀ, ଆମ୍ରପୂରକ, ଉତ୍ତେଜକ କଥା କାହାଣୀ ରୂପରେ ପ୍ରକାଶ ପାଉଛି । ଅନେକ ସମୟରେ ପାଠକ ସତ୍ୟ ଖୋଜିବାରେ ଝୁଣ୍ଟିପଡୁଛି, ନିରାଶ ମଧ୍ୟ ହେଉଛି । ସାମ୍ବାଦିକ ଶିଳ୍ପ ସଂସ୍ଥା ଭଳି ଅର୍ଥକେନ୍ଦ୍ରିକ, ଜନଚେତନା, ସତ୍ୟର ଉଦ୍‌ଘାଟନ ଓ ବିକାଶ ସହିତ ସଂଶ୍ଳିଷ୍ଟ ହେବା ଉଚିତ୍ । ମାଖନଲାଲ ଚତୁର୍ବେଦୀ ମୁଖ୍ୟତଃ କବି ଥିଲେ । ରାଜନୈତିକ କର୍ମକର୍ତ୍ତା ମଧ୍ୟ ଥିଲେ । ୧୯୨୫ ମସିହାରେ ସେ ପତ୍ରକାର ପରିଷଦରେ ଭାଷଣ ଦେଇ କହିଥିଲେ, 'ଯଦି ସମାଚାର ପତ୍ର ଦୁନିଆରେ ସବୁଠାରୁ ବଳୀୟାନ ଓ ଶକ୍ତିଶାଳୀ, ତେବେ ତା' ମୁଣ୍ଡରେ ଆପଦ ବିପଦ ଘେରି ହୋଇରହିଛି । ସେ ରାଷ୍ଟ୍ରୀୟ ସୁରକ୍ଷାର ବଡ଼ ପ୍ରାଚୀର ହୋଇ ରହିଛି । ସେ ହିମାଳୟର ଶିଖର ଭଳି ଝଟକି ଉଠୁଛି । ତା' ଉପରେ ଦେଶର ବହୁ ଗୁରୁଦାୟିତ୍ୱ ରହିଛି ।

ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକତା କ୍ଷେତ୍ରରେ ବହୁ କ୍ରାନ୍ତିକାରୀ ନେତା ଗୋଟିଏ ଝୁମ୍‌ରେ କଲମ ମୁନ ଧରି ଆଗେଇ ଆସି ସାମ୍ବାଦିକତାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେତେବେଳେ ପତ୍ରପତ୍ରିକା ମଧ୍ୟରେ ଥିଲେ ମର୍ଯ୍ୟାଦା, ଅଭ୍ୟୁଦୟ, ବିକ୍ରମ, ପ୍ରତାପ, କର୍ମବୀର, ସରସ୍ୱତୀ, ପ୍ରଭା, ମତୱାଲ, ଚାନ୍ଦ, ମାଧୁରୀ, ହଂସ, ଜାଗରଣ, ନବଜୀବନ, ସୁଧା ଆଦି । ସେମାନଙ୍କ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟବୋଧ, ସାମାଜିକ ଅଙ୍ଗୀକାରବଦ୍ଧତା ଅକ୍ଷୁଣ୍ଣ ଥିଲା । ସେମାନେ କେବଳ ଦୃଷ୍ଟିକୋଣକୁ ଆଧାର ରଖି ନଥିଲେ ବରଂ ଜନତାଙ୍କ ହିତ ଦୃଷ୍ଟିକୁ ଅଗ୍ରାଧିକାର ଦେଉଥିଲେ । ୧୯୬୫ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର 'ସମାଜ' ସମ୍ପାଦକୀୟରେ ଲେଖିଥିଲେ, ଆଜିକାଲି ସମ୍ବାଦପତ୍ର ସବୁ କୌଣସି ଦଳର ମୁଖପତ୍ର, କିନ୍ତୁ 'ସମାଜ' ଜନ୍ମ ସମୟରେ ଦେଶର ଏ ଅବସ୍ଥା ନଥିଲା । ଗୋପବନ୍ଧୁ ରାଜନୀତି, ଦଳଗତକୁ ଊର୍ଦ୍ଧ୍ୱରେ ରହି ଦେଶ ସେବା ପାଇଁ କେବଳ ଲେଖନୀ ଚାଳନା କରିଥିଲେ ।

ବେଳେବେଳେ କିଛି ନିର୍ଦ୍ଦିଷ୍ଟ ଖବରକାଗଜ ଧାରା ପ୍ରବାଦ ନେତାଙ୍କ ନିନ୍ଦାଗାନରେ ମଜ୍ଜିଥା'ନ୍ତି । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋରାଜୀ ଦେଶାଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ । ବ୍ଲିଜ୍ ସାପ୍ତାହିକ ଲଗାତାର ତାଙ୍କ ବିରୁଦ୍ଧରେ ସମ୍ବାଦ ପରିବେଷଣ କରୁଥିଲା । ସେତେବଳେ ପତ୍ରିକାର ମାଲିକ ଓ ସଂପାଦକ ଥାଆନ୍ତି ଆର୍.କେ.କରିଆ । କେହି ହିତାକାଂକ୍ଷୀ ଦେଶାଇଙ୍କୁ ବ୍ଲିଜ ବିଷୟରେ କହିବାକୁ ସେ ଉତ୍ତର ଦେଲେ, 'ମୁଁ ବ୍ଲିଜ କେବେ ପଢ଼େନାହିଁ ।' ଯେତେବେଳେ ସେ ପ୍ରଧାନମନ୍ତ୍ରୀ ହେଲେ ସେ ଯଦି ଚାହିଁଥା'ନ୍ତେ ସାମ୍ବାଦିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିପାରିଥା'ନ୍ତେ, କିମ୍ବା ସରକାରୀ ବିଜ୍ଞାପନ ବନ୍ଦ କରିଦେଇ ପାରିଥା'ନ୍ତେ । ମାତ୍ର ସେ ସେପରି କଲେ ନାହିଁ । ସମାଜରେ ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକକୁ ରାଷ୍ଟ୍ର ହିତ ଉଦ୍ଦେଶ୍ୟରେ କଲମ ଚାଳନା କରିବାକୁ ପଡ଼ିବ । ତେବେ ଯାଇ ସେ ଶୀର୍ଷ ସ୍ଥାନକୁ ଯାଇପାରିବ ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧


# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ନିକଟସ୍ଥ ଭିକମପାଲି ଗ୍ରାମରେ ଏକ ନୂତନ ପଦ୍ମାସିନୀ ମନ୍ଦିର ନିର୍ମାଣ କରାଯାଇଛି । ସେହିଭଳି ବୁଡ଼ି ଯାଇଥିବା ପଦ୍ମପୁରର ମୂଳ ପଦ୍ମାସିନୀ ଦେବୀ ନିକଟସ୍ଥ ପୂଜାରିପାଲି ଗ୍ରାମରେ ପୂଜା ପାଉଛନ୍ତି ନୂତନ ଭାବେ ନିର୍ମିତ ପୂଜା ସ୍ଥଳରେ । ଦକ୍ଷିଣ କୋଶଳରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମସ୍ତ ମହାନଦୀ ଅବବାହିକା ଅଞ୍ଚଳରେ ପ୍ରାଚୀନ ବୌଦ୍ଧ କୀର୍ତ୍ତି ଓ ବୌଦ୍ଧ ସ୍ଥଳମାନ ବିଛାଇ ହୋଇ ରହିଛନ୍ତି । ଏହା ମଧ୍ୟରେ ପ୍ରାଚୀନ ଧ୍ୱଂସପ୍ରାପ୍ତ ବୌଦ୍ଧ ବିହାର, ମନ୍ଦିର, ଗୁମ୍ଫା, ବୌଦ୍ଧ ଅନୁଷ୍ଠାନ ସବୁ ବୌଦ୍ଧ ମୂର୍ତ୍ତିମାନ, ବୌଦ୍ଧ ଦେବଦେବୀ ମୂର୍ତ୍ତି ସବୁ ବହୁସଂଖ୍ୟାରେ ଦେଖାଯାଏ । କିଛିସ୍ଥଳରେ ଖନନ ହୋଇ ଉଦ୍ଧାର କରାଯାଇଛି; ମାତ୍ର ବହୁସ୍ଥଳରେ କୌଣସି ଖନନ ଅଥବା ସଠିକ ଅନୁସନ୍ଧାନ ଅଥବା ଅନ୍ୱେଷଣ ମଧ୍ୟ କରାଯାଇନାହିଁ ।

ପଦ୍ମପୁର ଏବଂ ଏହାର ଚାରିପାଖର ଅନେକ ଗ୍ରାମର ନାମ ଏବେ ମଧ୍ୟ ଏ ଅଞ୍ଚଳର ପ୍ରାଚୀନ ବୌଦ୍ଧ ପରିମ୍ପରାକୁ ସୂଚାଇ ଥାଏ । ବହୁ ଗ୍ରାମ ଓ ସ୍ଥଳମାନ ବୌଦ୍ଧ ନାମ ଧାରଣ କରିଥିବା ଜଣାଯାଏ । ବୌଦ୍ଧ ଭିକ୍ଷୁ ତଥା ବୌଦ୍ଧ ଦେବଦେବୀଙ୍କ ନାମ ମଧ୍ୟ । ଏ ଅଞ୍ଚଳ ବଜ୍ରଯାନର ଦୁର୍ଗଭଳି ପରିଣତ ହୋଇଥିଲା । ଗ୍ରାମଗୁଡ଼ିକ ଏହିଭଳି - ଭିକମପାଲି (ଭିକ୍ଷୁପାଲି), ଆମ୍ବପାଲି (ଆମ୍ରପାଲି), ଯୋଗୀଡିପ, ଯୋଗିନୀ, ମଛିନ୍ଦା(ମତ୍ସ୍ୟେନ୍ଦ୍ରନାଥ), ମହାସିଂଘା, ପାଲସଦା, କନକତାରା, ଗୌତମଖୋଟ ଓ ବିକ୍ରମ ଖେଶଲ (ଏ ଦୁଇଟି ପାହାଡ଼), ବାସମପାଲି, କଣ୍ଟାପାଲି, କଦମଘାଟ, ଦେବଧାର, କୋଟଗଡ଼, ରୋହିଣୀ, କେସରଜିମା, ବସ୍ତି, ଅଟ୍ଟାବିରା, ରେମଣ୍ଡା, ସିଙ୍ଗାରପୁର(ସିଙ୍ଗଳ), ବିନ୍ଦୁପାଲି, ବୁଧେଲକାଣି, ସୁଖ ଡିହ ।



ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମପୁର ପାଖାପାଖି ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁମାନଙ୍କର ଗୁମ୍ଫା ରହିଛି । ସେଥିରୁ ଏ ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁ ବସବାସ କରୁଥିବା ଜଣା ।ଯାଉଛି । ଗୁଜା ପାହାଡ଼ରେ ଅନେକଗୁଡ଼ିଏ ଗୁମ୍ଫା ରହିଛି ଏବଂ ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳ ମଧ୍ୟରେ । ମାତ୍ର ଏହାକୁ ପୋତାଯାଇ ରାସ୍ତା କରାଯାଇଛି ଏବଂ ସେହି ପାହାଡ଼ ପାଦଦେଶରେ ଏକ ଭ୍ରମଣସ୍ଥଳ ସୃଷ୍ଟି ରାଯାଇଛି । ସେହି ରମ୍ପାଲୁଗାଠାରେ ମଧ୍ୟ ଏକ ଭ୍ରମଣକେନ୍ଦ୍ର ସୃଷ୍ଟି କରାଯାଇଛି ଏବଂ ସେଠାରେ ପଦ୍ମସମ୍ଭବଙ୍କର ଏକ ବୃହତ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ କରାଯିବାର ଯୋଜନା ରହିଛି । ସେହିଭଳି ଭିକମପାଲିଠାରେ ନିକଟରେ ଗୁରୁପଦ୍ମସମ୍ଭବଙ୍କ ଆବିର୍ଭାବ ଦିବସରେ ଉତ୍ସବ ପାଳନ ଅବସରରେ ସେଠାରେ ମାର୍ବଲ ନିର୍ମିତ ମୂର୍ତ୍ତି, ଭଗବାନ ବୁଦ୍ଧ ଓ ଶ୍ରୀଜଗନ୍ନାଥଙ୍କ ପ୍ରସ୍ତର ମୂର୍ତ୍ତିମାନ ବୌଦ୍ଧ ନୀତିନିୟମ ମୁତାବକ ସ୍ଥାପନ କରାଯାଇଛି ଏବଂ ପ୍ରତିଷ୍ଠା ଉତ୍ସବ ମଧ୍ୟ କରାଯାଇଛି ।ନିକଟସ୍ଥ ପଲସଦା ଗ୍ରାମରେ ଏକ ବୌଦ୍ଧସ୍ତୂପ ଥିବାର ଜଣାଯାଇଛି ।

ପଦ୍ମପୁର ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ । ସ୍ଥାନୀୟ ପରମ୍ପରା ମୁତାବକ ଆଠବର୍ଷ ବୟସରେ ସେ କୌଣସିପରିସ୍ଥିତିରେ ଘର ଛାଡ଼ି ମହାନଦୀ କୂଳେ ତଳକୁ ସମ୍ବଳ ରାଜପ୍ରସାଦ ଆଡ଼କୁ ଯାହାକି ତାଙ୍କ ଗ୍ରାମଠାରୁ ବହୁ ଦୂରବର୍ତ୍ତୀ ଅଞ୍ଚଳ ନୁହେଁ, ଚାଲିଯାଇଥିଲେ । ସେଠାରେ ଧନକୋଷ ପୁଷ୍କରିଣୀ (ହ୍ରଦ କୁହାଯାଇଛି) ନିକଟରେ ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ତାଙ୍କୁ ଉଦ୍ଧାର କରିଥିଲେ । ପରେ ରାଜା ଆସି ତାଙ୍କୁ ରାଜପ୍ରସାଦକୁ ନେଇ ପରେ ପୋଷ୍ୟପୁତ୍ରଭାବେ ଗ୍ରହଣ କରିଥିଲେ । କୁହାଯାଏ ଧନକୋଷ ହ୍ରଦରେ ଅନେକ ପଦ୍ମଫୁଲ ସବୁବେଳେ ଫୁଟିଥାଏ, ଏବେ ମଧ୍ୟ ଫୁଟୁଛି । ପଦ୍ମଫୁଲ ହ୍ରଦ ପାଖରୁ ପାଇ ରାଜା ତାଙ୍କୁ ପଦ୍ମସମ୍ଭବ ନାମରେ ନାମିତ କରିଥିଲେ । ତାଙ୍କ ଜନ୍ମସ୍ଥଳ ଗ୍ରାମ ବା ନଗର / ସହରକୁ ମଧ୍ୟ ତାଙ୍କ ନାମରେ ରାଜା ହିଁ ପଦ୍ମପୁର ନାମରେ ନାମିତ କରି ତାଙ୍କ ସ୍ମୃତିରେ ସେଠାରେ ପଦ୍ମାସିନୀ ମନ୍ଦିର ନିର୍ମାଣ କରିଥିଲେ । ଏହି ପଦ୍ମପୁର ନଗର ସମକାଳରେ ଜନ୍ମ ମହାକବି ଭବଭୂତିଙ୍କର ମଧ୍ୟ ଜନ୍ମସ୍ଥାନ । ସେ ମଧ୍ୟ ପଦ୍ମସମ୍ଭବଙ୍କ ଭଳି ସେହିସ୍ଥାନରେ ଅଷ୍ଟମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ପୀତବାସ ପଣ୍ଡା ହତ୍ୟା ମାମଲା

## ବିକ୍ରମଙ୍କ ରିମାଣ୍ଡ ରିକଲ୍ ପିଟିସନ ଖାରଜ

ବ୍ରହ୍ମପୁର, ୧୪।୧୧ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଗିରଫକୁ ବେନିୟମ ଓ ଆଇନଗତ ଅସଙ୍ଗତି ଥିବା ଦର୍ଶାଇ ଦାଖଲ ହୋଇଥିବା ରିମାଣ୍ଡ ରିକଲ ପିଟିସନକୁ କୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ବିକ୍ରମଙ୍କୁ ତାଙ୍କ ବାସଭବନରୁ ପୁଲିସ ରାତିଅଧିଆ ଉଠାଇନେଇ ଗିରଫ କରିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଯେକୌଣସି ବ୍ୟକ୍ତିଙ୍କୁ ଗିରଫ ବେଳେ ପୁଲିସ ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ଉକ୍ତ ଗିରଫଦାରୀ ଅସାମ୍ବିଧାନିକ ଓ ସମ୍ବିଧାନର ୨୧ ଓ ୨୨ ଧାରାର ଖିଲାପ କରୁଥିବା ଦର୍ଶାଇ ବିକ୍ରମଙ୍କ ରିମାଣ୍ଡ ରିକଲ ବା ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକଙ୍କ ପକ୍ଷରୁ ୪ଟି ପୃଥକ୍ ପିଟିସନ୍ ଦାଖଲ ହୋଇଥିଲା। ସେହିଭଳି ପିଟିସନ୍ ଖାରଜ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ଯୁକ୍ତି ଦର୍ଶାଯାଇଥିଲା। ସମସ୍ତ ପିଟିସନ୍‌ର ଶୁଣାଣି କରି ଶେଷରେ ଶୁକ୍ରବାର ଅପରାହ୍ନରେ ଏସ୍‌ଡିଜେଏମ୍ ବିକ୍ରମ ପଣ୍ଡାଙ୍କ ସର୍ତ୍ତମୂଳକ ଖଲାସ ଆବେଦନକୁ ଖାରଜ କରିଥିବା ସୂଚନା ଦେଇଛନ୍ତି ପିପି ବିଶ୍ୱଜିତ ବରାଳ।

# ଡକାୟତି ଯୋଜନା ପଣ୍ଡ; ୭ ଗିରଫ

### ଖଣ୍ଡା, ଛୁରୀ, ୩ ବାଇକ୍ ସହ ୨ ଲକ୍ଷ ୨୫ ହଜାର ଟଙ୍କା ଜବତ

ଜଗତସିଂହପୁର, ୧୪।୧୧(ସମିସ): ଜଗତସିଂହପୁର ଜିଲ୍ଲା ବିରିଡି ଥାନା ସଡ଼େଇକଣର କୋକି ପଡ଼ିଆ ଜଙ୍ଗଲ ନିକଟସ୍ଥ ଶଙ୍କରପୁରରେ ଡକାୟତି ପାଇଁ ଯୋଜନା କରୁଥିବା ଡକାୟତ ଗ୍ୟାଙ୍ଗର ୭ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କଟକ ଜିଲ୍ଲା କିଶନନଗର ଥାନାର ମୋହନ ମଲ୍ଲିକ, କୃଷ୍ଣକେଶବ ବେହେରା, ଜଗତସିଂହପୁର ସଦର ଥାନାର ସୁବାଶିଷ ଜେନା, ବିରିଡ଼ି ଥାନା ଅଞ୍ଚଳର ଜେନାମଣି ସୂର୍ଯ୍ୟମାଧବ କେଶରୀ ବଳବନ୍ତରାୟ, କଟକ ଜିଲ୍ଲା କିଶନନଗର ଥାନା ଅଞ୍ଚଳର ହେମନ୍ତ ସେଠୀ, ସୁଜିତ ସାହୁ ଓ ବିଶ୍ୱଜିତ୍ ଦାସ। ଏମାନଙ୍କ ନିକଟରୁ ୩ଟି ବାଇକ୍, ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ୭ଟି ମୋବାଇଲ, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍ ଓ ନଗଦ ୨ ଲକ୍ଷ ୨୫ ହଜାର ୬୦୦ ଟଙ୍କା ଜବତ କରାଯାଇଥିବା ଜଗତସିଂହପୁର ସଦର ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ ସୂଚନା ଦେଇଛନ୍ତି। ଏହି ଡକାୟତ ଗ୍ୟାଙ୍ଗ୍ ବିରିଡ଼ି ଥାନା ସଡ଼େଇକଣର କୋକିପଡ଼ିଆସ୍ଥିତ ଜଙ୍ଗଲରେ ଏକତ୍ରିତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିରିଡ଼ି ପୁଲିସର ସହାୟତାରେ ସେଠାରେ ଚଢ଼ଉ କରିଥିଲା। ସମସ୍ତ ୭ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ମାନେ ସୂଚନା ଦେଇଛନ୍ତି।



■ ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ପୁରସ୍କାର

# ଓଡ଼ିଆ ଭାଷା ପାଇଁ ରାଜକିଶୋର ପାଢ଼ୀ ପୁରସ୍କୃତ

ଭୁବନେଶ୍ୱର,୧୪।୧୧(ସମିସ):ସାହିତ୍ୟ ଅକାଦେମୀ ପକ୍ଷରୁ 'ବାଲ ସାହିତ୍ୟ ପୁରସ୍କାର-୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୨୪ଟି ଭାରତୀୟ ଭାଷାରେ ବାଲ୍ୟ ସାହିତ୍ୟକାରଙ୍କୁ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଓଡ଼ିଆ ଭାଷାରେ କବିତା 'କେତେ ଫୁଲ ଫୁଟିଚି' ପାଇଁ ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ପୁରସ୍କୃତ ବାଲ ସାହିତ୍ୟକାରମାନଙ୍କୁ ତାମ୍ରଫଳକ ସମେତ ତଥା ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଖ୍ୟାତ ଗୁଜରାଟୀ ଲେଖିକା ବର୍ଷା ଦାସ ଯୋଗଦେଇ କହିଛନ୍ତି ଯେ, ବାଲ୍ ସାହିତ୍ୟ ଆମକୁ ବିବିଧତାରେ ଏକତାର ଅନନ୍ୟ ସନ୍ଦେଶ ଦେଇଥାଏ। ତେଣୁ ଏହାର ଲେଖନ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପିଲାଙ୍କୁ ବାଲ୍ ସାହିତ୍ୟ ନିରନ୍ତର ମିଳୁଥିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ୍। ସେହିପରି ସେ ଗୁଜରାଟୀର ବିଖ୍ୟାତ ବାଲ୍ ସାହିତ୍ୟକାର ଗିଜୁ ଭାଇ ବଧେକାଙ୍କ ଲେଖନୀର ଅନେକ ଉଦାହରଣ ଦେଇ କହିଛନ୍ତି ଯେ ପିଲାମାନେ ବାଲ୍ ସାହିତ୍ୟ ପଢ଼ାରେ ରୁଚି ନେଉଥିବା ସହ ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ। ସେ ସାହିତ୍ୟ ଆକାଦେମୀ ଦ୍ୱାରା ବିଭିନ୍ନ ଭାରତୀୟ ଭାଷାରେ ବାଲ୍ ସାହିତ୍ୟର ଅନୁବାଦକୁ ଅତି ଆବଶ୍ୟକ ମାନି ଏହାକୁ ନିରନ୍ତର ବଜାୟ ରଖିବାର ପରାମର୍ଶ ଦେଇଛନ୍ତି। ସାହିତ୍ୟ ଆକାଦେମୀର ଅଧ୍ୟକ୍ଷ ମାଧବ କୌଶିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ପିଲାଙ୍କୁ ବାଲ୍ୟାବସ୍ଥାରୁ ଯଦି ଭଲ ବାଲ୍ ସାହିତ୍ୟ ପଢ଼ିବାକୁ ମିଳେ ତେବେ ସେମାନେ ବିଭିନ୍ନ ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରରେ ରହିବେ। ଏଥିରେ ଅନ୍ୟଅତିଥିଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟର ଉପସଚିବ ଅମିତା ପ୍ରସାଦ ସରଭାଇ, ଅକାଦେମୀର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର, ଅକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମା ପ୍ରମୁଖ ଉପସ୍ଥିତ ରହି ବାଲ୍ ଲେଖକ କୌତୂହଳ, ଉତ୍କଣ୍ଠା ଓ ଜିଜ୍ଞାସାର ଭୂମିରେ ନିଜ କଲମରେ ଯାହା ସୃଷ୍ଟି କରନ୍ତି, ତାହା ନିଶ୍ଚୟ ପିଲାଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା କାଲି ଅଧ୍ୟକ୍ଷତା ସାହିତ୍ୟ ଆକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ଅଡିଟୋରିୟମ୍, ପ୍ରଥମ ମହଲାରେ ଆୟୋଜିତ ହେବାକୁ ଥିବା 'ଲେଖକ ସମ୍ମିଳନୀ'ରେ ପୁରସ୍କୃତ ବାଲ୍ ସାହିତ୍ୟକାରମାନେ ନିଜ ରଚନାତ୍ମକ ଅନୁଭବ ପ୍ରଦାନ କରିବେ।



୨୪ ଭାରତୀୟ ଭାଷାର ବାଲ୍ ସାହିତ୍ୟକାର ପୁରସ୍କୃତ

# ଏମ୍ସରେ କଣ୍ଠଶିଳ୍ପୀ ହ୍ୟୁମାନ୍‌ସାଗର

### ଲିଭର ଓ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ

ଭୁବନେଶ୍ୱର,୧୪।୧୧(ସମିସ): ଓଡିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଛି। କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ବର୍ତ୍ତମାନ ହ୍ୟୁମାନସାଗର ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କର ମଲ୍‌ଟି ଅରଗାନ୍ ଡିସଫଙ୍କସନାଲ ରହିଛି ବା ଶରୀରର ଅଧିକାଂଶ ଅଙ୍ଗ କାମ କରୁନାହିଁ। ବ୍ରେନରେ ସମସ୍ୟା ରହିବା ସହ ରେସପାରେଟୋରୀ ନିମୋନିଆ, ଲିଭର ଡିଜିଜ୍ ସାଙ୍ଗକୁ ସୋଡିୟମ ପରିମାଣ ମଧ୍ୟ କମିଥିବା ଜଣାପଡ଼ିଛି। ସେହିପରି କ୍ରିନୀରେ ସମସ୍ୟା ଥିବା ସହ ନିମୋନିଆ ଯୋଗୁଁ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଛି। ଏପଟେ ରକ୍ତଚାପ ମଧ୍ୟ ସ୍ଥିର ହେଉନଥିବାରୁ ତାଙ୍କୁ ଔଷଧ ଦିଆଯାଉଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଏମସ୍ ପକ୍ଷରୁ କୁହାଯାଇଛି। ତେବେ ୨୦୨୪ରୁ ସେ ଅସୁସ୍ଥ ରହିଥିବା ଜଣାପଡ଼ିଛି।



ସେହିପରି ଓଲିଉଡର ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ମଧ୍ୟ ସେପ୍ଟେମ୍ବର ୪ ତାରିଖରୁ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସେ ଭେଣ୍ଟିଲେଟରରେ ଥିବା ବେଳେ ବର୍ତ୍ତମାନ ସେ ୱାର୍ଡକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନଥିବା ଜଣାପଡ଼ିଛି।

■ ପୀତବାସ ହତ୍ୟାକାଣ୍ଡ ମାମଲା

## ଶନିବାର ଟିଆଇ ପରେଡ୍‌ରେ ସାମିଲ ହେବେ ୮ ଗିରଫ ଅଭିଯୁକ୍ତ

ବ୍ରହ୍ମପୁର, ୧୪।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କର ଟିଆଇ ପରେଡ ହେବ। ପରେଡରେ ସାମିଲ ହେବାକୁ ଥିବା ଅଭିଯୁକ୍ତମାନେ ହେଲେ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଯୋଗେନ୍ଦ୍ର ରାଉତ, ଉମା ବିଶୋୟୀ, ଶିଶୁପାଳ ପାଣ୍ଡାନ, କୁନ୍ଦନ କୁମାର, ସିମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁ। ମାମଲାର ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଏଥିପାଇଁ କରିଥିବା ଆବେଦନକୁ ଏସଡିଜେଏମ୍ କୋ ଅନୁମତି ଦେଇଛନ୍ତି। ତଦନୁଯାୟୀ, ଆସନ୍ତା ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ ହେବ। ତେବେ ପୁଲିସ ଏହି ମାମଲାରେ କାହାକୁ ପ୍ରତ୍ୟକ୍ଷଦର୍ଶୀ ରଖିଛି, ତାହା ସ୍ପଷ୍ଟ ହୋଇନାହିଁ। ଶନିବାର ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାକ୍ଷୀମାନେ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବେ। ସାକ୍ଷୀ ଭାବେ ପୁଲିସ ଆକାଶ ବିଶୋୟୀ, ଏନ୍. କିରଣ କୁମାରଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରିଥିବା ସୂଚନା ମିଳିଛି। ତେବେ ଟିଆଇ ପରେଡ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ, ଏପରିକି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ସେମାନଙ୍କ ମୁହଁ ଖୋଲା ଚିତ୍ରକୁ ସାକ୍ଷୀମାନେ ଦେଖିଥିବାରୁ ଟିଆଇ ପରେଡରେ ଅପରାଧୀ ଚିହ୍ନଟ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ଥିବା ଆଲୋଚନା ହେଉଛି।

ନୂଆପଡ଼ା ଉପନିର୍ବାଚନ

# ଜୟଙ୍କ ବାଜିମାତ୍

| |
|---|
| ବିଜୟ ବ୍ୟବଧାନ ୮୩ହଜାର ୨୦୪ |
| ଜୟ ପାଇଲେ ୧ଲକ୍ଷ ୨୩ହଜାର ୨୪୩ |
| ବିଜେଡିକୁ ମିଳିଲା ୩୮ ହଜାର ୨୫୬ |
| ନୋଟାକୁ ଗଲା ୧୯୯୫ |

ନୂଆପଡ଼ା, ୧୪।୧୧ (ସମିସ): ବହୁପ୍ରତୀକ୍ଷିତ ନୂଆପଡ଼ା ବିଧାନସଭା ଉପନିର୍ବାଚନର ସବୁ ଗଣିତ ପଦାକୁ ଆସିଛି। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଲଢ଼େଇ ହୋଇଥିବା ବେଳେ ବିଜେପିର ଜୟ ଢୋଲକିଆ ବାଜି ମାରିନେଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ୮୩ହଜାର ୨୦୪ ଭୋଟ୍ ଆଗରେ ରହି ସେ ବିଜୟ ତିଳକ ପିନ୍ଧିଛନ୍ତି। ତାଙ୍କୁ ୧ଲକ୍ଷ ୨୩ହଜାର ୨୪୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଘାସିରାମ ୪୦ ହଜାର ୩୯ ଖଣ୍ଡ ଭୋଟ୍ ପାଇଛନ୍ତି। ତୃତୀୟ ସ୍ଥାନରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮ହଜାର ୨୫୬ ଭୋଟ୍ ପାଇଛନ୍ତି। ସେହିପରି, ଏହି ନିର୍ବାଚନରେ ପ୍ରଥମଥର ପାଇଁ ଏଠିକାର ଭୋଟର୍ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ଦଳବଦଳ ରାଜନୀତିକୁ ଅତି ନିକଟରୁ ଦେଖିବା ସହ ମଦ, ମାଂସ ଓ ଟଙ୍କା କାରବାରକୁ ଏତେମାତ୍ରାରେ ଦେଖି ପ୍ରାର୍ଥୀ ତଥା ଦଳ ଉପରୁ ମୁହଁ ମୋଡ଼ିଥିବା ନୋଟା ଭୋଟ୍‌ରୁ ସ୍ପଷ୍ଟ ହୋଇଛି। ନୋଟାକୁ ସର୍ବାଧିକ ୧୯୯୫ଖଣ୍ଡ ଭୋଟ ପଡିଥିବା ଚର୍ଚ୍ଚାର ବିଷୟ ହୋଇଛି।

### ■ ବିଜେପି ଅଫିସରେ ଜୟଙ୍କୁ ସମ୍ବର୍ଦ୍ଧନା

ଗଣତି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବିଜେପିର ପ୍ରମୁଖ ନେତାଗଣ ନୂଆପଡ଼ାରେ ଡେରା ପକାଇ ରହିଥିଲେ। ଗଣତି କାର୍ଯ୍ୟ ଶେଷ ନ ହେଉଣୁ ଜୟଙ୍କ ନିଜର ସହର ଖରିଆରରୋଡ୍ ବସ୍ତିରେ ହୋଲିର ମାହୋଲ ହୋଇଥିଲା। ସ୍ୱତନ୍ତ୍ର ଗାଡ଼ିରେ ସବାର ହୋଇ ଜୟ ନୂଆପଡ଼ା ଅଭିମୁଖେ ଆସିଥିଲେ। ଗଣତି କେନ୍ଦ୍ରରେ ଜିଲ୍ଲାପାଳଙ୍କଠାରୁ ସାର୍ଟିଫିକେଟ୍ ହାସଲ କରିବାପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୟ ଢୋଲକିଆଙ୍କୁ ବିଜେପିର ଶତାଧିକ କର୍ମକର୍ତ୍ତା ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ହେଲେ କୁଆଡ଼େ ବେଶୀ ଭୋଟରେ ବିଜୟୀ ହୋଇଥିଲେ ବୋଲି କିଛି ବରିଷ୍ଠ ନେତାଙ୍କୁ ହଜମ ହୋଇ ନଥିଲା। ତେଣୁ ନେତାମାନେ କୁଆଡ଼େ ଲୁଚି ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏପରିକି, ଷ୍ଟେଜରେ ଜିଲ୍ଲା ସଭାପତିଙ୍କ ସହ କିଛି ନେତାଙ୍କ ମନୋମାଳିନ୍ୟ ହୋଇଥିବା ମଧ୍ୟ ଚର୍ଚ୍ଚାରେ ରହିଛି।

### ■ ବସନ୍ତଙ୍କ ଘରକୁ ଗଲେ ଜୟ

ବିଜେପିରେ ଯୋଗଦେବା ପରେ ଜୟ ଢୋଲକିଆ ପ୍ରଥମେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲେ। ବିଜୟ ପରେ ମଧ୍ୟ ନୂଆପଡ଼ାରେ ପ୍ରବେଶ କରି ପ୍ରଥମେ ବସନ୍ତ ପଣ୍ଡାଙ୍କ ଘରକୁ ଯାଇ ଦଣ୍ଡବତ ହୋଇଥିଲେ।

### ■ ଖରିଆରରୋଡ୍ ଓ ନୂଆପଡ଼ାରେ ବିଜୟ ଉତ୍ସବ

ବିଜୟ ଲାଭ କରିବା ପରେ ଜୟ ଆଜି ସଂଧ୍ୟାରେ ଖରିଆରରୋଡ୍‌ସ୍ଥିତ ନିଜ ବାସଭବନରୁ ବାହାରି ନୂଆପଡ଼ା ଅଭିମୁଖେ ଆସିଥିଲେ। ବାଟରେ ଏକତା ଛକରେ ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାରା ସହର ପରିକ୍ରମା କରିଥିଲେ। ପୂରା ସହର ଆଲୋକମାଳାରେ ଝଲସିବା ସହ ବାଣଫୁଟାରେ ଦୁଲୁକିଥିଲା।

### ■ ଟଙ୍କା, ମଦ-ମାଂସର ବିଜୟ ହୋଇଛି: ଘାସିରାମ

ଏହି ଉପନିର୍ବାଚନ ମଦ, ମାଂସ ଏବଂ ଟଙ୍କାର ରାଜନୀତି ଥିଲା। ନିର୍ବାଚନ ମଣ୍ଡଳୀର ନିରୀହ, ସରଳ ଜନତାଙ୍କୁ କିଣାବିକା ରାଜନୀତି କରି ବିଜେପି ହାତେଇଛି ବୋଲି ପରାଜିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ସେ ମଧ୍ୟ ଠିକ ଭାବରେ ଲଢ଼ିଥିଲେ। ହେଲେ କଂଗ୍ରେସ ତରଫରୁ ଠିକ ଭାବରେ ସହାୟତା ମିଳି ନଥିଲା ବୋଲି ହାରିଗଲେ। ହେଲେ ଜନତା ଜନାର୍ଦ୍ଦନଙ୍କ ଏଭଳି ସମର୍ଥନକୁ ସେ ଗ୍ରହଣ କରିଥିବା କହିଛନ୍ତି।

### ■ ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି: ଅବନୀ ରଞ୍ଜନ

ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି। ବିଜେପି ଲଢ଼େଇ ଆରମ୍ଭରୁ ହିଁ କଂଗ୍ରେସ ସହ ଲଢ଼େଇ ବୋଲି କହିଆସିଥିଲା। ନିର୍ବାଚନ ଆରମ୍ଭ ହେବାର ୪୮ ଘଣ୍ଟା ପୂର୍ବରୁ ନିରବ ଅବଧି (ସାଇଲେଣ୍ଟ ପିରିୟଡ୍) ଭାବେ ବିବେଚନା କରାଯାଇଥାଏ। ବିଜେଡି ଶାସନ କାଳରେ କୌଣସି ଦଳୀୟ କର୍ମକର୍ତ୍ତା, ନେତା ନିର୍ବାଚନମଣ୍ଡଳୀ ଭିତରେ ରହିବାର ନିୟମକୁ କଡ଼ାକଡ଼ି ପାଳନ କରୁଥିଲା। ହେଲେ ବର୍ତ୍ତମାନ ବିଜେପି ସବୁ ନିୟମକୁ ନିଜେ ଉଲ୍ଲଂଘନ କରି ଭୋଟକୁ ନିଜ ଅକ୍ତିଆରକୁ ନେଇଥିଲା। ପ୍ରାର୍ଥୀ ଚୋରିଠାରୁ ଆରମ୍ଭ କରି ଶେଷରେ ଭୋଟ ଚୋରି କଲା। ଏହା ଶାସକ ଦଳର ଅସାଧୁ ବିଜୟ ବୋଲି ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବିରୋଧୀଙ୍କ ଟାର୍ଗେଟରେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୧୪।୧୧: ବିହାର ନିର୍ବାଚନର ଅପ୍ରତ୍ୟାଶିତ ଫଳାଫଳ ରାଜନୈତିକ ପଣ୍ଡିତମାନଙ୍କୁ ବି ବିସ୍ମିତ କରିଛି। କ୍ଷମତାସୀନ ଏନ୍‌ଡିଏ ଜିତିବ ବୋଲି ପ୍ରାୟ ସମସ୍ତ ଏକଜିଟ୍ ପୋଲ୍ ସଂସ୍ଥା ଆକଳନ କରିଥିଲେ ମଧ୍ୟ ମେଣ୍ଟର ଏପରି ସୁନାମୀ ଆସିବ ବୋଲି କେହି କଳ୍ପନା କରିନଥିଲେ। ଏପରିକି ଏନଡିଏ ନେତାମାନେ ମଧ୍ୟ ଭାବିନଥିଲେ ଏଭଳି ସଫଳତା ପାଇବେ। ଏନଡିଏ ନେତାମାନେ ନିଜେ ନିର୍ବାଚନ ପୂର୍ବରୁ କହୁଥିଲେ ଯେ ସେମାନଙ୍କୁ ୧୬୦ ପର୍ଯ୍ୟନ୍ତ ଆସନ ମିଳିବ। କିନ୍ତୁ ଏହି ସଂଖ୍ୟା ୨୦୦ ଅତିକ୍ରମ କରିବା ଘଟଣାକୁ ବିରୋଧୀମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ପୂର୍ବ ନିର୍ବାଚନ ତୁଳନାରେ ମତଦାନ ହାର ଅଧିକ ରହିଲେ କ୍ଷମତା ପରିବର୍ତ୍ତନର ସୂଚନା ଦିଏ। କିନ୍ତୁ ଏଠାରେ ଓଲଟା ହେଲା କେମିତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥର ବିହାରରେ ମତଦାନ ହାର ୯ ପ୍ରତିଶତରୁ ଅଧିକ ହେଲା ଏବଂ ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଯେଉଁଭଳି ଭୋଟ ଦେଲେ ସେଥିରେ ଉଭୟ ଏନଡିଏ ଏବଂ ମହାମେଣ୍ଟ ନିଜକୁ ବିଜୟୀ ହେବାର ଦାବି କରିଥିଲେ।

ତେବେ ଏଭଳି ଅପ୍ରତ୍ୟାଶିତ ନିର୍ବାଚନ ଫଳାଫଳ ପାଇଁ ବିରୋଧୀ ଦଳମାନେ ଭାରତର ନିର୍ବାଚନ କମିସନଙ୍କୁ ଦାୟୀ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଶାସକ ଦଳକୁ ସୁହାଇଲା ଭଳି କାମ କରିଥି।ଲେ ନିର୍ବାଚନ କମିସନ। ତେଣୁ ନିର୍ବାଚନରେ ଏନଡିଏ ନୁହେଁ, ନିର୍ବାଚନ କମିସନ ବିଜୟୀ ହୋଇଛନ୍ତି। ତେଣୁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ ବୋଲି କହିଛନ୍ତି କଂଗ୍ରେସ ନେତା ତଥା ଦଳର ବିହାର ପ୍ରଭାରୀ ଭୂପେଶ ବାଘେଲ। ସେ କହିଛନ୍ତି ଯେ ଏନଡିଏକୁ ବିଜୟୀ କରାଇବା ଲାଗି ନିର୍ବାଚନ କମିସନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏସଆଇଆର ନାମରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଦିଆଗଲା। ପୁଣି ୧୬ ଲକ୍ଷ ଲୋକ ଆବେଦନ କରିଥିବା ବେଳେ ୨୧ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ଏହାକରି ନିର୍ବାଚନ କମିସନ ବିଜେପି ପାଇଁ ପଥ ପରିଷ୍କାର କରିଦେଇଥିଲେ ବୋଲି ସେ କହିଛନ୍ତି।

ସେହିଭଳି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ମଧ୍ୟ ନିର୍ବାଚନ କମିସନଙ୍କର ସମାଲୋଚନା କରିଛନ୍ତି। ।ସେ କହିଛନ୍ତି ଯେ ଏନଡିଏକୁ ଜିତାଇବା ଲାଗି ନିର୍ବାଚନ କମିସନ୍ ଏସଆଇଆର୍ ଷଡ଼ଯନ୍ତ୍ର କରିଥିଲେ। ବିହାର।ରେ କମିସନଙ୍କ ଏଭଳି ଖେଳ ଏନଡିଏ ପାଇଁ କାମଦେଲା। କିନ୍ତୁ ଅନ୍ୟ ରାଜ୍ୟରେ କମିସନଙ୍କ ଏସଆଇଆର ଷଡ଼ଯନ୍ତ୍ର କାମ ଦେବନାହିଁ। ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ସମେତ ଅନ୍ୟ ଯେଉଁ ରାଜ୍ୟରେ ଏସଆଇଆର୍ ଚାଲିଛି ସେଠାରେ କମିସନଙ୍କ ଖେଳ ଫେଲ୍ ମାରିବ। କାରଣ ବିହାର ଫଳାଫଳ କମିସନଙ୍କ ଅସଲ ଚେହେରାକୁ ପଦାରେ ପକାଇଦେଇଛି। କମିସନଙ୍କ ନିର୍ବାଚନ ଷଡ଼ଯନ୍ତ୍ର ଆଉ ଚାଲିବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିହାର ପରେ ଏବେ ପଶ୍ଚିମ ବଙ୍ଗର ପାଳି ବୋଲି ବିଜେପି ନେତାମାନେ ଦେଇଥିବା ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ମମତାଙ୍କ ତୃଣମୂଳ କଂଗ୍ରେସ। ଦଳ ପକ୍ଷରୁ କୁହାଯାଇଛି ଯେ ବିଜେପି ଦିବା ସ୍ୱପ୍ନ ଦେଖିବା ଛାଡ଼ିଦେଉ। ପଶ୍ଚିମ ବଙ୍ଗ ଲୋକ ବିଜେପିକୁ ଉଚିତ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆସନ୍ତା ବର୍ଷ ରାଜରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ 'ନୀମୋ'..

କରିଛି। ଗତ ନିର୍ବାଚନରେ ଦୁଇ ଅଙ୍କ ଛୁଇଁ ପାରି ନ ଥିବା ଲୋକଜନଶକ୍ତି ପାର୍ଟି ୨୮ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ଟି ଆସନରେ ବିଜୟୀ ହୋଇଛି।

କୌତୂହଳର ବିଷୟ ଯେ, ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଅଳ୍ପକେ ବିଜୟୀ ହୋଇ ସମ୍ମାନ ରଖିବାରେ ସକ୍ଷମ ହୋଇଥିଲେ ହେଁ ତାଙ୍କ ଦଳ ଆର୍‌ଜେଡି ମାତ୍ର ୨୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମହାଗଠନବନ୍ଧନର ପ୍ରମୁଖ ସହଯୋଗୀ କଂଗ୍ରେସର ଆସନ ସଂଖ୍ୟା ୬ ମଧ୍ୟରେ ସୀମିତ ରହିଛି। ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟି, ଭିଆଇପି ଆଦି ରାଜନୈତିକ ଦଳ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଗତ ନିର୍ବାଚନ ତୁଳନାରେ ଏନଡିଏ ୭୫ରୁ ଅଧିକ ଆସନ ଲାଭ କରିଛି। ଚଳିତ ନିର୍ବାଚନରେ ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ତଥା ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ମଧ୍ୟ ନିର୍ବାଚନରେ ପରାଜିତ ହୋଇଛନ୍ତି। ଭୋଜପୁରୀ ଅଭିନେତା ଆର୍‌ଜେଡି ପ୍ରାର୍ଥୀ ଖେସାରୀ ଲାଲ ପରାଭବ ଭୋଗିଥିବାବେଳେ ବିଜେପି ପ୍ରାର୍ଥୀ ତଥା ଲୋକଗୀତ ଗାୟିକା ମୈଥିଳୀ ଠାକୁର ଆଲିନଗର ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି । ତେବେ ଅସଦୁଦ୍ଦିନ ଅୱେସୀଙ୍କ ଏଏମ୍‌ଆଇଏମ୍ ୫ଟି ଆସନ ବଜାୟ ରଖିଛି।

### ବିଜେପି ମଥାରେ...

ବିଧାୟକ ହେବା ସ୍ୱପ୍ନ ସାକାର ହୋଇଛି। ବାପା ରାଜେନ୍ଦ୍ର ଢୋଲକିଆ ୪ ଥରର ବିଧାୟକ ଥିବାବେଳେ ବିଜେଡି ସରକାରରେ ସେ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି; କିନ୍ତୁ ପିତା ରାଜେନ୍ଦ୍ରଙ୍କ ପରଲୋକ ପରେ ବ୍ୟବସାୟରେ ଲିପ୍ତ ଥିବା ଜୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ବାପା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ରାଜନୀତିରେ ପାଦ ଥାପିଥିଲେ ଜୟ ଢୋଲକିଆ। ଗତ ଅକ୍ଟୋବର ୧୧ରେ ଅପ୍ରତ୍ୟାଶିତ ଭାବେ ସେ ବିଜେପିରେ ସାମିଲ ହୋଇଥିଲେ ଓ ଦଳୀୟ ଟିକଟରେ ନିର୍ବାଚନ ଲଢ଼ିଥିଲେ। ଏହି ଆସନ ଏବେ ବିଜେପି ହାତକୁ ଚାଲିଯାଇଥିବା ବେଳେ ଉଭୟ ବିଜେଡିକୁ ବଡ଼ ଧକ୍କା ଲାଗିଛି। ଗତ ନିର୍ବାଚନରେ ୫୧ ଆସନରେ ବିଜୟୀ ହୋଇଥିବା ବିଜେଡିର ଆସନ ସଂଖ୍ୟା ଗୋଟିଏ ହ୍ରାସ ପାଇଛି। ସେହିପରି ବିଜେପିର ଆସନ ସଂଖ୍ୟା ବିଧାନସଭାରେ ଗୋଟିଏ ବୃଦ୍ଧି ପାଇଁ ୭୯ ରେ ପହଞ୍ଚିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କର ବିଧାୟକ ହେବାର ସ୍ୱପ୍ନ ଅଧୁରା ରହିଯାଇଛି। ପୂର୍ବରୁ ୫ ଥର ପରାଜୟ ସ୍ୱାଦ ଚାଖିଥିବା ଘାସିରାମ ଏଥର ନିର୍ବାଚନ ଜିତିବା ନେଇ ଆଶାବାଦୀ ଥିଲେ ମଧ୍ୟ ଗତ ନିର୍ବାଚନ ପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ବିଜୟୀ ହେବାପରେ ବାପା ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବେ ବୋଲି ଦୋହରାଇଛନ୍ତି ଜୟ ଢୋଲକିଆ। ସେ କହିଛନ୍ତି ଯେ ଏହି ବିଜୟ ନୂଆପଡ଼ାବାସୀଙ୍କର। ଆଗାମୀ ଦିନରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଦିନରାତି ଏକ କରିଦେବ। ତାଙ୍କର ବିଶାଳ ବିଜୟ ହେବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ଆଭିମୁଖ୍ୟକୁ ନୂଆପଡ଼ାବାସୀ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୦୨୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଆଜିର ଭୋଟଗଣତି ଫଳ ପ୍ରକାଶ ପାଇବା ପରେ ତାଙ୍କୁ ପୁଣିଥରେ ଦ୍ୱିତୀୟ ସ୍ଥାନ ମିଳିଛି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସେ ଏକାଧିକ ଥର ନିର୍ବାଚନ ହାରିଥିଲେ ମଧ୍ୟ ଆଶା ହରାଇନାହାନ୍ତି। ଆଗକୁ ଯେତେ ନିର୍ବାଚନ ହେବ ସେ ନୂଆପଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୁଣି ଥରେ ଘାସିରାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

### ଓଡ଼ିଶାବାସୀଙ୍କ ଅଧିକାର...

ନିର୍ବାଚନ ପରିଚାଳନା କରିବା ଓ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ଆମ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ। ବିଜେଡି ଅନେକ ଉତ୍ଥାନ-ପତନ ଦେଇ ଗତି କରିଛି। ତଥାପି ଲୋକଙ୍କ ପାଇଁ ଲଢ଼ିବା ପାଇଁ ଆ।ମର ସଂକଳ୍ପ ଅତୁଟ ରହିଛି, ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ। ଆମ ଦଳ ଲଢୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ। ଓଡ଼ିଶା ଲୋକଙ୍କ ଅଧିକାର ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ନବୀନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ ପୁନର୍ବାର ବିଜେଡିକୁ ସମର୍ଥନ ଜଣାଇଥିବା ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଦେବା ସହ ଏହି ଉପନିର୍ବାଚନ ପାଇଁ କଠିନ ପରିଶ୍ରମ କରିଥିବା ଦଳର ସମସ୍ତ କର୍ମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ନୂଆପଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣି ଏହି ଜନାଦେଶକୁ ଜୟ ସମ୍ମାନ ଦେବେ ବୋଲି ନବୀନ ଆଶାପ୍ରକଟ କରିଛନ୍ତି।


Phone No. (06854)241159/232714, Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE - 764003: DIST: KORAPUT (ODISHA)
Letter No. 4036/P&S / 2025-26, Date 13.11.2025

**QUOTATION CALL NOTICE**

Sealed quotations are invited from the intending registered firm for making a Gold weighing Machine for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.20.11.2025** by **5.30** P.M latest as per following specification along with **2%** security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **21.11.2025** at **4.30** P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No | Particulars | Qty. required approximately | Proposed installation Site/Places in the KCCB Ltd., Branch bank |
|---|---|---|---|
| 1. | Gold Weighing Machine:<br>Electronic Weighing Scale<br>Make: Contech<br>Model: CTL 600<br>Capacity: 600<br>Readability:0.01g<br>Pan Size: 115<br>Digital display and wind shield<br>Duly verified & stamped by Legal Metrology Deptt. Govt. of Odisha. | 6 | KCCB Ltd., Main, Koraput, Semiliguda, M.V. 79 Branch @ Kalimela, Gunupur & Padmapur Branch. |

The above items should be quoted including GST, Transportation, Delivery/Supply at the above Branch Bank of the Koraput Central Cooperative Bank Ltd., Jeypore (within undivided Koraput District) including installation/charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies The authority reserves the right to reject all or any quotations without assigning any reason thereof Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik Manager P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
Koraput Central Cooperative Bank Ltd.,
Jeypore



**AFFIDAVIT**

I Mohammed Salauddin, S/o.: Md Nazar Mohiuddin, At: Bazar Sahi, PO/PS-Dhamnagar, Dist.: Bhadrak, PIN-756117, Odisha. declare by this affidavit No. 53296 Dated. 12.11.2025 that now onwards I shall be known as **Md Salauddin** for all future purposes

**AFFIDAVIT**

By virtue of an affidavit No.51 sworn before The Executive Magistrate, Bhubaneswar, dated: 28/10/2025, I, Sai Omm Sahoo, S/O- Debarchan Sahoo, resident of: Plot No.36/403, Lenkudi, Ranga Bazar, Bhubaneswar, Dist: Khorda, PIN: 752100, Odisha declare that I have changed my name from Sai Omm Santosh Kumar Sahoo to Sai Omm Sahoo. Henceforth, I shall be known as Sai Omm Sahoo for all purposes.

Sai Omm Sahoo

**AFFIDAVIT**

I Manoja Kumar Padhi, Resident of Plot No.: EB 723, Badagada Brit Colony, Bhaskareswar Temple, Bhubaneswar, Khordha, Odisha-751018, Odisha Declare by this Affidavit No.: 37, Date: 13.11.2025, that now onwards, I shall be known as **Manoj Kumar Padhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar. CF No:- 106 on dated 11.11.2025.I Nilanchala Patro, Son of Late.Panchanana Patro, Resident at: - Khilabadi,PO/PS:-Surada. Dist. Ganjam. PIN. 761108. Odisha. declare that' I have changed my Son's name from Rudranshu Patro to Rudransh Patro.Henceforth He shall be known as **RUDRANSH PATRO** for all future purposes.

Nilanchala Patro

**NOTICE**

By virtue of an affidavit sworn before The Executive Magistrate, Bhubaneswar, dated 14.11.2025 I, Mr. Subash Jena, Address At-Salia Sahi, Mahabir Nagar, PO-RRL, Ps- Nayapalli, Bhubaneswar, Dist-Khordha, odisha-751013 declare that I have changed my Daughter's name from Liza Jena to Deepti Mahi Jena Henceforth, she shall be known as **Deepti Mahi Jena** for all purposes.

Sd/- Subash Jena

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, vide no.18 dtd.10.11.2025, I Rasmita Bhoi, D/o- Ghania Bhoi resident of Kaliakera, Po.- Gabakund, Ps.-Chandanpur, Dist.-Puri, Odisha-752045 state that,my actual and correct name is Rasmita Bhoi, Date of Birth is 01.12. 2003 but in my Aadhar card my name has been wrongly mentioned as Bangu Bhoi & Date of Birth 20.05.2005. That, **Rasmita Bhoi** and **Bangu Bhoi** is one and same person who is myself.

**SALE**

01 Number of TATA ACE GOLD PETROL CX/2023, Registration No.- OD-15-W-3690, Model-2023, - ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, Contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

## ଦୁଇ ବର୍ଷ ବିତିଲାଣି
# କାର୍ଯ୍ୟକ୍ଷମ ହୋଇପାରୁନି ୨୮ ନୂଆ ପାକ୍ସ

ନୟାଗଡ଼,୧୪।୧୧(ସମିସ)

ନୟାଗଡ଼ ଜିଲ୍ଲାରେ ୨୦୨୨-୨୩ ମସିହାରେ ୨୮ଟି ନୂତନ ସମବାୟ ସମିତି ଗଠନ କରାଯାଇଥିଲା। ଏହି ସମବାୟ ସମିତି ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ଏହି ପାକ୍ସ ଗୁଡ଼ିକର ପରିଚାଳନା ପରିଷଦ ଗଠନ ପାଇଁ ମଧ ସରକାର ଠିକି କରିଥିଲେ। ମାତ୍ର ଦୁଇ ବର୍ଷ ପରେ ବି ନୂତନ ସମବାୟ ସମିତି ଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନପାରିବା ସମବାୟ ବିଭାଗ ପାରିବା ପଣିଆକୁ ପଦାରେ ପକାଉଛି। ପୂର୍ବରୁ ନୟାଗଡ଼ ଜିଲ୍ଲାରେ ୧୫୭ଟି ସମବାୟ ସମିତି ତଥା ପାକ୍ସ କାର୍ଯ୍ୟ କରୁଥିଲା। ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ସମବାୟ ସମିତି ନିର୍ମାଣ କରିବାକୁ ନିୟମ କରିବା ପରେ ନୟାଗଡ଼ ଜିଲ୍ଲାରେ ୨୮ଟି ନୂତନ ସମବାୟ ସମିତି ଗଠନ ହୋଇଥିଲା। ଏହି ସମବାୟ ସମିତି ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ୧୫ଟି ଏବଂ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧାନରେ ୧୩ଟି ଗଠନ ହୋଇଥିଲା। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ ମଧ୍ୟରୁ କେବଳ ରଣପୁର ବ୍ଲକରେ ୧୭ଟି ନୂତନ ସମବାୟ ସମିତି ଗଠନ ହୋଇଥିବା ବେଳେ ଅନ୍ୟ ୭ଟି ବ୍ଲକରେ ମାତ୍ର ୧୧ଟି ସମବାୟ ସମିତି ଗଠିତ ହୋଇଛି। ନୂତନ ଭାବେ ଗଠିତ ହୋଇଥିବା ସମବାୟ ସମିତି ମଧ୍ୟରେ ଦଶପଲ୍ଲା ନଳିପୁରରେ ଆଞ୍ଚଳିକ ପାକ୍ସ ଲିଃ, କୁଆଁରିଆ ପାକ୍ସ ଲିଃ, ଗଣିଆରେ କିଶୋରପ୍ରସାଦ ପାକ୍ସ ଲିଃ, ଖଣ୍ଡପଡ଼ାରେ ରାଣପଡ଼ା ପାକ୍ସ ଲିଃ, ନୟାଗଡ଼ରେ ଲକ୍ଷ୍ମୀପ୍ରସାଦ ପାକ୍ସ ଲିଃ, ଶରଣକୁଳ(ଳଡ଼ିପଦା) ପାକ୍ସ ଲିଃ, ମୁଠାଗାଡ଼ିଆ ପାକ୍ସ ଲିଃ, ନବଘନପୁର ପାକ୍ସ ଲିଃ, ନୂଆଗାଁ ସିକ୍ରିଡ଼ା ଆଞ୍ଚଳିକ ପାକ୍ସ ଲିଃ, ପାରାଡିପି ପାକ୍ସ ଲିଃ, ଓଡ଼ଗାଁରେ ହରିହରନ୍ଦ ପାକ୍ସ ଲିଃ, ରୋଡିବାଙ୍କ ପାକ୍ସ ଲିଃ, ରଣପୁରର ଖଡିଆ ପାକ୍ସ ଲିଃ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ସେହିଭଳି ଭାବେ ନୟାଗଡ଼ ଏଆରସିଏସଙ୍କ ଅଧୀନସ୍ଥ ରଣପୁର ବ୍ଲକ କନ୍ଦପଦା ପାକ୍ସ ଲିଃ, ଚମ୍ପାଗଡ଼ ପାକ୍ସ ଲିଃ, କନ୍ଦନୟାଗଡ଼ ପାକ୍ସ ଲିଃ, ବାର୍ଣ୍ଣଶଡ଼ ପାକ୍ସ ଲିଃ, ବକୁଳକୋଟ ପାକ୍ସ ଲିଃ, ରାଇପଡ଼ା ପାକ୍ସ ଲିଃ, ମହତପଲ୍ଲା ନାଳକଣ୍ଡେଶ୍ୱର ପାକ୍ସ ଲିଃ, ଝାଡ଼ପଡ଼ା ନୀଳକଣ୍ଠେଶ୍ୱର ଦେବ ପାକ୍ସ ଲିଃ, ଜଙ୍କିଆ ପାକ୍ସ ଲିଃ, ଚମ୍ପାପେଢ଼ି ପାକ୍ସ ଲିଃ, ନରେନ୍ଦ୍ରପୁର ପାକ୍ସ ଲିଃ, କାସଦା ପାକ୍ସ ଲିଃ, ବୃନ୍ଦାବନପୁର ମହାବୀର ପାକ୍ସ ଲିଃ, ତାଳକଣି ପାକ୍ସ ଲିଃ, କୁଳାସର ପାକ୍ସ ଲିଃ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ଏହି ପାକ୍ସ ଗୁଡ଼ିକରେ ଆର୍ଥିକ କାରବାର ସହ ଧାନମଣ୍ଡି ଆରମ୍ଭ କରିବାକୁ ଦୁଇ ବର୍ଷ ତଳୁ ତତ୍କାଳୀନ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। କିଛିଦିନ ତଳେ ନୂଆଗାଁ ବ୍ଲକ ପାରାଡିପି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଏହି ସମବାୟ ସମିତିକୁ ଆଜି ପର୍ଯ୍ୟନ୍ତ ମଧ ସଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଆର୍ଥିକ କାରବାର ଆରମ୍ଭ ହୋଇନଥିବା ବେଳେ ଧାନ ମଣ୍ଡି ଖୋଲିବା ପାଇଁ ଦାବି ହେଉଛି।

**ସମବାୟ ବିଭାଗ ନିଷ୍କ୍ରିୟ**

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା




ନୟାଗଡ଼,୧୪।୧୧(ସମିସ): ନୟାଗଡ଼ ବ୍ଲକ କ୍ରିଡାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଆଜି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ୩୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ପତି, ବିଜ୍ଞାନ ଶିକ୍ଷକ ପ୍ରମୋଦ କୁଣ୍ଡଙ୍କ ତତ୍ତ୍ୱାବଧାନରେ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଉତ୍ସାହର ସହିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷ କର୍ମଚାରୀ ସହଯୋଗ କରିଥିଲେ।

● ଚାକିରି କରାଇ ଦେବା ନାଁରେ ଠକେଇ

# ଆତ୍ମଘୋଷିତ ନେତା ଆଲୋକ ଗିରଫ



ନୟାଗଡ଼/ରଣପୁର,୧୪।୧୧(ସମିସ): ସରକାରୀ ଚାକିରି କରାଇ ଦେବାର ମୋହ ଦେଖାଇ ଶହ ଶହ ଲୋକଙ୍କୁ ଚୂନ ଲଗାଇଥିବା ଆତ ଘୋଷିତ ନେତା ଆଲୋକ ପଟ୍ଟନାୟକକୁ ରଣପୁର ଥାନା ପୁଲିସ ଗିରଫ କରିଛି। ଚାକିରି କରେଇଦେବା ନାଁରେ ୭ ଲକ୍ଷ ୬୦ହଜାର ଟଙ୍କା ଲୁଟିଥିବା ଅଭିଯୋଗରେ ଗିରଫ କରାଯାଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ବାଇଗୁଣିଆ ଗାଁର ଆଲୋକ ପଟ୍ଟନାୟକ ଏଏସଓ ଓ ଫାୟରମ୍ୟାନରେ ଚାକିରି କରେଇ ଦେବାକୁ କହି ରଣପୁର ବ୍ଲକ ଡମସାହି ପଞ୍ଚାୟତର ଭାଗୀରଥି ପଲେଇଙ୍କଠାରୁ ଅନ୍‌ଲାଇନ ଓ ହ୍ୟାଣ୍ଡକ୍ୟାସ ଜରିଆରେ ୭ ଲକ୍ଷ ୬୦ହଜାର ଟଙ୍କା ନେଇଥିଲା। ପରବର୍ତ୍ତୀ ସମୟ ଚାକିରି ଦେବା ତ ଦୂରର କଥା ଟଙ୍କା ଫେରସ୍ତ ନକରିବାରୁ ଭାଗୀରଥି ଗତ ଗତ ୧୦ ତାରିଖରେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ରଣପୁର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ସମୟରେ ଅଭିଯୋଗରେ ସତ୍ୟତା ଜଣାପଡ଼ିବା ପରେ ଭୁବନେଶ୍ୱରରୁ ଦଲାଲ ଆଲୋକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆଲୋକ ନିଜକୁ ଏକ ବଡ଼ ନେତା ଭାବେ ପ୍ରତିପାଦିତ କରିବାକୁ ଚେଷ୍ଟା କରିଥିଲେ। ଏପରିକି ରଣପୁର ବିଧାନସଭା ଆସନରେ ସେ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଥିଲେ। ସାଧାରଣ ନିର୍ବାଚନରେ ସବୁ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ଆଲୋକଙ୍କୁ ଆଉ ଦେଖିବାକୁ ମିଳିନଥିଲା। କେବଳ ରଣପୁର ଅଞ୍ଚଳ ନୁହେଁ, ନୟାଗଡ଼ ଜିଲ୍ଲା ସମେତ ଆଖାପାଖ ଜିଲ୍ଲାର ବିଭିନ୍ନ ଲୋକଙ୍କଠାରୁ ସେ ବହୁ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଚାକିରି କରାଇ ଦେବାକୁ ଶହ ଶହ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ରହସ୍ୟ ଖୋଲିବ ବୋଲି ଆଲୋଚନା ହେଉଛି। ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ, ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ଘଟଣାର ଛାନଭିନ୍ କରୁଥିବା ସୂଚନା ମିଳିଛି।

# ସାଇବର ସୁରକ୍ଷା ସଚେତନତା




ଖଣ୍ଡପଡ଼ା,୧୪।୧୧(ସମିସ): ଖଣ୍ଡପଡ଼ା ପୁଲିସ ପକ୍ଷରୁ ସହରର ରଥଗଡ଼ା ଛକରେ ସାଇବର ସୁରକ୍ଷା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଓକିଲ ସଂଘର ସଭାପତି ସଂଗ୍ରାମ ମିଶ୍ର, ସଂପାଦକ ବିକ୍ରମ କେଶରୀ ଦେଓ ପ୍ରମୁଖ ଯୋଗଦେଇଥିଲେ। ଏ ସଂପର୍କରେ ସମସ୍ତେ ସଚେତନ ହୋଇ ସାଇବର ଠକେଇରୁ ଦୁରେଇ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏ ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଂପର୍କିତ ସଚେତନତା ଶୋଭାଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରଥଗଡ଼ା ଛକସ୍ଥିତ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣିସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପଣ୍ଡିତ ମନୋଜ ଦାସ ବେଦ ପାଠ କରିଥିବା ବେଳେ ଛାତ୍ରୀ ଆୟନା ମହାପାତ୍ର ମଞ୍ଚ ସଂଚାଳନ କରିଥିଲେ। ଖଣ୍ଡପଡ଼ା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

## ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ

# 'ଶିକ୍ଷା ଆମ ବିବେକର ଜ୍ୟୋତି ପ୍ରଜ୍ୱଳିତ କରେ'




ଖଣ୍ଡପଡ଼ା, ୧୪।୧୧(ସମିସ): ଖଣ୍ଡପଡ଼ା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ ମୁଖ୍ୟଅତିଥି ରୁପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ପ୍ରାକ୍ତନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମୁରଲୀଧର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ଆମର ବିବେକର ଜ୍ୟୋତି ପ୍ରଜ୍ୱଳିତ କରୁ ଏବଂ ଶିକ୍ଷା କେବେ ମଣିଷକୁ ଉଚ୍ଚକୁ ନିଏ ନାହିଁ ବରଂ ତାର ଆଚରଣ ଉଚ୍ଚାରଣ ହିଁ ତାକୁ ଉଚ୍ଚକୁ ନେଇଥାଏ ବୋଲି ବିଡିଓ ଅଙ୍କୁର ଅଭିଳାଷ କହିଥିଲେ। ସେହିପରି ମଧ୍ୟାହ୍ନ ସମୟରେ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ ଜୟନ୍ତୀ ସାହୁ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଲିପିସା ନନ୍ଦ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଶେଷ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ. ଗଣେଶ୍ୱର ସ୍ୱାଇଁ, ସଭାମୁଖ୍ୟ ଲଡୁକିଶୋର ସିଂହ ସାମନ୍ତ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଭାରତୀ ଭୂଷଣ ମିଶ୍ର, ପଣ୍ଡିତ ମନୋଜ କୁମାର ଦାଶ ପ୍ରମୁଖ ଯୋଗଦେଇ ଦେଇଥିଲେ। ରାଷ୍ଟ୍ରର ବିକାଶରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ଉଦବୋଧନ ଦେଇଥିଲେ। ତେବେ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଆଜିର ଉଦଘାଟନୀ ଦିବସରେ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ।

## 'ଆମ ବସ୍' ସେବା ପ୍ରତି ଆଗ୍ରହ ବୃଦ୍ଧି




ଖଣ୍ଡପଡ଼ା,୧୪।୧୧(ସମିସ): ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା ଲକ୍ଷ୍ମୀ ବସ୍ ବା ଏବେର 'ଆମ ବସ୍' ସେବା ପ୍ରତି ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଥିବା ଜଣାପଡିଛି। ପୂର୍ବସରକାରମୁଖ୍ୟମନ୍ତ୍ରୀନବୀନପଟ୍ଟନାୟକଙ୍କ ଏକ ସୁଚିନ୍ତିତ ନିଷ୍ପତ୍ତି ଯୋଗୁଁ ଦୈନିକ 'ଆମ ବସ୍' ସେବା ଯୋଗେ ସୁଲଭ ମୂଲ୍ୟରେ ଯାତାୟତ କରୁଥିବା ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଏ ନେଇ ଖୁସି ପ୍ରକଟ କରିଛନ୍ତି। ପ୍ରକାଶଥାଉକି ଏକଦା ଘରୋଇ ଯାତ୍ରୀବାହୀ ବସ୍ ଯୋଗେ ଯାତାୟତ କରୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀମାନେ ଶୋଷଣର ଶିକାର ହେଉଥିଲେ। 'ଆମ ବସ୍' ସେବା ଉପଲବ୍ଧ ହେବା ପରେ ଅଞ୍ଚଳବାସୀ ବେଶ ଉପକୃତ ହେଉଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଧରି ଅପେକ୍ଷା କରି ଆମ ବସ ଯୋଗେ ଜନସାଧାରଣ ଯାତାୟତ କରୁଥିବା ନଜରକୁ ଆସୁଛି। ତେବେ ଆଜକୁ ବର୍ଷକ ତଳେ ଭାପୁର ବ୍ଲକ ଅଞ୍ଚଳରୁ ଖଣ୍ଡପଡ଼ା ଦେଇ ନୟାଗଡ ସହରକୁ ଯାତାୟତ କରୁଥିବା ଶୀତତାପ ନିୟନ୍ତ୍ରିତ ଆମ ବସ ସେବା କେତେକ ଘରୋଇ ଯାତ୍ରୀବାହି ବସ୍ ମାଲିକଙ୍କ ଦୌରାତ୍ମ୍ୟ ଯୋଗୁଁ ବନ୍ଦ ହୋଇଯାଇଥିବାରୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଆମ ବସ ସେବା ପୁର୍ନବାର ପ୍ରଚଳନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



ଭାପୁର,୧୪।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ମହୋତ୍ସବ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଜୀବନ ଜୀବିକାକୁ ପ୍ରଭାବିତ କରୁଥିବା ଏହି ବିଭାଗ ଜନସାଧାରଣଙ୍କୁ ଉତ୍ତମ ଖାଦ୍ୟ ପ୍ରାଣ ପ୍ରଦାନ କରିବା ସହ ଆର୍ଥିକ ସ୍ୱାବଲମ୍ବୀ କରିଥାଏ। ସରକାର ଏହି ବିଭାଗ ମାଧ୍ୟମରେ ଅନେକ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି। ସେଗୁଡିକୁ ଜନସାଧାରଣ ନିକଟରେ ପହଞ୍ଚାଇବା ପାଇଁ ଏହି ମେଳା ଆୟୋଜିତ ହୋଇଥିଲା। ଭାପୁର ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବୃହତ ମେଳାରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଞ୍ଜିତାରାଣୀ କର, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ବେହେରା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଲୋପାମୁଦ୍ରା ରଥ ପ୍ରମୁଖ ଯୋଗ ଦେଇଥିଲେ। ଡା. ବିଭୁପ୍ରସାଦ ଶତପଥୀଙ୍କ ଦ୍ୱାରା ରଚିତ ତଥା ନିର୍ଦ୍ଦେଶିତ ସଚେତନା ଧର୍ମି ନାଟକ ଜୀବନ ଜୀବିକା ମଞ୍ଚସ୍ଥ ହୋଇଥିଲା। ଅତିଥିମାନେ ବ୍ଲକ ଶ୍ରେଷ୍ଠ କୃଷକ ଭାବେ କମଳିନୀ କାଠୁଆ, ମୀନତୀ ପ୍ରଧାନ, ରଞ୍ଜନା ପରିଡା, ପାର୍ବତୀ ପଲେଇ, ଅନୀତା ମହାପାତ୍ର, ପାର୍ବତୀ ବେହେରା, ସୁଜାତା ପାତ୍ର, ପ୍ରଭାତୀ ପଲେଇ, ଅଜୟ କୁମାର ବେହେରା, ସବିତା ପରିଡା, ସାଧୁଚରଣ ମୁକୁଟ, ଅହଲ୍ୟା ରଣା, ବାସନ୍ତୀ ବେହେରା, ତପନ ମହାପାତ୍ର ସମ୍ମାନିତ ହୋଇଥିଲେ।

# ବାଇକ୍ ଚୋରି; ଥାନାରେ ଏତଲା

ଗଣିଆ, ୧୪।୧୧(ସମିସ): ଗଣିଆ ବଜାର ନିକଟସ୍ଥ ରାମମନ୍ଦିର ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ଜଣାପଡିଛି। ଗଣିଆ ରାମମନ୍ଦିର ସମ୍ମୁଖରେ ଶୁକ୍ରବାର ଏକ ନିର୍ବନ୍ଧ ହେଉଥିବା ବେଳେ ବୋଲଗଡ଼ ଗଡ଼ଭିତରର ସାହିର ଅନିରୁଦ୍ଧ ଚମ୍ପତି ନିଜର ବାଇକ ନେଇ ସେଠାକୁ ଆସିଥିଲେ। ବାଇକଟିକୁ ମନ୍ଦିର ସମ୍ମୁଖରେ ରଖି ମନ୍ଦିରରେ ନିର୍ବନ୍ଧ ଉତ୍ସବରେ ଉପସ୍ଥିତ ଥିଲେ। ତେବେ କିଛି ସମୟ ପରେ ଆସି ବାଇକ ରଖିବା ସ୍ଥାନରେ ଖୋଜିବା ପରେ ନିଜ ବାଇକ ପାଇ ନଥିଲେ। ବାଇକଟିକୁ ଏଣେ ତେଣେ ବହୁତ ଖୋଜାଖୋଜି କରିବା ପରେ ତାର କୌଣସି ସନ୍ଧାନ ମିଳିନଥିଲା। ପରେ ସେ ଏନେଇ ଗଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ବାଇକଟିର ପତ୍ତା ପାଇନଥିଲେ।

## ବିଭିନ୍ନ ସ୍ଥାନରେ ଶିଶୁ ଦିବସ

# 'ଶିଶୁଙ୍କ ବିକାଶ ଉପରେ ନିର୍ଭର କରେ ଦେଶର ବିକାଶ'

ନୟାଗଡ଼,୧୪।୧୧(ସମିସ)






ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ କରାଯାଇଛି। ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ମଧ ଶିଶୁ ଦିବସ ପାଳନ କରାଯାଇଛି। ନୟାଗଡ଼ ବ୍ଲକ ଡିଆଁପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ସାହର ସହ ପାଳିତ ହୋଇଯାଇଛି ଶିଶୁ ଦିବସ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ବିଦ୍ୟାଳୟ ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଛାତ୍ରଛାତ୍ରୀ ବିଦ୍ୟାଳୟଙ୍କୁ ପ୍ରବେଶ କରିବା ପରେ ତାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହା ପରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ, ବକ୍ତୃତା, ଗୀତ ଏବଂ ନୃତ୍ୟ ମାଧ୍ୟମରେ ପିଲାମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ସାହୁ ଆୟୋଜନ କରିଥିଲେ। ପ୍ରତିଯୋଗିତା ଏବଂ ସଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଶ୍ୱନାଥ ସାହୁ, ହରପ୍ରିୟା ବେହେରା, ଦୀପ୍ତିରେଖା ସାହୁ ଓ ସଲିଳା କୁମାରୀ ରଥ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସୁସ୍ୱାଦୁ ଖାଦ୍ୟ ବଣ୍ଟନ କରାଯାଇଥିଲା।

**ଗଣିଆ:** ଗଣିଆ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁଦିବସ ପାଳିତ ହୋଇଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁମନ୍ଦିର, ମହାନଦୀ ପବ୍ଲିକ ସ୍କୁଲ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ, ଆର୍‌ସି ସାମନ୍ତରାୟ ମହାବିଦ୍ୟାଳୟ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଛାତ୍ରଛାତ୍ରୀ ଶିଶୁଦିବସ ପାଳନ କରିଛନ୍ତି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀ ନିଜକୁ ବିଭିନ୍ନ ବେଶରେ ସଜାଇ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟ ପରିସରରେ ଫ୍ୟାନସି ଡ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭାପତି ଆନନ୍ଦ ଚନ୍ଦ୍ର ବେହେରା, ଅଧ୍ୟକ୍ଷ ରତ୍ନାକର ମହାପାତ୍ର, ନନ୍ଦିନୀ ଗୁରୁ, ମାମି ମହାରଣା, ସ୍ୱପ୍ନାଦୀପା ମହାରଣା, ଲକ୍ଷ୍ମୀଧର ନାୟକ, ଶ୍ୟାମସୁନ୍ଦର ପୃଷ୍ଟି, ମମି ମହାରଣା, ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆର୍‌ସି ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ମଳୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷ ଉମାକାନ୍ତ ବେହେରା,ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ, ସ୍ମୃତି ରଞ୍ଜନ ବେହେରା, ପ୍ରଦ୍ୟୁମ୍ନ ଜେନା, ସୌମ୍ୟରଞ୍ଜନ ଆଚାର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା କ୍ରିଡା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

**ଓଡ଼ଗାଁ :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଭଗବତୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଏବଂ ଶିଶୁ ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଜଗନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ ଏବଂ ସମ୍ମାନୀତ ଅତିଥିଭାବେ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ପ୍ରାକ୍ତନ ଶିକ୍ଷକ ପଞ୍ଚାନନ ପଣ୍ଡା ସମ୍ମାନୀତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବସନ୍ତ କୁମାର ଆଲଟିଆଙ୍କ ନିର୍ଦ୍ଦେଶିତ ୩୦ରୁ ଊର୍ଦ୍ଧ୍ୱ ଦଳଗତ ଓ ବ୍ୟକ୍ତିଗତ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବୁଦ୍ଧିଆ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୁଚିତ୍ରା ପ୍ରଧାନ ଓ ତ୍ରିଲୋଚନ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଦେଓଗାଁ-ଭାଲିଆଡିହିରେ ଶିଶୁ ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟବକ୍ତା ରୂପେ ଓଡଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣ୍ଡେରିପଡା ଗ୍ରା.ପ ସରପଞ୍ଚ ଗାୟତ୍ରୀ ରାଉତ, ମଶାବାରୀ କ୍ଲଷ୍ଟର ସିଆର୍‌ସିସି ଯଶୋବନ୍ତ ପଟ୍ଟନାୟକ, ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ରଣଜିତ୍ ମହାପାତ୍ର, ସମାଜସେବୀ ଦିଲ୍ଲିପ କୁମାର ବିଶୋଇଙ୍କ ସହିତ ଅନ୍ୟ ଅତିଥି ମାନେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ଜୟନ୍ତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ।

**ଖଣ୍ଡପଡ଼ା :** ଖଣ୍ଡପଡା ସହରାଞ୍ଚଳ ସମେତ ସମଗ୍ର ବ୍ଲକରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିଶୁଦିବସ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରେ ପାରମ୍ପରିକ ଭାବେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୬ ତମ ଜନ୍ମଜୟନ୍ତୀକୁ ମହାସମାରୋହରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏ ଅବସରରେ ବିଦ୍ୟାଳୟରେ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ, ନୃତ୍ୟ, ଦୌଡ଼କୁଦ, ରଚନା ଏବଂ ସାଧାରଣ ଜ୍ଞାନ ପରୀକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ ମାନଙ୍କୁ ସକାରାକକ ଦିଗରେ ଗୁରୁତ୍ୱ ଦେବା ସହ ଉତ୍ତମ ନାଗରିକ ଭାବେ ସମାଜରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ପିଲାବେଳୁ ସେମାନଙ୍କୁ ଉତ୍ତମ ଶିକ୍ଷାଦାନ ଆଦି ଦିଗରେ ସମସ୍ତେ ଦାୟିତ୍ୱ ବାନ ହେବା ଉଚିତ ବୋଲି ଅତିଥିମାନେ ନିଜର ମତ ରଖିଥିଲେ। ସହରାଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଓମସାଇ ଇଣ୍ଟର ନାସିନାଲ, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ ଖୁବ ଧୁମଧାମରେ ପାଳନ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିବା ଜଣାପଡିଛି।

## ନାବାଳକଠାରୁ ୧୧ ଲକ୍ଷର ଧଳାଜହର ଜବତ

ବାଲୁଗାଁ,୧୪।୧୧(ସମିସ): ସମଗ୍ର ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ବିଶେଷ କରି ଅଞ୍ଚଳରେ ଧଳାଜହର କାରବାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ଏହାକୁ ଗୁରୁତ୍ୱର ସହ ନେଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶୁକ୍ରବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅଞ୍ଚଳରେ ଚଢ଼ଉ କରି ଜଣେ ଧଳାଜହର ବେପାରୀକୁ ଗିରଫ କରିବା ସହ ତା' ନିକଟରୁ ୧୧୦ ଗ୍ରାମ୍‌ର ଧଳାଜହର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ବାଲୁଗାଁ ଥାନା ଅଧୀନ ଚକ୍ରଧରପୁର ଗ୍ରାମର ଜଣେ ନାବାଳକ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୧୦୭/୨୫ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତ ନାବାଳକକୁ ଜୁଭେନାଇଲ୍ କୋର୍ଟକୁ ପଠାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ କୁମାର ବାରିକ, ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍ ଏସ୍‌ଆଇ ସୁଜିତ କୁମାର ନାଗ, ଏସ୍‌ଆଇ ମୀନକେତନ ମାହାଲିକ, ଜିତେନ୍ଦ୍ର ହେମ୍ବ୍ରମ୍, ସଞ୍ଜୟ ରାଉତ, ରଞ୍ଜିତ ପଟେଲ, ଅନିଲ ପ୍ରଧାନ, ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଚୋରି ସୁନା ଅଳଙ୍କାର ଜବତ, ୨ ଗିରଫ

ବାଲୁଗାଁ,୧୪।୧୧(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମରୁ ସପ୍ତାହେ ପୂର୍ବେ ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ଘଟଣାରେ ବାଲୁଗାଁ ପୁଲିସ ଚୋରିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ଅଳଙ୍କାର ଜବତ କରିଛି। ଦୁଇ ଅଭିଯୁକ୍ତ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର କେତନ ପ୍ରକାଶ କେଇ ଏବଂ ଅନ୍ୟ ଜଣେ ଭୁବନେଶ୍ୱର ଅଞ୍ଚଳର ଅଳଙ୍କାର ବ୍ୟବସାୟୀ ବଟକୃଷ୍ଣ ବେହେରା ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଚନ୍ଦ୍ରାପୁଟ ଗ୍ରାମର ସରୋଜିନୀ ଜାଲି ସପରିବାର ଗତ ୮ ତାରିଖ ରାତିରେ ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଉକ୍ତ ଗ୍ରାମର କେତନ ଘରେ ପଶି ଆଲମିରାରୁ ଦୁଇଟି ରାଣୀ ହାର ଚୋରି କରିନେଇଥିଲା। ସରୋଜିନୀ ଘରକୁ ଫେରି ଚୋରି ସମ୍ପର୍କରେ ଜଣିବା ପରେ ଏ ନେଇ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ବାଲୁଗାଁ ପୁଲିସ ପକ୍ଷରୁ ୩୬୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଅଭିଯୋଗ ଆଧାରରେ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏଏସ୍‌ଆଇ ଶାନ୍ତନୁ ବେହେରା ତଦନ୍ତ କରି ସମ୍ପୃକ୍ତ କେତନକୁ ପଚରାଉଚରା କରିବାରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା। କେତନର ବୟାନ କ୍ରମେ ପୁଲିସ ଟିମ୍ ଭୁବନେଶ୍ୱର ଗସ୍ତ କରି ଚୋରି ଅଳଙ୍କାର କିଣିଥିବା ବ୍ୟବସାୟୀ ବଟକୃଷ୍ଣ ବେହେରାକୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୨ ଗ୍ରାମ୍ ଓଜନର ଝଲେଇ ହୋଇଥିବା ସୁନା ଜବତ କରି ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ୧୦ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଲୁଟ୍

ନିରାକାରପୁର,୧୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସରପାରୀ ଗ୍ରାମ ଭଗବାନପୁର ସାହି ପ୍ରତାପ କୁମାର ସାହୁଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ୬ ଜଣ କଳା ମୁଖା ପିନ୍ଧା ଡକାୟତ କଳକନା ବୁଲାଇ ଦେଇ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଂକାର ଲୁଟ୍ କରି ନେଇଥିବା ଅଭିଯୋଗରୁ ଜଣାପଡ଼ିଛି। ସୂଚନାଯୋଗ୍ୟ କି, ଗୁରୁବାର ବିଳମ୍ବିତ ରାତିରେ ୬ ଜଣ ଡକାୟତ କଳାରଙ୍ଗର ପୋଷାକ ସହିତ କଳା ରଙ୍ଗର ମୁଖା ପିନ୍ଧି ପ୍ରତାପ କୁମାର ସାହୁଙ୍କ ଘରେ ପଶି ଖଣ୍ଡା, ଭୁଜାଲି ଦେଖାଇ ଭୟଭୀତ କରି ଘରେ ଥିବା ସମସ୍ତ ସୁନା ରୁପା ଅଳଂକାର ନେଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ ଆଲମିରା ଭାଙ୍ଗି ମଙ୍ଗଳ ସୂତ୍ର ୧ଟା, ହାର ୧ଟା, ଚେନ୍ ଗୋଟିଏ, ମୁଦି ୪ଟା, ହାତ ଚୁଡ଼ି ୪ଟା ସମୁଦାୟ ୮ ଭରି ଓ ୨୦ ଭରି ରୁପା, ୨ଟି ମୋବାଇଲ୍ ନେଇ ପଳାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଅଧିକ ହେବ। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଭୂଷଣ୍ଡପୁର ସମବାୟ ସମିତିରେ ସମବାୟ ସପ୍ତାହ

ଭୂଷଣ୍ଡପୁର,୧୪।୧୧(ସମିସ): ଟାଙ୍ଗୀ ବ୍ଲକ୍‌ର ପୁରାତନ ଭୂଷଣ୍ଡପୁର ସେବା ସମବାୟ ସମିତିଠାରେ ଶୁକ୍ରବାର ସେବା ସମବାୟ ସପ୍ତାହ ପକ୍ଷ ପାଳନ କରାଯାଇଛି। ଚାଷୀମାନଙ୍କର ଚାଷର ଉନ୍ନତି ପାଇଁ ଋଣ ଲଗାଣ ଏବଂ ପରିଶୋଧ ପାଇଁ ଋଣ ଆଦାୟ ମେଳା କରି ସମିତିର ସୁନାମ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା। ସମିତି ସଭାପତି ଦଣ୍ଡପାଣି ବେହେରା ପତାକା ଉତ୍ତୋଳନ କରିଥିବାବେଳେ ସମିତିର ବରିଷ୍ଠ ସଭ୍ୟ ପ୍ରଶାନ୍ତ ସାହୁ, କେଲୁ ବେହେରା, ବିରଞ୍ଚି ବେହେରା, ଉପସଭାପତି କମା ବରାଳ, କୁସୁମ ବେହେରା, ସମାଜସେବୀ ବିରଞ୍ଚି ନାରାୟଣ ପ୍ରଧାନ, ସମ୍ପାଦିକା ଯମୁନା ସାହୁ, ସହସମ୍ପାଦକ ସୁରେନ୍ଦ୍ର ବେହେରା ଏବଂ କର୍ମଚାରୀ ଶିବ ପ୍ରସାଦ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ



### ଘଣ୍ଟା ଘଣ୍ଟା ଧରି ଦୁଇପାର୍ଶ୍ୱରେ ଅଟକିଲା ଗାଡ଼ିମୋଟର

ଖୋର୍ଦ୍ଧା,୧୪।୧୧(ସମିସ)

୫୭ନଂ ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ନିକଟରେ ଏକ ମାଲ୍‌ବାହୀ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଗୌଡ଼ପୁଟ ଗ୍ରାମର ଦୀପକ ପ୍ରଧାନ (୩୦)। ଏହାକୁ ନେଇ ସ୍ଥାନୀୟ ଲୋକ ଆର୍ଥିକ ସହାୟତା ଦାବିରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୁଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ପ୍ରତିଶ୍ରୁତି ଦେବାରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁସାରେ, ଦୀପକ ଜଟଣୀ ଥାନା ଅରୁଗୁଳରେ ଏକ ଘରୋଇ ଅନୁଷ୍ଠାନରେ ବନ୍ଧୁକଧାରୀ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ଶୁକ୍ରବାର ଅପରାହ୍ଣ ସାଢ଼େ ୪ଟାରେ ସେ ଘରୁ ସ୍କୁଟି ଯୋଗେ କର୍ମକ୍ଷେତ୍ରକୁ ଯାଉଥିଲେ। ଜାଗୁଲେଇପାଟଣା ଛକ ନିକଟରେ ତାଙ୍କୁ ପଛପଟୁ ଏକ ମାଲ୍‌ବାହୀ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ଘଟଣାସ୍ଥଳରେ ଟ୍ରକ୍‌କୁ ଅଟକାଇ କ୍ଷତିପୂରଣ ଦାବିରେ ଟାୟାର ଜାଳି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ପୁଲିସ ପହଞ୍ଚିଥିଲେ ମଧ୍ୟ ଜିଦ୍‌ରେ ଅଟଳ ଥିଲେ ଉତ୍ତ୍ୟକ୍ତ ଲୋକ। ରାସ୍ତାର ଦୁଇପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିବାବେଳେ ପ୍ରାୟ ୧ ଘଣ୍ଟା ପରେ ଘଟଣାସ୍ଥଳରେ ତହସିଲ୍‌ଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଶେଷରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୬୦ହଜାର ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେବାରେ ରାସ୍ତାରୋକ ହଟିଥିଲା। ଘଟଣାସ୍ଥଳରୁ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ସ୍କୁଟିକୁ ପୁଲିସ ଜବତ କରିବା ସହ ଟ୍ରକ୍ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

## ପାଠାଗାରରେ ଦଳୀୟ ଲୋଗୋ ବିରୋଧରେ ଧାରଣା



ବାଣପୁର/ଗମ୍ଭାରୀମୁଣ୍ଡା,୧୪।୧୧(ସମିସ): ବାଣପୁର ଥାନା ଅନ୍ତର୍ଗତ ଗାଲୁଆ ଗ୍ରାମରେ ନୂତନ ପାଠାଗାରରେ ଦଳୀୟ ଲୋଗୋ ଲଗାଯାଇଥିବା ନେଇ ଏହାକୁ ବିରୋଧ କରି ଶୁକ୍ରବାର କିଛି ବ୍ୟକ୍ତି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ସୂଚନା ମୁତାବକ, ବାଣପୁର ବ୍ଲକ୍ ଅନ୍ତର୍ଗତ ଗାଲୁଆ ଗ୍ରାମପଞ୍ଚାୟତର ଫାସିଲେସନ ସେଣ୍ଟର ଓ ପାଠାଗାରର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ଏହାକୁ ଆଇନ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଉଦ୍‌ଘାଟନ କରିବାର ଥିଲା। ହେଲେ ଉକ୍ତ ପାଠାଗାର ଗେଟ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଲୋଗୋ ଲାଗିଥିବାରୁ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ସହ କିଛି ସମର୍ଥକ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବରୁ ଉକ୍ତ ଲୋଗୋ ହଟାଇବା ନିମନ୍ତେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା। କିନ୍ତୁ ହଠାତ୍ ଶୁକ୍ରବାର ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ସେଠାରେ ବାଣପୁର ଓ ବାଲୁଗାଁ ଆରକ୍ଷୀ ନିରୀକ୍ଷକ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ପୁଲିସ ଫୋର୍ସ ସହ ପହଞ୍ଚି ଘଟଣାକୁ ନିୟନ୍ତ୍ରଣ କରିଥିଲେ। ଗ୍ରାମବାସୀ ଓ ମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନକାରୀମାନେ ସେଠାରୁ ହଟିଥିଲେ। ଉକ୍ତ ବିକ୍ଷୋଭରେ କିଶୋର ପ୍ରଧାନ, ନାରାୟଣ ସ୍ୱାଇଁ, ଗୋଲଖ ଘଡ଼ାଇ, ଶଙ୍କର ପ୍ରଧାନ ପ୍ରମୁଖ ସାମିଲ୍ ହୋଇଥିଲେ। ବିଳମ୍ବରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତତ୍‌ସହିତ ଡୁମୁରାପୁଟ ଗ୍ରାମ ପଞ୍ଚାୟତ ନାରଣଦେଇପୁର ଓ ଗୁଆଲଡିହ ଅଙ୍ଗନବାଡ଼ି କେନ୍ଦ୍ର, ନୂତନ ତହସିଲ୍ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି।

## ଟ୍ରିପଲ୍ 'ଏ'ରେ ଶିଶୁଦିବସ



ଖୋର୍ଦ୍ଧା,୧୪।୧୧(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ୍ 'ଏ'ରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି ଓ ମେଜର ସୁବେଦାର ସୁଶାନ୍ତ କୁମାର ମହାନ୍ତି ନିଜ ବକ୍ତବ୍ୟରେ ଶିଶୁ ଦିବସର ମହାନତା ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ସଂଗୀତ ବିଭାଗ ଦ୍ୱାରା ସଂଯୋଜିତ ଆବାହ ସଂଗୀତଗାନ କରାଯାଇଥିଲା। ବିଦ୍ୟାଳୟର ନୃତ୍ୟ ଶିକ୍ଷୟିତ୍ରୀ ମାଳବିକା ଦାସଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଉଚ୍ଚ ମାଧ୍ୟମିକ ବିଭାଗର ଶିକ୍ଷକ ନିଖିଲ ମିତଲ ଓ ପ୍ରଦ୍ୟୁମ୍ନ ଉପାଧ୍ୟାୟଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଶିଶୁ ଦିବସ ଉପଲକ୍ଷେ ଅନୁଷ୍ଠିତ ଅନେକ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କର ତୈଳଚିତ୍ର ଉନ୍ମୋଚନ ହୋଇଥିଲା। ଶିଶୁ ଦିବସ ଉପଲକ୍ଷେ ଏକ ଫୁଡ୍ କାର୍ଣ୍ଣିଭାଲ ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀଙ୍କ ପାଇଁ ଖୋଲାଯାଇଥିଲା।

# ବାଇଗଣ ବାରିରେ ଗଞ୍ଜେଇ ଚାଷ

ଖୋର୍ଦ୍ଧା,୧୪।୧୧(ସମିସ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ କେରଙ୍ଗ କଦଳିଆ ସାହିରେ ଅବକାରୀ ବିଭାଗ ଚଢ଼ଉ କରି ବାଇଗଣ ବାରିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିଛି। ଉକ୍ତ ବାରିରୁ ୪୨ଟି ଗଞ୍ଜେଇ ଗଛ ଅବକାରୀ ବିଭାଗ ଜବତ କରିଥିବାବେଳେ ଏହି ଘଟଣାରେ ଚାଷ କରିଥିବା ଦମ୍ପତିଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଦମ୍ପତି ହେଲେ ସେହି ସାହିର ଅଜୟ ନାୟକ(୫୫) ଏବଂ ଟୁନି ଦେଇ(୪୫)। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ୮୩/୨୫ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ, କେରଙ୍ଗ କଦଳିଆ ସାହିରେ ଗଞ୍ଜେଇ ଚାଷ ହେଉଥିବା ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଶ୍ରୀମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କ୍ଷେତ୍ରମୋହନ ଜଗଦିଶ ଚନ୍ଦ୍ର ପେରେ ଓ ସଦର ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ସକାଳ ୬ଟାରେ ଚଢ଼ଉ କରିଥିଲେ। ଏହି ସମୟରେ ଗଞ୍ଜେଇ ଗଛରେ ପାଣିଦେଉଥିବା ଦମ୍ପତି ଅବକାରୀ ବିଭାଗକୁ ଦେଖି ପଳାଇବାକୁ ଉଦ୍ୟମ କରିଥିବାବେଳେ ଟିମ୍ ତାଙ୍କୁ କାବୁ କରିଥିଲା। ତେବେ ବାରିରେ ଲଗାଯାଇଥିବା ବାଇଗଣ ଗଛ ମଝିରେ ମଝିରେ ଗଞ୍ଜେଇ ଗଛ ଲଗାଯାଇଥିଲା। ଗୋଟିଏ ଗଞ୍ଜେଇ ଗଛକୁ ପୂର୍ଣ୍ଣତାପ୍ରାପ୍ତ ଲାଗି ୪ମାସ ସମୟ ଲାଗୁଥିବାବେଳେ ଜବତ ଗଛଗୁଡ଼ିକ ୩ ମାସର ହୋଇଥିବା ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ଅଜୟଙ୍କ ବାରିରୁ ୪୨ଟି ଗଛକୁ ଉପାଡ଼ି ଅବକାରୀ ବିଭାଗ ଜବତ କରିଛି। ଯାହାର ମୂଲ୍ୟ ୪୨ହଜାର ହେବ ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ଅଭିଯୁକ୍ତ ଦମ୍ପତି ପ୍ରଥମଥର ପାଇଁ ଚାଷ କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ତେବେ ସେହି ଗ୍ରାମରେ ଅନ୍ୟ କେଉଁମାନେ ଏହି ଚାଷ କରିଛନ୍ତି କି, କାହା ଇଙ୍ଗିତରେ ଏହି ଚାଷ କରିଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ରହିଛି, ଏହାର କୌଣସି ରାକେଟ୍ କାମ କରୁଛି ଏହାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ଏହି ଚଢ଼ଉରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କ୍ଷେତ୍ରମୋହନ ଜଗଦିଶ ଚନ୍ଦ୍ର ପେରେ, ସଦର ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ସମେତ ଏସ୍‌ଆଇ ଜେଗିନି ରାଓ, ଏଏସ୍‌ଆଇ ରାମଚନ୍ଦ୍ର ଜେନା, ସୁମତି ମହାନ୍ତି, କନେଷ୍ଟବଳ ପ୍ରଣବ କୁମାର ବେହେରା, ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ପାଳିତ

ବେଗୁନିଆ,୧୪।୧୧(ସମିସ): ବେଗୁନିଆ ବ୍ଲକ୍ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଚିସ୍ଥିତ ବାବା ହଟ୍ଟକେଶ୍ୱର ଦେବ ମନ୍ଦିରର ସଭାଗୃହରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଅଖିଳେଶ କୁମାର ମହାପାତ୍ରଙ୍କ ସଂଯୋଜନାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟଅତିଥି, ଶିକ୍ଷାପ୍ରେମୀ କବିରାଜ କିଶୋର ପାଣିଗ୍ରାହୀ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଷ୍ଟାର୍ ହେଲ୍‌ଥ ସେଲ୍ସ ମ୍ୟାନେଜର ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ବିହାରୀ ସାହୁ, ତିଲୋତ୍ତମା ମହାପାତ୍ର, ପ୍ରତିମା ପ୍ରଧାନ, ଖୋର୍ଦ୍ଧା ବଜାର ଶାଖା ଷ୍ଟେଟ୍ ବ୍ୟାଙ୍କ ପରିଚାଳକ ବିମଳରାମ ସାହୁ, ରଞ୍ଜନ କୁମାର ସାହୁ, ଶିକ୍ଷାବିତ୍ ଜମ୍ବେଶ୍ୱର ମଙ୍ଗରାଜ ଓ କବି ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁମାନଙ୍କ ମଧ୍ୟରେ ବହୁମୁଖି ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ପ୍ରେରଣା ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଶିଶୁ ବିକାଶ ପାଣ୍ଠିରୁ ବୃତ୍ତି ଓ ମେଧାବୀ ସମ୍ମାନ, ଆର୍ଥିକ ସହାୟତା ଏବଂ ଦୁର୍ଘଟଣାଜନିତ ସହାୟତା ସହ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ପରେ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପକ୍ଷରୁ ସାଇବର ସଚେତନତା ପଦଯାତ୍ରା

ବେଗୁନିଆ,୧୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଜନସାଧାରଣ ସାଇବର ଠକେଇଠାରୁ ଦୂରେଇ ରହିବା ପାଇଁ ବାଘମାରୀ ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବାଘମାରୀ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ସମ୍ମୁଖରେ ସାଇବର ମାସ୍କଟ୍‌କୁ ଭବ୍ୟ ସମ୍ବର୍ଦ୍ଧନା ସହ ପ୍ଲାକାର୍ଡ ଧରି ପଦଯାତ୍ରା ବଜାର ମଧ୍ୟରେ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ସହଯୋଗ କରିଥିଲେ।



## ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସୁଲଭ କାର୍ଯ୍ୟକ୍ରମ

ନିରାକାରପୁର,୧୪।୧୧(ସମିସ): ଶୁକ୍ରବାର ଶିଶୁ ଦିବସରେ ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ କାଶୀପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ପ୍ରତିଭା ସମ୍ମାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶିକ୍ଷୟିତ୍ରୀ ଅନିତା ନାୟକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସବିତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଟାଙ୍ଗୀ ବ୍ଲକ୍ ଶିଶୁ ସୁରକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ପଣ୍ଡା, ଟାଙ୍ଗୀ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ସରପଞ୍ଚ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନେ ଦେଶର ମେରୁଦଣ୍ଡ ଓ ସେମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳିଲେ ଦେଶର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ଏବଂ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଲେ ଶିଶୁଟିଏ ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।



### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଜାନୁଆରୀ ୭ରୁ ଧାନ କିଣିବେ ସରକାର

ଖୋର୍ଦ୍ଧା,୧୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଯୋଗାଣ ବିଭାଗର ଖରିଫ ଋତୁ ଧାନ କ୍ରୟ କମିଟି ବୈଠକ ଶୁକ୍ରବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାର ୧୫୫ଟି ଧାନ କ୍ରୟ କେନ୍ଦ୍ରରୁ ଜିଲ୍ଲାର ୧୫ଟି ମିଲରଙ୍କ ଜରିଆରେ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ ୧୪୦ଟି ସୋସାଇଟି ଏବଂ ଦୁଇଟି ନିୟନ୍ତ୍ରିତ ବଜାର କମିଟି ୨୦୨୫-୨୬ ବର୍ଷରେ ଧାନ କ୍ରୟ କରିବା ପାଇଁ ପ୍ରସ୍ତୁତ ଥିବା କଥା ଜିଲ୍ଲା ସମବାୟ ନିବନ୍ଧକ ତଥା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜଣାଇଥିଲେ। ଜିଲ୍ଲାରେ ଧାନ କ୍ରୟ ଆସନ୍ତା ଜାନୁଆରୀ ୭ ତାରିଖଠାରୁ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଚାଷୀମାନଙ୍କର ଧାନର ପରିମାଣକୁ ଦେଖି ସପ୍ତାହକୁ କେତେଦିନ ଧାନ କ୍ରୟ କରାଯିବ ସେନେଇ ନିର୍ଦ୍ଧାରଣ କରାଯିବ ବୋଲି ଜିଲ୍ଲା ସମବାୟ ନିବନ୍ଧକ ପ୍ରକାଶ କରିଥିଲେ।



ଜୟଦେବ ବିଧାୟକ ତାଙ୍କ ନିର୍ବାଚନମଣ୍ଡଳୀରେ ବିଳମ୍ବରେ ଧାନ ଅମଳ ହେଉଥିବାରୁ ବିଳମ୍ବରେ ଧାନ କ୍ରୟ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏନେଇ ଜିଲ୍ଲାପାଳ ଜୟଦେବ ନିର୍ବାଚନମଣ୍ଡଳୀର ଧାନକୁ ୧୪ତାରିଖ ପରେ କ୍ରୟ କରାଯିବାକୁ ସରକାରଙ୍କୁ ନିବେଦନ କରିବା ପାଇଁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଗୁନିଆ ବିଧାୟକ ଧାନମଣ୍ଡିରୁ ଧାନ ତୁରନ୍ତ ଉଠାଇନେବା ପାଇଁ ମିଲରମାନଙ୍କୁ କହିଥିଲେ। ନଚେତ୍ ଚାଷୀଙ୍କ ଧାନ ଖଳାରେ ବାରହା ଓ ହାତୀ କବଳରୁ ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀଙ୍କ ପକ୍ଷେ କଷ୍ଟସାଧ ହେବ ବୋଲି ଚିନ୍ତା ପ୍ରକଟ କରିଥିଲେ। ଖୋର୍ଦ୍ଧା ବିଧାୟକ ଚାଷୀଙ୍କ ଧାନ କିପରି ସୂଚାରୁ ରୂପେ କ୍ରୟ କରାଯାଇ ସେମାନଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କର ଧାର୍ଯ୍ୟ ପ୍ରାପ୍ୟ ଅର୍ଥ ପାଇପାରିବେ ତା' ଉପରେ ଆଲୋଚନାକୁ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ମଣ୍ଡିଗୁଡ଼ିକରେ ମଣ୍ଡି ନୋଡାଲ ଅଫିସର୍ ତଥା ମଣ୍ଡି ସୁପରଭାଇଜରମାନେ ରହି ସମବାୟ ସମିତିସ୍ତରୀୟ କମିଟି ସହ ଯୋଗାଯୋଗ କରି ସମସ୍ତ ଚାଷୀଙ୍କ ଧାନକୁ କ୍ରୟ କରିବା ପାଇଁ ଯୋଗାଣ ଅଧିକାରୀ ଓ ସମବାୟ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଧାନ କ୍ରୟ କମିଟି ସଦସ୍ୟ ସଦସ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ପ୍ରିମିୟର୍ ଗ୍ରୁପ୍ ଅଫ୍ ନର୍ସିଂ କଲେଜ ପକ୍ଷରୁ ମଧୁମେହ ଦିବସ



ଜଟଣୀ,୧୪।୧୧(ସମିସ): ପ୍ରିମିୟର ଗ୍ରୁପ୍ ଅଫ୍ ନର୍ସିଂରେ ଶୁକ୍ରବାର ନିଆରା ଢଙ୍ଗରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ସକାଳେ ପ୍ରିମିୟର ନର୍ସିଂ କଲେଜର ନର୍ସିଂ ଏବଂ ଫାର୍ମାସୀ ବିଭାଗର ଛାତ୍ରଛାତ୍ରୀମାନେ ପ୍ରଭାତ ପରିକ୍ରମା କରିବା ସହ ନିକଟସ୍ଥ ବିଶିଆପଡ଼ା, ବେଣାପଞ୍ଜରୀ, ତିରିମଲ୍ ଗାଁକୁ ଯାଇ ଘରେ ଘରେ ଲୋକଙ୍କୁ ମଧୁମେହ ରୋଗ ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମ୍ପାଦକ ପ୍ରତାପ କିଶୋର ପାତ୍ର, ଅଧ୍ୟକ୍ଷା ସରୋଜିନୀ ଦେଇଙ୍କ ସହ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଆୟୋଜିତ ସଭାରେ ସମ୍ପାଦକ ଶ୍ରୀ ପାତ୍ର ଅଧ୍ୟକ୍ଷତା କରି ଡାଇବେଟିସ ଭଳି ବିଶ୍ୱ ମହାମାରୀକୁ କିପରି ଦୂରେଇ ସୁସ୍ଥ ଜୀବନଯାପନ କରିହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ''ମଧୁମେହ ନୁହେଁ ଜୀବନ ହେବ ମଧୁରମୟ' ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିବେଟ୍ କାର୍ଯ୍ୟକ୍ରମ କରାଯାଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ ● ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଇଭି ନୀତିର ପୁନର୍ବିଚାର ଜରୁରୀ: ସୁପ୍ରିମକୋର୍ଟ

## ବଡ଼ ସହରରେ ଆରମ୍ଭ କରାଯାଉ ପାଇଲଟ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଦେଶରେ ପ୍ରଚଳିତ ଇଲେକ୍ଟ୍ରିକ୍ ଯାନ (ଇଭି) ନୀତିର ପୁନର୍ବିଚାର କରାଯିବା ଆବଶ୍ୟକ। ଗୁରୁବାର ସୁପ୍ରିମକୋର୍ଟ ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହିତ କରୁଥିବା ନୀତି ଉପରେ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହା କହିଛନ୍ତି। ଶୁଣାଣି ସମୟରେ, କୋର୍ଟ ମୌଖିକ ଭାବରେ ସରକାରଙ୍କୁ ଜାତୀୟ ବୈଦ୍ୟୁତିକ ଗତିଶୀଳତା ମିଶନ୍ ଯୋଜନା (ଏନ୍‌ଇଏମ୍‌ଏମ୍‌ପି) ୨୦୨୦ର ପୁନଃବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାଦିଲ୍ଲୀ, ମୁମ୍ବଇ, କଲକାତା, ଚେନ୍ନାଇ ଏବଂ ବେଙ୍ଗାଲୁରୁ ଭଳି ମେଟ୍ରୋ ସହରରେ ପାଇଲଟ୍ ପ୍ରକଳ୍ପଗୁଡ଼ିକୁ ଆରମ୍ଭ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ ଯେ ଇଭି କ୍ରୟ ଉପରେ ରିଆତି ଏବଂ ଟିକସ ଛାଡ଼ ଭଳି ସରକାରଙ୍କ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏହି ଜନସ୍ୱାର୍ଥ ମାମଲା ସେଣ୍ଟର ଫର ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେସନ୍, କମନ୍ କଜ୍ ଏବଂ ସୀତାରାମ ଜିନ୍ଦଲ ଫାଉଣ୍ଡେସନ୍ ୨୦୧୯ରେ ପିଆଇଏଲ୍ ଦାୟର କରିଥିଲେ। ଲକ୍ଷ୍ୟ ଥିଲା ଜୀବାଶ୍ମ ଇନ୍ଧନ ଯାନରୁ ନିର୍ଗମନକୁ ରୋକିବା, ଯାହା ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନରେ ଯୋଗଦାନ କରିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ ସରକାରୀ ଅବହେଳା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ପରିବେଶ ଅଧିକାରକୁ ଉଲ୍ଲଂଘନ କରୁଛି। ସେମାନେ ସରକାର ସହରଗୁଡ଼ିକୁ "ଗ୍ୟାସ୍ ଚାମ୍ବର»ରେ ପରିଣତ କରୁଥିବା ଅଭିଯୋଗ କରିଥିଲେ। ଆବେଦନକାରୀମାନେ ଭାରୀ ଶିଳ୍ପ ମନ୍ତ୍ରଣାଳୟର ଏନ୍‌ଇଏମ୍‌ଏମ୍‌ପି ୨୦୧୨ ଏବଂ ନୀତି ଆୟୋଗର ୨୦୧୮



ମାସକ ପରେ ପରବର୍ତ୍ତୀ ଶୁଣାଣି

«ଶୂନ୍ୟ ନିର୍ଗମନ ଯାନ" ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏଥିରେ ଇଭି ଉପରେ ରିଆତି, ଟିକସ ଛାଡ଼, ସରକାରୀ ଯାନଗୁଡ଼ିକୁ ଇଭିରେ ପରିବର୍ତ୍ତନ, ବାଧ୍ୟତାମୂଳକ ଚାର୍ଜିଂ ପଏଣ୍ଟ ଏବଂ ଏକ ଫି' ସିଷ୍ଟମ (ପ୍ରଦୂଷକ ଯାନ ଉପରେ ଫି, ଇଭି ଉପରେ ସବସିଡି) ଅନ୍ତର୍ଭୁକ୍ତ ଥିଲା। ସେମାନେ ବ୍ୟକ୍ତିଗତ ଚାର୍ଜିଂ ଭିତ୍ତିଭୂମି ପାଇଁ ପ୍ରୋତ୍ସାହନ, ଟୋଲ୍/ପାର୍କିଂ ଛାଡ଼ ଏବଂ ହାଇଡ୍ରୋଜେନ୍ ଯାନ ଉପରେ ଧ୍ୟାନ ଦେବାକୁ ମଧ୍ୟ ଆହ୍ୱାନ କରିଥିଲେ।

୨୦୨୦ରେ, ସୁପ୍ରିମକୋର୍ଟ କହିଥିଲେ ଯେ ଏହି ପ୍ରସଙ୍ଗ କେବଳ ଏନ୍‌ସିଆର୍‌ର ନୁହେଁ ବରଂ ସମଗ୍ର ଦେଶର ପରିବେଶକୁ ପ୍ରଭାବିତ କରେ। କୋର୍ଟ ପକ୍ଷମାନଙ୍କଠାରୁ ଇଭି କ୍ରୟ, ଚାର୍ଜିଂ ପୋର୍ଟ, ଇନ୍ଧନ ପ୍ରଣାଳୀ, ହାଇଡ୍ରୋଜେନ୍ ଯାନ, ଅନ୍ୟାନ୍ୟ ଶକ୍ତି ଉତ୍ସ ଏବଂ ଆମଦାନୀ/ପରିବେଶିକ ପ୍ରଭାବ ଉପରେ ସହାୟତା ଲୋଡ଼ିଥିଲେ। କୋର୍ଟ ସ୍ୱୀକାର କରିଛନ୍ତି ଯେ ସରକାରଙ୍କ ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ ନ କରିବା ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜିର ଶୁଣାଣିରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଦେଇଥିଲେ ଯେ ଇଭିର ଉଚ୍ଚ ମୂଲ୍ୟ ହ୍ରାସ କରିବା ପାଇଁ ପ୍ରୋତ୍ସାହନ ରାଶି ଏବଂ ଚାର୍ଜିଂ ପଏଣ୍ଟ ଆବଶ୍ୟକ। ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି କୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ ୧୩ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଇଭିକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କାମ କରୁଛନ୍ତି। କୋର୍ଟ ସମସ୍ତ ବିଜ୍ଞପ୍ତି ଏବଂ ପ୍ରଗତି ରିପୋର୍ଟ ଗୋଟିଏ ମାସ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**କୋର୍ଟ ଗଲେ ଅନୀଲ ଅମ୍ବାନୀ**

# କୋବ୍ରାପୋଷ୍ଟ ବିରୋଧରେ ଦାଖଲ କଲେ ମାନହାନୀ ମୋକଦ୍ଦମା



**ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** କୋବ୍ରାପୋଷ୍ଟ ବିରୋଧରେ କୋର୍ଟ ଯାଇଛନ୍ତି ଶିଳ୍ପପତି ତଥା ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ଖାଲି କୋବ୍ରା ପୋଷ୍ଟ ନୁହେଁ, ଅନୀଲ ଦ ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ମଧ୍ୟ ମାନହାନୀ ମାମଲା ଦାଖଲ କରିଛନ୍ତି। ଦିଲ୍ଲୀର ଏକ କୋର୍ଟରେ ଏ ନେଇ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି, ଯାହାର ଶୁଣାଣି ଆରମ୍ଭ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଗଣମାଧ୍ୟମରେ ତାଙ୍କ କମ୍ପାନୀ ୪୧ ହଜାର କୋଟି ଟଙ୍କାର ଠକେଇ କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଗୁରୁବାର ଏହି ମାମଲାର ଶୁଣାଣି ବରିଷ୍ଠ ବିଚାରପତି ବିବେକ ବେନିଓ୍ୱାଲ କରିଛନ୍ତି। କୋର୍ଟ ତଥ୍ୟ ଅନୁସାରେ, କୋବ୍ରାପୋଷ୍ଟ, ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ପିଟିସନ୍ ଫାଇଲ କରାଯାଇଛି। ପ୍ରଥମେ କୋବ୍ରାପୋଷ୍ଟରେ ଅକ୍ଟୋବର ୩୦ରେ ଖବର ପ୍ରକାଶ ପାଇଥିଲା ଯେ, ଅନିଲ ଅମ୍ବାନୀଙ୍କ କମ୍ପାନୀ ୪୧,୯୨୧ କୋଟିର ଏକ ଆର୍ଥିକ ଠକେଇ କରିଥିଲା। ୨୦୦୬ ମସିହାରୁ ଏହି ଠକେଇ ଚାଲିଥିଲା। ଅନ୍ୟ ଖବର କାଗଜ ଏବଂ ଓ୍ୱେବସାଇଟରେ ଏ ନେଇ ଖବର ପ୍ରକାଶିତ ହୋଇଥିଲା। ଏହା ରିଲାଏନ୍ସ ଏବଂ ଅନୀଲ ଅମ୍ବାନୀଙ୍କ ସମ୍ମାନହାନୀ କରୁଥିବା କୋର୍ଟରେ ଆବେଦନ ହୋଇଛି।

# ଖଣ୍ଡଗିରିରେ ଚାନ୍ଦି ଭଣ୍ଡାରର ୨୫ତମ ଷ୍ଟୋର

**ଭୁବନେଶ୍ୱର,୧୪।୧୧(ସମିସ):** ଚାନ୍ଦି ଭଣ୍ଡାର ଖଣ୍ଡଗିରିରେ ଏହାର ୨୫ତମ ଷ୍ଟୋର ଶୁଭାରମ୍ଭ କରିଛି। ଖଣ୍ଡଗିରି ଗୁମ୍ଫା ରୋଡ୍‌ରେ ୨୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ନୂଆ ଷ୍ଟୋର ଡିଜାଇନ୍ ଏବଂ ମନମୋହକ ଡିସ୍ ଅତି ସୁନ୍ଦର ପରିବେଶ ପ୍ରଦାନ କରୁଛି। ଐତିହ୍ୟ ସହିତ ମିଶ୍ରିତ ଆଧୁନିକ ବିଳାସକୁ ପ୍ରତିଫଳିତ କରିବା ପାଇଁ ଏହି ନୂଆ ଷ୍ଟୋର ରୁପା କଳାକୃତିର ସର୍ବୋତ୍ତମ ପ୍ରଦର୍ଶନ କରୁଛି। ଏଥିସହିତ ଏହା ଗ୍ରାହକଙ୍କୁ ଏକ ନିମଗ୍ନ ଏବଂ ପ୍ରେରଣାଦାୟକ ସପିଂ ଅଭିଜ୍ଞତା ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' କ୍ୟାମ୍ପେନ୍ ଆଣିଛି। ଗ୍ରାହକ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ରୁପା ଗହଣା ଏବଂ କଳାକୃତିର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର୍ ଉକ୍ତ ମୂଲ୍ୟବାନ ଗ୍ରାହକମାନଙ୍କ ପ୍ରତି ଏକ କୃତଜ୍ଞତାର ନିଦର୍ଶନ, ଯେଉଁମାନେ ଚାନ୍ଦି ଭଣ୍ଡାରକୁ ସେମାନଙ୍କ କାହାଣୀ ଆଣିଛନ୍ତି ଓ ଚାନ୍ଦି ଭଣ୍ଡାରକୁ ସେମାନଙ୍କ ସ୍ୱତନ୍ତ୍ର ଦିନର ଅଂଶ କରିଥାନ୍ତି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଆମ ଗହଣା ଆଭୁଷଣଠାରୁ ଆହୁରି ଅଧିକ କିଛି।




ଏହା ପରମ୍ପରାର ଏକ ଖଣ୍ଡ, ପ୍ରେମର ପ୍ରକାଶନ ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଅଂଶ। ଏହି କ୍ୟାମ୍ପେନ୍ ସହ ଆମେ ବାସ୍ତବ ଦମ୍ପତିଙ୍କ ସେହି ସମ୍ପର୍କ ଏବଂ ପ୍ରକୃତ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୁପା ଆଇଟମ୍ ସହିତ ଆଧୁନିକ ଲାଇଫଷ୍ଟାଇଲ୍ ଉତ୍ପାଦ ଏହା ଉପଲବ୍ଧ କରିଥାଏ।

# ଏନ୍‌ଡିଏର ବିହାର ବିଜୟ ପରେ ବି ବଜାରରେ ନିରାଶା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ବିହାର ନିର୍ବାଚନରେ ଏନ୍‌ଡିଏର ବିଶାଳ ବିଜୟ ନିଶ୍ଚିତ ହେବା ସତ୍ତ୍ୱେ, ଷ୍ଟକ୍ ବଜାର ହ୍ରାସ ପାଇଛି। ଏକଜିଟ୍ ପୋଲର ଆଶା ଅନୁସାରେ ୭୫୦ ପଏଣ୍ଟ ବୃଦ୍ଧି ପାଇଥିବା ସେନସେକ୍ସ ଫଳାଫଳ ଦିନ କାରବାର ମଧ୍ୟରେ ୩୭୬ ପଏଣ୍ଟ ହ୍ରାସ ପାଇଲା। ଏହି ହ୍ରାସର ଅନେକ ପ୍ରମୁଖ କାରଣ ରହିଛି। ବିହାର ବିଧାନସଭା ନିର୍ବାଚନର ଫଳାଫଳ ପୁଣି ଥରେ ଏହି ପ୍ରଶ୍ନ ଉଠାଇଛି। ଏକଜିଟ୍ ପୋଲରେ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟ ପୂର୍ବାନୁମାନ କରିଥିଲା ଏବଂ ବଜାର ଉତ୍ସାହରେ ଭରି ଯାଇଥିଲା। ବୁଧବାର ସେନସେକ୍ସ ୭୫୦ ପଏଣ୍ଟ ଏବଂ ନିଫ୍ଟି ୨୩୦ ପଏଣ୍ଟ ବୃଦ୍ଧି ପାଇଲା। ନିବେଶକମାନେ ଉତ୍ସାହିତ ଥିଲେ।

> **ନିର୍ବାଚନ ଫଳାଫଳ ଦିନ ବଜାର ଖସିବା ଟ୍ରେଣ୍ଡ ପାଲଟିଛି**
>
> **ଏକ୍‌ଜିଟ୍ ପୋଲ୍‌ରେ ଉଠିଥିଲା**
>
> **ବିହାର ନିର୍ବାଚନ ଫଳାଫଳ; ପ୍ରଫିଟ୍ ବୁକିଂର ଖେଳ**

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସେନସେକ୍ସ ୩୭୬ ପଏଣ୍ଟ କିମ୍ବା ୦.୪୪% ହ୍ରାସ ପାଇ ୮୪,୧୦୨.୯୬ ପଏଣ୍ଟରେ କାରବାର କରୁଥିଲା। ନିଫ୍ଟି ୧୧୦.୭୧ ପଏଣ୍ଟ କିମ୍ବା ୦.୪୨% ହ୍ରାସ ପାଇ ୨୫,୭୭୧.୪୦ ପଏଣ୍ଟରେ କାରବାର କରୁଥିଲା। ଇନଫୋସିସ୍, ଆଇଚର ମୋଟର୍ସ ଏବଂ ଟାଟା ଷ୍ଟିଲ୍ ଭଳି ପ୍ରମୁଖ କମ୍ପାନୀଗୁଡ଼ିକର ସେୟାର ନିଫ୍ଟିରେ ୩% ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଏହାର ଅର୍ଥ ହେଉଛି ଯେ ଫଳାଫଳ ଆସିବାର ଦୁଇ ଦିନ ପୂର୍ବରୁ ଏହି ଖବରକୁ ପାଳନ କରୁଥିବା ବଜାର, ଫଳାଫଳ ନିଶ୍ଚିତ ହେବା ପରେ ଦୁର୍ବଳ ହୋଇଗଲା। କ'ଣ ସେୟାର ବଜାର ମଧ୍ୟ "ନିଶ୍ଚିତତା" ପୂର୍ବରୁ ଉତ୍ସାହ ଉପରେ ଖେଳେ? ସାଧାରଣ ନିବେଶକଙ୍କ ମନ ଭାବୁଛି ଯେ ଏହି ବିରୋଧାଭାସ ପଛରେ କାରଣ କ'ଣ। ବିଶେଷଜ୍ଞମାନେ କୁହନ୍ତି ଯେ ଏହାର ସରଳ ଉତ୍ତର ହେଉଛି ପ୍ରଫିଟ୍ ବୁକିଂ।

ସେୟାର ବଜାର କେବଳ ଗୋଟିଏ ଦଳକୁ ନୁହେଁ, 'ସ୍ଥିର ଏବଂ ନିର୍ଣ୍ଣାୟକ ନେତୃତ୍ୱ'କୁ ଭଲ ପାଏ। ଯେତେବେଳେ ବଜାର ଏକ ଦୃଢ଼, ସ୍ଥିର ସରକାର ଗଠନ ଆଶା କରେ ଯାହା ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବ, ସେତେବେଳେ ଏହା ପୂର୍ବରୁ ଉତ୍ସବ ପାଳନ କରିବା ଆରମ୍ଭ କରେ। ଏହି କାରଣରୁ, ଏକଜିଟ୍ ପୋଲଗୁଡ଼ିକ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟର ପୂର୍ବାନୁମାନ କରିବା ମାତ୍ରେ ବଜାରରେ ବୃଦ୍ଧି ଘଟିଥିଲା। କିନ୍ତୁ ଫଳାଫଳ ଦିନ ବଜାରର ଏହି ହ୍ରାସ ନୂଆ ନୁହେଁ। ଯଦି ଆମେ ୨୦୧୦ ବିହାର ନିର୍ବାଚନକୁ ଦେଖିବା, ଯେତେବେଳେ ନୀତିଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ଏକ ବଡ଼ ବିଜୟ ହାସଲ କରିଥିଲା। କାରଣ ବିଶ୍ୱରେ ମାନ୍ଦାବସ୍ଥା ଥିବାରୁ ବଜାର ପ୍ରଭାବିତ ହୋଇ ନ ଥିଲା।

# ବେଦାନ୍ତର ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ ଟପିଲା

**ଭୁବନେଶ୍ୱର, ୧୪।୧୧(ସମିସ):** ଶିଶୁ ଦିବସ ଅବସରରେ, ବେଦାନ୍ତ ଗ୍ରୁପର ସାମାଜିକ ପ୍ରଭାବ ଶାଖା ଅନିଲ ଅଗ୍ରୱାଲ ଫାଉଣ୍ଡେସନ (ଏଏଏଫ), ଭାରତର ଅଗ୍ରଣୀ ଶକ୍ତି ପରିବର୍ତନ ଧାତୁ, ତୈଳ ଏବଂ ଗ୍ୟାସ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ, ଭାରତର ସାମାଜିକ ପ୍ରଭାବ ଯାତ୍ରାରେ ଏକ ଐତିହାସିକ ମୁହୂର୍ତ ଘୋଷଣା କରିଛି। ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ, ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ କେନ୍ଦ୍ର ମାଇଲଖୁଂଟ ଅତିକ୍ରମ କରିଛି, ସାରା ଦେଶରେ ପ୍ରତିଦିନ ଚାରି ଲକ୍ଷରୁ ଅଧିକ ଶିଶୁ ଏବଂ ତିନି ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତନ କରୁଛି। ନନ୍ଦଘର ଗ୍ରାମୀଣ କେନ୍ଦ୍ରଗୁଡ଼ିକୁ ଆଧୁନିକୀକରଣ କରି ଏବଂ ଉନ୍ନତ ପୁଷ୍ଟିସାର, ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ମହିଳା ଏବଂ ଶିଶୁମାନଙ୍କୁ ସଶକ୍ତ କରି ଭାରତର ଅଙ୍ଗନୱାଡି ଇକୋସିଷ୍ଟମକୁ ପୁନଃପରିଭାଷିତ କରୁଛି। ଭାରତ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ସହିତ ମିଳିତ ଭାବରେ, ଯାହା ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି।

**ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର ସହିତ ବମ୍ପର ପ୍ରାଇଜ୍ ଘୋଷଣା**

# ବମ୍ପର ପ୍ରାଇଜ୍ ବିଜେତା ସୁମିତ୍ରାଙ୍କୁ ମିଳିଲା ସ୍କୁଟି

**କଟକ, ୧୪।୧୧(ସମିସ):** ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର'ର ଶେଷ ଦିନର ଭାଗ୍ୟଶାଳୀ ବିଜେତାମାନଙ୍କର ଭାଗ୍ୟର କୁପନଗୁଡିକୁ ଦୁଇ ନମ୍ବର ଷ୍ଟଲ୍‌ରେ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି କଟକ ଖାନନଗରର ପ୍ରିୟଦର୍ଶିନୀ ରଣା, ଯିଏକି ମୁଖ୍ୟ ଅତିଥି ନିର୍ଦ୍ଦେଶିକା ଏସ ଏନ ମିଲେନିୟମଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ବିଡିଏ ଭୁବନେଶ୍ୱରର ପୌଷଲ୍ୟା ମିତ୍ର ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା କଟକ ନିମସାହିର ରିନୁ ବେଗମଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଜଗତପୁର ଶାନ୍ତନୁ କୁମାର ବେହେରା ଫ୍ରାଇଂ ପ୍ୟାନ୍ ମୁଖ୍ୟ ଅତିଥି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର ସୁମିତ୍ରା ପରିଡାଙ୍କୁ ବମ୍ପର୍ ପ୍ରାଇଜ ସ୍ୱରୂପ ସ୍କୁଟି (ଇଭି) ପ୍ରଦାନ କରାଯାଇଥିଲା। ଏଥିରେ ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ କ୍ଷୁଧାମୁକ୍ତ ବିଶ୍ୱ ପଦକ୍ଷେପକୁ ବଢ଼ାଉଛି

**ଭୁବନେଶ୍ୱର ,୧୪।୧୧(ଏଜେନ୍ସି):** ବିଶ୍ୱର ୫ମ ବୃହତ୍ତମ ଅଳଙ୍କାର ଖୁଚୁରା ବିକ୍ରେତା ଏବଂ ଭାରତର ଅଗ୍ରଣୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଗ୍ରହଣ କରୁଥିବା କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଇଥିଓପିଆକୁ ଏହାର ପ୍ରମୁଖ ହଙ୍ଗର ଫ୍ରି ୱାର୍ଲ୍ଡ ପଦକ୍ଷେପର ବିସ୍ତାର ଘୋଷଣା କରିଛି। ଭାରତ ଏବଂ ଜାମ୍ବିଆରେ ଏହାର ପରିବର୍ତ୍ତନମୂଳକ ସଫଳତା ପରେ, ଏହି ପଦକ୍ଷେପ ଏବେ ଆଫ୍ରିକୀୟ ମହାଦେଶରେ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଛି। ଭାରତର ସାମୂହିକ ପ୍ରଗତିରେ ମୂଳ, ହଙ୍ଗର ଫ୍ରି ୱାର୍ଲ୍ଡ ମଡେଲ୍ ପ୍ରତିନିଧିତ୍ୱ କରେ ଯେ ଭାରତୀୟ ଉଦ୍ୟୋଗ ସ୍ଥାନୀୟ ସଫଳତାରୁ ବିଶ୍ୱ ପ୍ରଭାବ କିପରି ନିର୍ମାଣ କରିପାରିବ। ନିରନ୍ତର ଭାବରେ ଏହାର ନିଟ୍ ଲାଭର ୫% - ଭାରତରେ ବାଧ୍ୟତାମୂଳକ ସିଏସଆର୍ ଆବଣ୍ଟନର ଦୁଇଗୁଣରୁ ଅଧିକ - ନିବେଶ କରି ମାଲାବାର କର୍ପୋରେଟ୍ ସାମାଜିକ ଦାୟିତ୍ୱର ସ୍କେଲ ଏବଂ ଆନ୍ତରିକତାକୁ ପୁନଃପରିଭାଷିତ କରି ଚାଲିଛି, ଏହାର ପ୍ରମାଣିତ ଭାରତ-ଆଧାରିତ ଢାଞ୍ଚାକୁ କ୍ଷୁଧା ଏବଂ ଶିକ୍ଷାଗତ ଅସମାନତା ବିରୁଦ୍ଧରେ ଏକ ବିଶ୍ୱ ଆନ୍ଦୋଳନରେ ରୂପେ ପ୍ରତିଫଳିତ କରୁଛି। ଦୁବାଇ ଗୋଲ୍ଡ ସୌକର ମାଲାବାର ଇଣ୍ଟରନ୍ୟାସନାଲ ହବ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଲାବାର ଗ୍ରୁପ୍‌ର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଅବଦୁଲ ସଲାମ କେ.ପି. ଆନୁଷ୍ଠାନିକ ଭାବରେ ଦୁବାଇର ଇଥିଓପିଆ କନସୁଲ ଜେନେରାଲ ମହାମହିମ ଅସମେଲାଶ ବେକେଲେଙ୍କୁ ହଙ୍ଗର ଫ୍ରି ୱାର୍ଲ୍ଡ କାର୍ଯ୍ୟକ୍ରମର ଆଗ୍ରହ ପତ୍ର ପ୍ରଦାନ କରିଥିଲେ।

# ପ୍ରଥମ ଗୃହରଣ ଆଣିଥିଲେ ଡିବି ରେମେଡିଓସ୍

## ୧୯୭୮ରେ ଏଚ୍‌ଡିଏଫ୍‌ସିରୁ ନେଇଥିଲେ ୭୦ ହଜାର ଟଙ୍କା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଆଜିକାଲି, ଯେତେବେଳେ କେହି ଘର କିଣିବା ବିଷୟରେ ଚିନ୍ତା କରନ୍ତି, ସେତେବେଳେ ମନକୁ ପ୍ରଥମ ଚିନ୍ତା ଆସେ ଗୃହ ଋଣ। ପ୍ରାୟ ପ୍ରତ୍ୟେକ ବ୍ୟାଙ୍କ ଆକର୍ଷଣୀୟ ସୁଧ ହାର ଏବଂ ସହଜ କିସ୍ତିରେ ଋଣ ପ୍ରଦାନ କରିବାକୁ ପ୍ରସ୍ତୁତ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଭାରତରେ ଏହି ଧାରା କିପରି ଆରମ୍ଭ ହୋଇଥିଲା? ଏକ ସମୟ ଥିଲା ଯେତେବେଳେ ଆମ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଗୃହ ଋଣ ଶବ୍ଦର ଅସ୍ତିତ୍ୱ ମଧ୍ୟ ନ ଥିଲା। ଆଜି, ଆମେ ଜାଣିବା ଯେ ଭାରତରେ ପ୍ରଥମ ଗୃହ ଋଣ କିଏ ନେଇଥିଲେ, କେଉଁ ବ୍ୟାଙ୍କ ଏହାକୁ ପ୍ରଦାନ କରିଥିଲା ଏବଂ ଏହାର ମୂଲ୍ୟ କେତେ ଥିଲା। ଭାରତରେ ଗୃହ ଋଣର ଯାତ୍ରା ୧୯୭୮ ମସିହାରେ ଆରମ୍ଭ ହୋଇଥିଲା। ଡି.ବି. ରେମେଡିଓସ୍ ଦେଶର ପ୍ରଥମ ଗୃହ ଋଣ ନେଇଥିବା ଗ୍ରାହକ। ମୁମ୍ବାଇରେ ସେ ଘର ତିଆରି ପାଇଁ ୭୦,୦୦୦ ଟଙ୍କାର ଋଣ ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)କୁ ମାଗିଥିଲେ, ହେଲେ ତାଙ୍କୁ ୩୦,୦୦୦ ଟଙ୍କାର ଋଣ ମିଳିଥିଲା। ଏହି ଋଣ ସୁଧ ହାର ୧୦.୫% ଥିଲା। ରେମେଡିଓସ୍ ମୁମ୍ବାଇର ମାଲାଡ ଅଞ୍ଚଳରେ ଏହି ଘର ନିର୍ମାଣ କରୁଥିଲେ। ଏହି ଋଣପରିମାଣ ତାଙ୍କ ଘରର ମୋଟ ମୂଲ୍ୟର ଅଧାରୁ କମ୍ ଥିଲା।

ଭାରତରେ ବ୍ୟାଙ୍କିଙ୍ଗର ଇତିହାସ ବହୁତ ପୁରୁଣା। ୧୯୩୫ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରତିଷ୍ଠା ଏକ କେନ୍ଦ୍ରୀକୃତ ଢାଞ୍ଚା ପ୍ରଦାନ କରିଥିଲା। ୧୯୬୯ ଏବଂ ୧୯୮୦ ମସିହାରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଲଭ କରିଥିଲା। ଏହା ସତ୍ତ୍ୱେ, ୧୯୭୦ ଦଶକ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଶିଳ୍ପ ଏବଂ ବାଣିଜ୍ୟ ଉପରେ ଧ୍ୟାନ ଦେଉଥିଲେ।



«ଗୃହ ନିର୍ମାଣ" ପାଇଁ ସାଧାରଣ ଲୋକଙ୍କୁ ଋଣ ପ୍ରଦାନ କରିବା ପାଇଁ କୌଣସି ସଂଗଠିତ ଢାଞ୍ଚା ନ ଥିଲା। ସେହି ସମୟରେ, ଯେତେବେଳେ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ସଙ୍କୋଚ କରୁଥିଲେ, ଗୋଟିଏ କମ୍ପାନୀ ଏହି ବଜାରରେ ଉପସ୍ଥିତି ଜାହିର କରିଥିଲା। ସେହି କମ୍ପାନୀ ହେଉଛି, ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)। ସେହି ସମୟରେ, ଏଚ୍‌ଡିଏଫ୍‌ସି ଗୃହ ଋଣ ବଜାରରେ ଏକମାତ୍ର ସଂଗଠିତ ସଂସ୍ଥା ଥିଲା।

୨୦୦୨ ପୂର୍ବରୁ, ବ୍ୟାଙ୍କଗୁଡ଼ିକର ଏକ ପ୍ରମୁଖ ଚିନ୍ତା ଥିଲା। ଯଦି ଜଣେ ଗ୍ରାହକ ଗୃହ ଋଣରେ ଖିଲାପ କରନ୍ତି (ଖିଲାପୀ), ତେବେ ବ୍ୟାଙ୍କ ଏହାକୁ କିପରି ପରିଚାଳନା କରିବେ? ଏହି ସମ୍ପର୍କରେ କୌଣସି ସ୍ପଷ୍ଟ ଏବଂ ଦୃଢ଼ ଆଇନ ନ ଥିଲା। ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଭୟ କରୁଥିଲେ, ଭୟ କରୁଥିଲେ ଯେ ସେମାନଙ୍କର ଟଙ୍କା ଅଟକି ଯାଇପାରେ। ଏହି ଭୟକୁ ଦୂର କରିବା ପାଇଁ, ୨୦୦୨ରେ ସରଫେସୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ଋଣ ଖିଲାପୀ ହେଲେ ସମ୍ପତ୍ତି ଜବତ କରିବାର ଏବଂ ସେମାନଙ୍କ ଟଙ୍କା ପୁନରୁଦ୍ଧାର ପାଇଁ ଏହାକୁ ନିଲାମ କରିବାର ଅଧିକାର ଦେଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ପ୍ରଚଣ୍ଡ ଆତ୍ମବିଶ୍ୱାସ ଦେଇଥିଲା। ଏହା ପରେ ହିଁ ଅଧିକାଂଶ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ ଗୃହ ଋଣ ବଜାରରେ ପ୍ରବେଶ କରିଥିଲେ।

**ମଧ୍ୟବିତ୍ତଙ୍କୁ ଚେତାବନୀ**

# ବଜେଟ୍ ବାହାରେ ଗୃହଋଣ କଲେ ବର୍‌ବାଦ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଯଦି ଆପଣ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ବଡ଼ ସହରରେ ଘର କିଣିବାର ସ୍ୱପ୍ନ ଦେଖୁଛନ୍ତି, ତେବେ ଏହା ସ୍ୱପ୍ନ ହୋଇ ରହିଯାଇପାରେ। ଏଠାରେ ପ୍ରପର୍ଟି ମୂଲ୍ୟ ଏତେ ମହଙ୍ଗା ଯେ ଏହା ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ବାହାରେ ହୋଇଯାଉଛି। ଏହି ସମୟରେ, ଯଦି ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଋଣ ନେଇ ଘର କିଣିବାକୁ ଚାହାଁନ୍ତି, ତେବେ ସେମାନେ ବର୍ବାଦ୍ ହୋଇଯାଇପାରନ୍ତି। ତଥାପି, ଅନେକ ଲୋକ ଏଭଳି କରି ପୂର୍ବରୁ ନଷ୍ଟ ହଇରାଣଶ ହରକତ୍ ହୋଇଛନ୍ତି। ହେଲେ ବଜାର ବିଶେଷଜ୍ଞମାନେ ଏବେ ଏ ନେଇ ସତର୍କ କରାଇଛନ୍ତି।

ଲଙ୍କଡଇନ୍‌ରେ ଏକ ପୋଷ୍ଟରେ, ବିଶେଷଜ୍ଞ ସୁଜୟ ୟୁ କହିଛନ୍ତି ଯେ ପ୍ରମୁଖ ସହରଗୁଡ଼ିକରେ ଘର କିଣିବା ଆଉ ସମ୍ପତ୍ତି ସୃଷ୍ଟି କରିବା ନୁହେଁ, ବରଂ ଏଭଳି ପଦକ୍ଷେପ ଆପଣଙ୍କୁ ଅସୁବିଧାରେ ପକାଇପାରେ। ସେ ବ୍ୟାଖ୍ୟା କରିଛନ୍ତି ଯେ ଆଜିର ସହରାଞ୍ଚଳ ଭାରତୀୟଙ୍କ ପାଇଁ ଘର କିଣିବା ଅପେକ୍ଷା ଭଡା ନେବା ଅଧିକ ଲାଭଦାୟକ। ତାଙ୍କ ପୋଷ୍ଟରେ, ସୁଜୟ ଏହି ଧାରଣାକୁ ଏଡାଇଯାଇଛନ୍ତି ଯେ ସମ୍ପତ୍ତି କିଣିବା ଅର୍ଥ ଧନୀ ହେବା।

ତାଙ୍କ ମତରେ ଆଜିର ସମୟରେ ମୁମ୍ବଇରେ ଏକ ୨ ବିଏଚ୍‌କେ ଫ୍ଲାଟର ମୂଲ୍ୟ ୨ ରୁ ୨.୨ କୋଟି ଟଙ୍କା। ବେଙ୍ଗାଲୁରୁରେ, ଏହା ୧.୨ ରୁ ୧.୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ, ଏହି ସହରଗୁଡ଼ିକରେ ଗୋଟିଏ ପରିବାରର ହାରାହାରି ବାର୍ଷିକ ଆୟ କେବଳ ୨୦ ରୁ ୩୦ ଲକ୍ଷ। ଏହାର ଅର୍ଥ ହେଉଛି ଘରର ମୂଲ୍ୟ ପରିବାରର ଆୟଠାରୁ ୮ରୁ ୧୨ ଗୁଣ ଅଧିକ, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୩ରୁ ୫ଗୁଣ ରହିବା ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଏ।




ସୁଜୟ ତାଙ୍କ ପୋଷ୍ଟରେ ଗୃହ ଋଣ ଇଏମ୍‌ଆଇ ଉପରେ ମଧ୍ୟ ନିଜର ମତ ପ୍ରକାଶ କରି। ସେ ଏହାକୁ ଏକ ଫାଶ ଭାବରେ ବର୍ଣ୍ଣନା କରିଥିଲେ। ସେ ଲେଖିଛନ୍ତି ଯେ ମୁମ୍ବାଇରେ ୨ କୋଟି ମୂଲ୍ୟର ଏକ ଫ୍ଲାଟ୍ ପାଇଁ, ପ୍ରତି ମାସରେ ୧.୪ ଲକ୍ଷ ଟଙ୍କାରୁ ଅଧିକ ଇଏମ୍‌ଆଇ ଦେବାକୁ ପଡ଼େ। ଏହି ଇଏମ୍‌ଆଇ ପରିବାରର ମୋଟ ଆୟର ୫୦ ରୁ ୭୦% ଆୟ ଖାଇଯାଏ। ସୁଜୟ ଏ ନେଇ ଚେତାଇ ଦେଇଛନ୍ତି। ତାଙ୍କ ଅନୁସାରେ, ବିଶ୍ୱବ୍ୟାପୀ ଆର୍ଥିକ ପରାମର୍ଶଦାତାମାନେ କୁହନ୍ତି ଯେ ଘର ଭଡ଼ା କିମ୍ବା ଇଏମ୍‌ଆଇ ଜଣଙ୍କର ଆୟର ୩୦% ରୁ ଅଧିକ ହେବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ବ୍ୟାଖ୍ୟା କରିଛନ୍ତି ଯେ ସମ୍ପତ୍ତିରୁ ରିଟର୍ଣ୍ଣ ମଧ୍ୟ ବହୁତ କମ୍। ଏକ ପ୍ରମୁଖ ଅଧ୍ୟୟନ ଅନୁଯାୟୀ, ୨୦୧୩ ରୁ ୨୦୨୩ ମଧ୍ୟରେ ମୁମ୍ବାଇରେ ସମ୍ପତ୍ତି ମୂଲ୍ୟ ୧% ହ୍ରାସ ପାଇଛି। ସାରା ଦେଶରେ ୨୦୧୦ ପରଠାରୁ ପ୍ରପର୍ଟି ମୂଲ୍ୟ ବାର୍ଷିକ ମାତ୍ର ୩% ବୃଦ୍ଧି ପାଇଛି। ଏହି ସମୟରେ, ଭଡା ରିଟର୍ଣ୍ଣ ପ୍ରାୟ ୨%, ଯାହା ବିଶ୍ୱରେ ସର୍ବନିମ୍ନ।

ସୁଜୟ କହିଛନ୍ତି, ସମ୍ପତ୍ତିରେ ନିବେଶ ଆପଣଙ୍କୁ ଧନୀ କରି ନ ଥାଏ, ବରଂ ଆପଣଙ୍କର ସ୍ୱାଧୀନତା, ଗତିବିଧିର ସ୍ୱାଧୀନତା ଏବଂ ନିବେଶ କରିବାର କ୍ଷମତା ହ୍ରାସ କରିଥାଏ। ସେ ବେଙ୍ଗାଲୁରୁର ହ୍ୱାଇଟ୍ ଫିଲ୍ଡ ଅଞ୍ଚଳର ଯୁବ ଭଡାଟିଆଙ୍କ ଉଦାହରଣ ଦେଇଥିଲେ। ଏହି ଲୋକମାନେ ସେମାନଙ୍କର ଇଏମ୍‌ଆଇ ସଞ୍ଚୟ କରନ୍ତି ଏବଂ ଏସ୍‌ଆଇପି (ସିଷ୍ଟମେଟିକ୍ ନିବେଶ ଯୋଜନା) ରେ ନିବେଶ କରିନ୍ତି। ଏହା କରି ସେମାନେ ଦୁଇ ଦଶନ୍ଧି ପରେ ଯେଉଁମାନେ ବଡ଼ ଗୃହ ଋଣ ନେଇଛନ୍ତି ସେମାନଙ୍କ ଅପେକ୍ଷା ଅଧିକ ଧନ ଅର୍ଜନ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେଇପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଦୀର୍ଘଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୦-ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ବିଲାତ ଯାତ୍ରା।
- ୧୯୨୦- ଜେନିଭାରେ ଲିଗ୍ ଅଫ୍ ନେସନ୍‌ର ପ୍ରଥମ ବୈଠକ ଆରମ୍ଭ।
- ୧୯୬୧- ମିଳିତ ଜାତିସଂଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇଲା।
- ୧୯୭୧- ଇଣ୍ଟେଲ୍ ବିଶ୍ୱର ପ୍ରଥମ ମାଇକ୍ରୋପ୍ରୋସେସର୍ ଇଣ୍ଟେଲ୍ ୪୦୦୪ ଲଞ୍ଚ୍ କଲା।
- ୨୦୦୦- ଝାଡ଼ଖଣ୍ଡ ଭାରତର ୨୮ତମ ରାଜ୍ୟ ହେଲା।
- ୨୦୦୭- ଚିଲିରେ ୭.୭ ତୀବ୍ରତାର ଭୂମିକମ୍ପ ଆସିଥିଲା।

## ବିରଳ ବେଙ୍ଗ
# ପାଟିରେ ଦେଖେ ଦୁନିଆ




କାନାଡ଼ାର ଓଣ୍ଟାରିଓ ଅନ୍ତର୍ଗତ ବର୍ଲିଂଟନ୍‌ରେ ଏକ ବିରଳ ପ୍ରଜାତିର ବେଙ୍ଗର ସନ୍ଧାନ ମିଳିଛି। ସାଧାରଣ ବେଙ୍ଗର ଆଖି ମୁହଁ ଉପରେ ଥିବାବେଳେ ଏହାର ଆଖି ପାଟି ଭିତରେ ରହିଛି। ବୈଜ୍ଞାନିକମାନେ ଏହାର ନାଁ ଦେଇଛନ୍ତି 'ଇଣ୍ଟ୍ରୋସ୍ପେକ୍ଟିଭ ଫ୍ରଗ୍'। କାରଣ ଏହି ବେଙ୍ଗକୁ ଦୁନିଆ ଦେଖିବାକୁ ତା'ର ପାଟି ଖୋଲିବାକୁ ପଡ଼ିଥାଏ। ପାଟି ଭିତରେ ଆଖି ରହିବା କାରଣ ଜେନେଟିକ୍ ମ୍ୟୁଟେଶନ। ଘଟଣାକ୍ରମେ ଓଣ୍ଟାରିଓର ଜଣେ ହାଇସ୍କୁଲ ଛାତ୍ର ଡିଡ୍ରେ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ସେ ଏକ ବିଚିତ୍ର ବେଙ୍ଗକୁ ଦେଖିଥିଲେ। ତାଙ୍କୁ ଲାଗିଥିଲା ବେଙ୍ଗଟି ଆଖି ବନ୍ଦ କରି ଶୋଇଛି। ହେଲେ ବେଙ୍ଗଟିକୁ ଧରିବାବେଳେ ସେ ପାଟି ଖୋଲିଥିଲା। ବେଙ୍ଗର ଆଖି ତା'ର ପାଟି ଭିତରେ ଥିବା ଦେଖି ଡିଡ୍ରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେଣୁ ସେ ଏହି ବେଙ୍ଗକୁ ନେଇ ଘରେ ରଖିଥିଲେ। ଏହାର ନାଁ ଦେଇଥିଲେ 'ଗୋଲମ'। ଏହା ସହିତ ସେ ସାମ୍ବାଦିକ ସ୍କଟ୍ ଗାର୍ଡନରଙ୍କୁ ଫୋନ୍ କରି ବେଙ୍ଗଟି ବିଷୟରେ କହିଥିଲେ। ସ୍କଟ୍ ବେଙ୍ଗର କଳା ଧଳା ଫଟୋ ଉଠାଇ ଥିଲେ। ଫଟୋରେ ବେଙ୍ଗର ମୁହଁ ଖୋଲାଥିଲା। ଗାର୍ଡନରଙ୍କ କହିବାନୁସାରେ, ଏହି ବେଙ୍ଗଟି ସାମାନ୍ୟ ଦେଖାଯାଉଥିଲେ ହେଁ, ଏହା ଆଖି ଖୋଲିଲେ ଭୟାନକ ଲାଗିଥାଏ। ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହା ମ୍ୟାକ୍ରୋମ୍ୟୁଟେସନ ଅଟେ। ସାଧାରଣତଃ ବେଙ୍ଗ ଭ୍ରୁଣରେ ଆଖି ମୁଣ୍ଡ ଉପରେ ବିକଶିତ ହୁଏ। ଆଖି ଡୋଳା ବାହାରକୁ ଆସିଥାଏ। ହେଲେ ଗୋଲମର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଇ ଥାଇପାରେ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେମ୍ସ ବୋଗର୍ଟ ଏହି ମାମଲାର ଯାଞ୍ଚ କରିଥିଲେ। ତାଙ୍କ କହିବାନୁସାରେ, 'ବେଙ୍ଗ ପାଟି ଭିତରେ ଆଖି ରହିବା ଜିନ୍ ନିୟନ୍ତ୍ରଣରେ ବ୍ୟାହତ କିମ୍ବା ପରିବେଶ ପ୍ରଦୂଷଣର ମଧ୍ୟ କାରଣ ହୋଇପାରେ। ଗୋଲମ୍ କ୍ଷେତ୍ରରେ କିନ୍ତୁ ଏହା ଜନ୍ମଜାତ।'

## ପ୍ରଥମ ଥର ଏକାଠି ଆସିବେ
# ଶ୍ରଦ୍ଧା-ରଣଦୀପ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ବହୁତ ଦେଖିଚାହିଁ ଫିଲ୍ମ ସାଇନ୍ କରନ୍ତି। 'ସ୍ତ୍ରୀ ୨'ର ଜବରଦସ୍ତ ସଫଳତା ପରେ ଏବେ ସେ 'ଇଥା' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ। 'ଛାବା' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଶ୍ରଦ୍ଧା କପୁରଙ୍କ ବିପକ୍ଷରେ ରଣଦୀପ ହୁଡା ଦେଖାଯିବେ। ପ୍ରଥମ ଥର ପାଇଁ ରଣଦୀପ ଓ ଶ୍ରଦ୍ଧା ଏକାଠି ବଡ଼ ପରଦାରେ ନଜର ଆସିବେ। ଏଇ ମାସ ଶେଷ ଆଡ଼କୁ ଏହାର ସୁଟିଂ ମୁମ୍ବାଇରୁ ଆରମ୍ଭ ହେବ। 'ଇଥା' ପ୍ରସିଦ୍ଧ ଲାବଣୀ ତଥା ତମାଶା କଳାକାର ବିଠାବାଇ ନାରାୟଣ ଗାଓଁଙ୍କର ବାୟୋପିକ୍ ହେବ। ଏଥିପାଇଁ ଶ୍ରଦ୍ଧା ଏବେ ଲାବଣୀ ନୃତ୍ୟ ଶିଖୁଛନ୍ତି। ଏଯାବତ୍ ଏହି ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ।

## ଆଜି ଆସିଥିଲେ
# ବିପ୍ଳବୀ ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଇତିହାସରେ ବିଖ୍ୟାତ। ୧୮୭୫ ମସିହା ଆଜିର ଦିନରେ ସେ ଅଧୁନା ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲା ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା। ଚାଇଁବସା ମିଶନ୍ ସ୍କୁଲରେ ପଢୁଥିଲାବେଳେ ଗୋରା ପ୍ରଧାନଶିକ୍ଷକ ଆକ୍ରୋଶମୂଳକ ଭାବେ ବିର୍ସାଙ୍କୁ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ। ସେବେଠାରୁ ପାଠପଢ଼ା ଛାଡ଼ି ବ୍ରିଟିଶ୍ ଶାସନରୁ ଓଡ଼ିଶାକୁ ମୁକ୍ତ କରିବାକୁ ସେ ଲାଗିପଡ଼ିଥିଲେ। ଏଥିପାଇଁ ସ୍ଥାନୀୟ ଆଦିବାସୀଙ୍କୁ ସେ ଏକାଠି କରିଥିଲେ। ସେବକପଟ୍ଟା ନ ଲେଖିବା, ଖଜଣା ନ ଦେବା ଏବଂ ବନ୍ଧୁକ ମୁନକୁ ଡରି ଧର୍ମ ପରିବର୍ତ୍ତନ ନ କରିବାକୁ ସେ ଆଦିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିଲେ। ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବା ପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ। ୧୮୯୫ ମସିହା ଅଗଷ୍ଟ ୧୬ ଦିନ ଇଂରେଜ ସିପାହୀ ବିର୍ସା ମୁଣ୍ଡାଙ୍କ ସମେତ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ। ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା। ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା। ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା। ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ। ତାଙ୍କ ଆହ୍ୱାନରେ ଶହ ଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ। ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ। ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ। ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ। ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଦ୍ଧୁରାମ ଓ ଜୟରାମଙ୍କୁ ଇଟିକା ଗ୍ରାମକୁ ପଠାଗଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଦୁଇଜଣ କନେଷ୍ଟବଳଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁବରଣ କରିଥିଲେ। ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାରେ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ। ଏହାର ଜବାବରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ। ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ। ଏହାର ଜବାବରେ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ। ବିର୍ସା ଅଳ୍ପକେ ବର୍ତ୍ତିଯାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ। କେତେଜଣ ବିଶ୍ୱାସଘାତକଙ୍କ ପାଇଁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜ ସରକାର ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ପଠାଇ ଦେଲେ। ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିଲା। ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗକଲେ। ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା।

## ପ୍ରହେଳିକା



- ସାଗର ଦୁଲଣୀ ନାମେ ବିଖ୍ୟାତ
ତାଙ୍କ ଯୋଗୁଁ ମିଳେ ଧନ ସମ୍ପଦ
କଳା ସାଆନ୍ତଙ୍କ ସେ ପାଟରାଣୀ
ଦୀନ ଦରିଦ୍ରକୁ କରନ୍ତି ଧନୀ
ସ୍ୱଚ୍ଛତା ପରଖି ସିଏ
ମାଣବସା ଦିନ ଗୃହେ ବିରାଜନ୍ତି
କୁହ ତାଙ୍କ ନାମ କିଏ।

ଉତ୍ତର-ଲକ୍ଷ୍ମୀ ମାତା

- ମଗୁଶୁର ମାସ ଗୁରୁବାରରେ
ସଭିଏଁ ପାଳନ୍ତି ସେ ପର୍ବ ଘରେ
ଘରଦ୍ୱାର ଖଳା ଝୋଟିରେ ହସେ
ଧୂପ ନୈବେଦ୍ୟର ମହକ ଆସେ
ଖଟୁଲିରେ ଶୋହେ ଧାନର ବେଣି
ପୂଜନ୍ତି ଭକ୍ତିରେ ସର୍ବ ଗୃହିଣୀ
ପର୍ବ ମଧ୍ୟେ ସିଏ ସାର
ଶଙ୍ଖ ହୁଳହୁଳି ଉଛୁଳି ପଡ଼ଇ
କୁହ ଦେଖି ନାମ ତା'ର।

ଉତ୍ତର-ମାଣବସା ପର୍ବ

- ମାଣବସା ପର୍ବ ଯେବେ ଆସଇ
ଏ ପିଠା ମାତାଙ୍କୁ ଭୋଗ ଲାଗଇ
ଚାଉଳ ଚୂନାରେ ହୁଏ ତିଆରି
ଛେନା ନଡ଼ିଆର ପୁରରେ ଭରି
ହାତକୁ ଲାଗଇ ଭାରି କୋମଳ
ଖାଇବାକୁ ହୁଏ ମନ ବ୍ୟାକୁଳ
ଅଥାରରେ ସିଝା ହୁଏ
ଦେଖିବାକୁ ସିଏ ଧଳା ଫର ଫର
କୁହ ତା'ର ନାମ କିଏ।

ଉତ୍ତର-ମଣ୍ଡାପିଠା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଆସିଛି ଶୀତ ଶୁଭୁଚି ଗୀତ



ପ୍ରଶାନ୍ତ କୁମାର ଦାଶ

ଆସିଛି ଶୀତ ଶୁଭୁଚି ଗୀତ
ରାତିଟା ଗଲେ ପାହି
ସକାଳ ହେଲେ ଖରା ପଡ଼ିଲେ
ଝଲସେ ଗାଆଁ ସାହି ॥
ସବୁରି ଓଠେ ଭରିବ ହସ
ପଳାଇ ଯିବ ଦୁଃଖ
ଶୀତଟି ସିନା ଥରାଏ ଦେହ
ବାଣ୍ଟୁଥାଏ ସେ ସୁଖ ॥
ଦିନ ଛୁଟିବ ଘୋଡ଼ାଟି ପରି
ରାତି ହୋଇବ ବଡ଼
ନ ଡରି ଶୀତ ଶିଶିର ଦାଉ
ଫୁଟିବ ଗଛେ କଢ଼ ॥
ଚାଷୀ ଦେଖିବ ସୁନା ସପନ
ନରମ ଶେଯେ ଶୋଇ
ସକାଳୁ ସଞ୍ଜ କ୍ଷେତରେ ଚାରା
କେତେ ସେ ଦେବ ରୋଇ ॥
ଶୀତ ଋତୁ ତ ଅମଳ ଋତୁ
ନାନା ଫସଲ ମିଳେ
ରହିବ ନାହିଁ ଦୁଃଖ ଅଭାବ
ଚାଷୀ ଭାଇର ଦିଳେ ॥
ଓଷା ପରବ ଗେଲ ଗରବ
ଶୀତ ସଭିଙ୍କୁ ଦେବ
ସୁନ୍ଦର କରି ସରସ ଧରା
ଶେଷେ ମେଲାଣି ନେବ ॥

କୁଞ୍ଜର –ସଙ୍ଗଳାଇ, ପୁରୀ
ମୋ-୯୬୭୮୮୨୨୧୯୦

# ଶୀତ ଗୀତଗାଏ



ରମାକାନ୍ତ ଦାସ

ଶୀତ ଗୀତଗାଏ
କୁହୁଡ଼ି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ ॥
ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ ॥
ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତ୍ରରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ ॥
ଶୀତ ଗୀତଗାଏ
ବାଡ଼ି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି ॥
ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତଗାଏ
ଗାଆଁ ଗଛମାଳେ
ସୁରୁଜ ଆଲୋକ ବୁଣେ ॥

ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୭୮୮୧୫୩୭୯

## ସୁମନ

# ଶତ୍ରୁତା ହାର ମାନିଲା



ସୁବ୍ରତ ଦାସ



ଜଙ୍ଗଲରେ ହାତୀ ରଜା ହେବା ପରେ ସିଂହର କ୍ରୋଧ ବଢ଼ି ଯାଇଥିଲା। ଯେଉଁମାନେ ହାତୀ ସପକ୍ଷରେ ମତ ଦେଇଥିଲେ, ସିଂହ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସ୍ଥିର କରିଥିଲା। ସେଥିପାଇଁ ସିଂହ ତା'ର ସମର୍ଥକମାନଙ୍କୁ ଡାକି ହାତୀର ଆଦେଶ ନ ମାନିବାକୁ ପରାମର୍ଶ ଦେଇଥିଲା। ଯେପରି ପୂର୍ବରୁ ଜଙ୍ଗଲରେ ନିଜ ଇଚ୍ଛାରେ ଶିକାର କରୁଥିଲା, ସେପରି କରିବା ପାଇଁ ମତାଉଥିଲା। ଯିଏ ପ୍ରତିବାଦ କରିବ, ତାକୁ ଦଳବଦ୍ଧ ଭାବେ ମିଶି ଆକ୍ରମଣ କରିବେ ବୋଲି ସିଂହ ଚେତାବନୀ ଦେଇଥିଲା। ସିଂହର ସମର୍ଥକମାନେ ତାକୁ ବିଶ୍ୱାସ କରି ହଁ ମାରିଥିଲେ। ଏମିତି କିଛିଦିନ ବିତିଗଲା। ଅନେକ ସମୟରେ ସିଂହ ନିରୀହ ପଶୁପକ୍ଷୀମାନଙ୍କୁ ଶିକାର କରିବା ପାଇଁ ଧମକ ଦେଲା, ଭୟ ଦେଖାଇଲା। ନିରୀହ ଜୀବଜନ୍ତୁମାନେ ଡରି ହାତୀ ପାଖରେ ପହଞ୍ଚି ଅଭିଯୋଗ କଲେ। ହାତୀ ସମସ୍ତଙ୍କ କଥା ଶୁଣିଲା। ଧୀର ଭାବରେ ହାତୀ ବୁଝାଇଲା; ଧୈର୍ଯ୍ୟ ଧର, ସମୟ ଆସିବ ; ସିଂହର କ୍ରୋଧ ଶାନ୍ତ ହୋଇଯିବ। ସମସ୍ତେ ହାତୀ ଉପରେ ବିଶ୍ୱାସ ରଖି ଜଙ୍ଗଲ ଭିତରକୁ ଚାଲିଗଲେ। ହାତୀ ଖୁବ୍ ଧୈର୍ଯ୍ୟବାନ ଥିଲା। ସମସ୍ତଙ୍କର ଭଲ, ମନ୍ଦ, ଅସୁବିଧା ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ କରେ ବୋଲି ଜଙ୍ଗଲର ସବୁ ପଶୁପକ୍ଷୀମାନେ ତାକୁ ଖୁବ୍ ଆଦର କରନ୍ତି। ସେଥିପାଇଁ ତାଙ୍କୁ ଜଙ୍ଗଲର ରଜା ମଧ୍ୟ କରିଛନ୍ତି। ଦିନେ କ୍ରୋଧୀ ସିଂହଟି ତା'ର ଶାବକକୁ ନେଇ ଜଙ୍ଗଲର ଶେଷ ଭାଗ ଆଡ଼କୁ ଶିକାର କରିବା ପାଇଁ ଯାଇଥାଏ। ସିଂହ ସାଙ୍ଗରେ ତା'ର କିଛି ଅନୁଚର ଗଧିଆ, ବିଲୁଆ, କୋକିଶିଆଳ ଥାଆନ୍ତି। ଜଙ୍ଗଲର ଶେଷ ଭାଗରେ ଗୋଟିଏ ଭଙ୍ଗା କୂଅ ଥିଲା। କୂଅଟି ମଧ୍ୟ ଗଭୀରିଆ ହୋଇଥାଏ। ବହୁ ଜୀବ ଜନ୍ତୁ ଅସାବଧାନ ବଶତଃ ସେହି କୂଅରେ ପଡ଼ି ଆଗରୁ ପ୍ରାଣ ହରାଇଛନ୍ତି। ଥରେ ହାତୀ ଜଙ୍ଗଲରେ ସଭା କରି କହିଲା, ଜଙ୍ଗଲ ଶେଷ ଭାଗରେ ଗୋଟିଏ କୂଅ ଅଛି। କୌଣସି ଜୀବ ଜନ୍ତୁ ସେଠାକୁ ଯିବ ନାହିଁ। ସେହି ସ୍ଥାନଟିକୁ ଜାଣିବା ପାଇଁ ଆମ୍ବଗଛଗୁଡ଼ିକୁ ଗୋଲାକାର ଭାବେ କୂଅ ଚାରିପଟେ ଲଗାଯାଇଥିଲା। ସମସ୍ତଙ୍କୁ ବାରଣ କରାଯାଇଥିଲା, ଆମ୍ବ ଗଛଗୁଡ଼ିକୁ ଚିହ୍ନି ସେ ସ୍ଥାନକୁ କୌଣସି ଜୀବଜନ୍ତୁ ନ ଯିବା ପାଇଁ। ମାତ୍ର ସିଂହ ହାତୀର କଥା ନ ମାନି ତା ଦଳ ବଳ ଧରି ଶିକାର କରିବାକୁ ସେଠାକୁ ଯାଇଥିଲା। ସେଠାରେ ସିଂହ ଶାବକଟି ଡିଆଁ ମାରି ଖେଳୁ ଖେଳୁ ହଠାତ୍ ଭଙ୍ଗା କୂଅରେ ପଡ଼ି ଯାଇଥିଲା। ଗଧିଆ ପଡ଼ିଯିବା ଶବ୍ଦ ଶୁଣି ପଡ଼ିଗଲା.. ପଡ଼ିଗଲା ଚିତ୍କାର କରି ସିଂହକୁ କହିଲା। ସମସ୍ତେ ବ୍ୟସ୍ତ ହୋଇ ଦେଖିଲାବେଳକୁ ସିଂହ ଶାବକଟି ସତରେ କୂଅ ଭିତରେ ପଡି ଯାଇଛି। ସିଂହ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲା। ଶାବକଟିକୁ କିପରି କୂଅରୁ ଉଦ୍ଧାର କରାଯିବ, ସବୁ ବୁଦ୍ଧି ବାହାର କଲେ ହେଲେ କିଛି କାମ ଦେଲାନି। ଏହି ସମୟରେ ବିଲୁଆ କ୍ଷିପ୍ର ଗତିରେ ଆସି ହାତୀ ପାଖରେ ପହଞ୍ଚିଲା। ସେତେବେଳେ ହାତୀ ବରଗଛ ମୂଳେ ଶୋଇଥାଏ। ବିଲୁଆର କଥା ଶୁଣି ହାତୀ ଧଡ଼ପଡ ହୋଇ ଉଠି ପଡ଼ିଲା ଓ ଜଙ୍ଗଲ ଭିତରକୁ ଦୌଡ଼ିଲା। ସିଂହ ଏଣେ ବ୍ୟସ୍ତ ହୋଇ ଗର୍ଜନ କରୁଥାଏ। ସିଂହର ଗର୍ଜନ ଶୁଣି ଅଳ୍ପ ସମୟ ଭିତରେ ସବୁ ପଶୁପକ୍ଷୀମାନେ ରୁଣ୍ଡ ହୋଇଗଲେ। ହେଲେ କେହି କିଛି କରି ପାରୁ ନଥିଲେ। ହାତୀ ପହଞ୍ଚି ଦେଖିଲା, କୂଅ ଭିତରେ ସିଂହ ଶାବକଟି ଉବୁଟୁବୁ ହେଉଛି। ସେ ତାର ଶୁଣ୍ଢକୁ କୂଅ ଭିତରକୁ ବଢ଼ାଇଲା। ଶୁଣ୍ଢ ପାଉ ନ ଥାଏ। ଆଉ ସମୟ ବିଳମ୍ବ ନ କରି ହାତୀ ତା ଶୁଣ୍ଢରେ ଗୋଟିଏ ସରୁ ଆମ୍ବ ଗଛ ଉପାଡ଼ି ଦେଲା ଏବଂ ମୂଳ ସହ ଗଛଟିକୁ କୂଅ ଭିତରକୁ ପକାଇଲା। ଗଛର ମୂଳ ସିଂହ ଶାବକ ପାଖକୁ ଲାଗିଗଲା। ସଙ୍ଗେ ସଙ୍ଗେ ସିଂହ ଶାବକଟି ଗଛ ଉପରେ ଚଢ଼ି ଅଗ୍ରଭାଗକୁ ଉଠି ଆସିଲା। ହାତୀ ତା ଶୁଣ୍ଢ ବଢାଇ ଶାବକକୁ ଉପରକୁ ନେଇ ଆସିଲା। ଶାବକଟି ଖୁବ୍ ଖୁସି ହୋଇ ସିଂହ ପାଖକୁ ଦୌଡ଼ିଗଲା। ସିଂହ ତାକୁ ଗେହ୍ଲା କରି ତା ଜିଭରେ ଚାଟି ପକାଇଲା। ସବୁ ପଶୁପକ୍ଷୀମାନେ ଏ ଦୃଶ୍ୟ ଦେଖି ଖୁବ୍ ଖୁସି ହୋଇଗଲେ। ସିଂହର କ୍ରୋଧ ପାଣି ଭଳି ମିଳାଇଗଲା। ତା'ର ଶତ୍ରୁତା ହାର ମାନିଲା। ନିଜର ଭୁଲ ବୁଝିପାରିଲା ଏବଂ ଅପମାନିତ ମନେକରି ହାତୀ ଆଗରେ ଗୋଡ଼ ଯାକି ବସି ପଡ଼ିଲା। ହାତୀ ତା' ଶୁଣ୍ଢ ରେ ସିଂହକୁ ଆଉଁସି ଦେଲା। ସବୁ ପଶୁପକ୍ଷୀ ହାତୀକୁ ପ୍ରଶଂସା କଲେ। ସିଂହ ନିଜର ଭୁଲ ବୁଝି ପାରିଲା ଏବଂ ସମସ୍ତଙ୍କୁ କହିଲା, ବିପଦ ସମୟରେ ସାହାଯ୍ୟ କରିବା ହିଁ ପ୍ରକୃତ ବନ୍ଧୁ। ସେହିଦିନଠାରୁ ସିଂହ ହାତୀର ଉପଦେଶ ମାନିଲା।

ରାଜେନ୍ଦ୍ରପୁର, ବାରିକପୁରବଜାର, ଭଦ୍ରକ
ମୋ- ୯୪୩୭୭୩୧୯୦୩

## ଚିତ୍ର ପ୍ରତିଭା






ଅନ୍ୱେଶା ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୁରୀ






ସାନ୍ଭି ସାମଲ
ଦ୍ୱିତୀୟ ଶ୍ରେଣୀ
କଳିଙ୍ଗ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା





ସ୍ୱର୍ଣିକା ପ୍ରଧାନ
ଷଷ୍ଠ ଶ୍ରେଣୀ
ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ
ସୋନପୁର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





# ସୂର୍ଯ୍ୟକାନ୍ତଙ୍କ ସନ୍ନ୍ୟାସ ଘୋଷଣା

**କଟକ,୧୪।୧୧(ସମିସ):** ଗତ ସିଜନ ଠାରୁ ରାଜ୍ୟ ବରିଷ୍ଠ ଦଳରୁ ଦୂରେଇ ରଖାଯିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିରୋଧରେ ଅସନ୍ତୋଷ ବ୍ୟକ୍ତ କରୁଥିବା ସୂର୍ଯ୍ୟକାନ୍ତ ପ୍ରଧାନ ସମସ୍ତ ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ରାଜ୍ୟ ଦଳ ଚୟନରେ ପାତରଅନ୍ତର ଅଭିଯୋଗ ଉଠାଇ ସୂର୍ଯ୍ୟକାନ୍ତ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ବିଶେଷକରି ମୁଖ୍ୟକୋଚ୍ ସୁରେନ୍ଦ୍ର ଭାବେ ଏବଂ ଚୟନକର୍ତ୍ତା ସୌରଜିତ ମହାପାତ୍ରଙ୍କୁ ଦାୟୀ କରିଛନ୍ତି ଏହି ୩୨ବର୍ଷୀୟ ଅଲରାଉଣ୍ଡର। ତାଙ୍କୁ ଦଳରୁ ଦୂରେଇ ରଖିବା ପଛରେ ସୁରେନ୍ଦ୍ର ଏବଂ ସୌରଜିତଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସେ କହିଛନ୍ତି।



## ସୁରେନ୍ଦ୍ର ଓ ସୌରଜିତଙ୍କୁ ଦାୟୀ କଲେ

ଚଳିତ ରଣଜୀ ସିଜନରେ ଦଳରେ ବାରମ୍ବାର ପରିବର୍ତ୍ତନ କରାଯିବା ସତ୍ତ୍ୱେ ସୂର୍ଯ୍ୟକାନ୍ତଙ୍କୁ ସାମିଲ କରାଯାଇନଥିଲା। ଓଡ଼ିଶାର ପ୍ରଦର୍ଶନ ନିକୃଷ୍ଟ ରହୁଥିଲେ ସୁଦ୍ଧା ତାଙ୍କୁ ଡକରା ମିଳିନଥିଲା। ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳ ପରିବର୍ତ୍ତନ ନିମନ୍ତେ ଦୁଇ ଦିନ ପୂର୍ବେ ଓସିଏ କାର୍ଯ୍ୟାଳୟରେ ବୈଠକ ବସିଥିଲା। ତେବେ ନାଗାଲାଣ୍ଡ ବିପକ୍ଷ ନୁହେଁ, ପରବର୍ତ୍ତୀ କୌଣସି ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ବୈଠକ ସ୍ଥଳରୁ ଓସିଏର ଜଣେ ବରିଷ୍ଠ ପଦାଧିକାରୀ ସୂର୍ଯ୍ୟକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ୬୨ଟି ରଣଜୀ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟକାନ୍ତ ଫୋନ୍‌କଲ୍‌ରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ରିକେଟ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଖେଳାଳିଙ୍କ ପ୍ରତିଭା କିମ୍ବା ସେମାନଙ୍କ ପ୍ରଦର୍ଶନକୁ ମାପଦଣ୍ଡ ଭାବେ ବିଚାର କରାଯାଉନାହିଁ। ଚିହ୍ନାଜଣାରେ ରାଜ୍ୟ ଦଳ ଗଠନ ହେଉଛି। ବିଶେଷକରି ଚୟନ କମିଟିର କର୍ମକର୍ତ୍ତା ନିଜ ପରିଚିତ କିମ୍ବା ସେମାନଙ୍କ ଅଧିନ କ୍ଲବର ଖେଳାଳିଙ୍କୁ ରାଜ୍ୟ ଦଳରେ ସୁଯୋଗ ଦେଉଛନ୍ତି ବୋଲି ସୂର୍ଯ୍ୟକାନ୍ତ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ସୂର୍ଯ୍ୟକାନ୍ତ ୬୨ଟି ରଣଜୀ ମ୍ୟାଚରୁ ୧୯୭ ୱିକେଟ ଦଖଲ କରିବା ସହ ୧୨୮୦ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟରେ ୩୫ଟି ମ୍ୟାଚ୍‌ରୁ ୪୬ଟି ୱିକେଟ, ଟି-୨୦ ଫର୍ମାଟରେ ୫୨ଟି ମ୍ୟାଚ୍‌ରୁ ସେ ୪୭ଟି ୱିକେଟ ଅକ୍ତିଆର କରିଛନ୍ତି।

## ଏସୀୟ ତୀରନ୍ଦାଜୀ: ୧୮ ବର୍ଷ ପରେ ଭାରତୀୟ ରିକର୍ଭ ଦଳକୁ ସ୍ୱର୍ଣ୍ଣ

**ଢାକା, ୧୪ ।୧୧ (ଏଜେନ୍ସି):** ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଯଶଦୀପ୍ ଭୋଗେ, ଅତନୁ ଦାସ ଓ ରାହୁଲଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ସୁଟ୍ ଅଫ୍‌ରେ ୫-୪ରେ ଶକ୍ତିଶାଳୀ କୋରିଆକୁ ହରାଇ ଚାମ୍ପିଅନ ହୋଇଛି। ଏଥିସହ ଭାରତ ଦୀର୍ଘ ୧୮ ବର୍ଷ ପରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ପୁରୁଷ ଓ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ବି. ଧୀରଜ ଓ ଅଙ୍କିତା ଭକତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

## ସାଉଦୀ କେକେଆର୍‌ର ବୋଲିଂ କୋଚ୍

**କୋଲକାତା, ୧୪ ।୧୧ (ଏଜେନ୍ସି):** ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ନ୍ୟୁଜିଲାଣ୍ଡର ଟିମ୍ ସାଉଦୀଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ୩୬ ବର୍ଷୀୟ କିୱି ଦ୍ରୁତ ବୋଲର ଚଳିତ ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଗତକାଲି କେକେଆର୍ ଫ୍ରାଞ୍ଚାଇଜ ପୂର୍ବତନ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଶେନ୍ ୱାଟସନଙ୍କୁ ସହାୟକ କୋଚ୍ ଭାବେ ନିଯୁକ୍ତ କରିଥିଲା।

### ବୁମ୍ରାଙ୍କ ଘାତକ ବୋଲିଂ; ପ୍ରଥମ ଦିନରେ ୧୧ ୱିକେଟର ପତନ

# ୧୫୯ ରେ ଅଟକିଲା ଦକ୍ଷିଣ ଆଫ୍ରିକା

**କୋଲକାତା,୧୪।୧୧(ଏଜେନ୍ସି):** ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୫୯ ରନ୍‌ରେ ସୀମିତ ରହିଛି। ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ବଡ଼ ସ୍କୋର କରିପାରି ନ ଥିଲାବେଳେ ଭାରତ ପକ୍ଷରୁ ବୁମ୍ରା ୫ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି। ଇଡେନ୍‌ପିଚ୍ ଉଭୟ ପେସ ଓ ସ୍ପିନ୍‌କୁ ସୁହାଉଥିଲାବେଳେ ଅନଇଭିନ୍ ବାଉନ୍ସ ବ୍ୟାଟରଙ୍କ ଲାଗି ସମସ୍ୟା ସୃଷ୍ଟି କରିଥିଲା। ମହମ୍ମଦ୍ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏଁ, ଅକ୍ଷର ପଟେଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ (୨୭ ବଲ୍‌ରେ ୧୨ରନ୍)ଙ୍କ ୱିକେଟ ହରାଇ ୨୦ ଓଭର ଖେଳି ୧ ୱିକେଟ ବିନିମୟରେ ୩୭ ରନ୍ ସଂଗ୍ରହ କରିନେଇଛି। ପ୍ରଥମ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍‌ରେ ବ୍ୟାଟିଂ କରୁଥିଲେ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ଟସ୍ ଜିତିବା ପରେ ନିର୍ଦ୍ୱନ୍ଦ୍ୱରେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ଦୁଇ ଓପନର ମଧ୍ୟ ଭଲ ଆରମ୍ଭ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ୧୧ତମ ଓଭରରେ ଦଳୀୟ ସ୍କୋର ୫୭ ରନ୍ ହୋଇଥିଲାବେଳେ ର୍ୟାନ୍ ରିକେଲଟନ୍‌ଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍ରା ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ଭ୍ରମଣକାରୀ ଦଳ ଘରୋଇ ଦଳର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୫୫ ଓଭରରେ ମାତ୍ର ୧୫୯ ରନ୍ କରି ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୬ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ୨୩ତମ ବଲ୍‌ରେ ଖାତା ଖୋଲିଥିବା ଆଇଡେନ୍ ମାରକ୍ରମ ସର୍ବାଧିକ ୩୧ ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୭୪ ବଲ୍ ଖେଳି ୧୫ ରନ୍‌ରେ ଅପରାଜିତ ରହିଥିଲେ। ଅଧିନାୟକ ଟେମ୍ବା ବଭୂମାଙ୍କ ବ୍ୟାଟରୁ ମାତ୍ର ୩ ରନ୍ ମିଳିଥିଲା। ଭାରତ ପକ୍ଷରୁ ଅନ୍‌ଇଭିନ୍ ପିଚ୍‌ରୁ ଫାଇଦା ଉଠାଇ ବୁମ୍ରା ସର୍ବାଧିକ ୫ଟି ଓ ସିରାଜ ୨ଟି ୱିକେଟ ପାଇଥିଲେ। ପେସ୍ ବୋଲରଙ୍କୁ ୭ଟି ୱିକେଟ ମିଳିଥିଲାବେଳେ ଭାରତର ୪ ଜଣିଆ ସ୍ପିନ୍ ବାହିନୀ ଆଉ ୩ଟି ୱିକେଟ ପାଇଥିଲେ। ୨ଟି ୱିକେଟ ନେଇଥିବା ବାମହାତୀ କୁଲଦୀପ ଯାଦବ କିଛିଟା ଯାଦୁକରୀ ସ୍ପିନ୍ ବୋଲିଂ କରି ୨ଜଣ ଖେଳାଳିଙ୍କୁ ପାଭିଲିୟନ ଫେରାଇଦେଇଥିଲେ।



### କୋଲକାତା ଟେଷ୍ଟ ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦,** ୫୫ ଓଭର (ମାରକ୍ରମ-କ୍ୟା.ପନ୍ତ ବୋ.ବୁମ୍ରା-୩୧, ରିକେଟଲଟନ - ବୋ. ବୁମ୍ରା - ୨୩, ମୁଲ୍ଡର-ଏଲ୍‌ବିଡବ୍ଲ୍ୟୁ ବୋ.କୁଲଦୀପ-୨୪, ବଭୁମା-କ୍ୟା. ଜୁରେଲ ବୋ.କୁଲଦୀପ-୩, ଡି ଜୋର୍ଜି-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍ରା-୨୪, ଷ୍ଟବ୍ସ-ନଟ୍‌ଆଉଟ-୧୫, ଭେରିନ୍-ଏଲ୍‌ବିଡବ୍ଲ୍ୟୁ ବୋ.ସିରାଜ-୧୬, ୟାନ୍‌ସେନ୍-ବୋ. ସିରାଜ-୦, ବୋଶ୍-ଏଲ୍‌ବିଡବ୍ଲ୍ୟୁ ବୋ.ଅକ୍ଷର-୩, ହାର୍ମର-ବୋ.ବୁମ୍ରା-୫, ମହାରାଜ-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍ରା-୦, ଅତିରିକ୍ତ-୧୫।

**ୱିକେଟ ପତନ:** ୧/୫୭, ୨/୬୨, ୩/୭୧, ୪/୧୧୪, ୫/୧୨୦, ୬/୧୪୬, ୭/୧୪୭, ୮/୧୫୪, ୯/୧୫୯, ୧୦/୧୫୯।

**ବୋଲିଂ ବିଶ୍ଳେଷଣ (ଭାରତ)-** ବୁମ୍ରା: ୧୪-୫-୨୭-୫, ସିରାଜ: ୧୨-୦-୪୭-୨, ଅକ୍ଷର: ୬-୨-୨୧-୧, କୁଲଦୀପ: ୧୪-୧-୩୬-୨, ଜାଡେଜା: ୮-୨-୧୩-୦, ସୁନ୍ଦର: ୧-୦-୩-୦।

**ଭାରତ ପ୍ରଥମ ଇନିଂସ: ୩୭/୧,** ୨୦ ଓଭର (ଜୟସ୍ୱାଲ-ବୋ.ୟାନ୍‌ସେନ୍-୧୨, ରାହୁଲ-ବ୍ୟାଟିଂ-୧୩, ସୁନ୍ଦର-ବ୍ୟାଟିଂ-୬, ଅତିରିକ୍ତ-୬।

**ୱିକେଟ ପତନ:** ୧/୧୮।

**ବୋଲିଂ ବିଶ୍ଳେଷଣ (ଦ.ଆଫ୍ରିକା)-** ୟାନ୍‌ସେନ୍: ୬-୨-୧୧-୧, ମୁଲ୍ଡର: ୫-୧-୧୫-୦, ମହାରାଜ: ୫-୧-୮-୦, ବୋଶ୍: ୩-୨-୧-୦, ହାର୍ମର: ୧-୧-୦-୦।

## ରାଇଜିଂ ଷ୍ଟାର୍ ଏସିଆ କପ୍ | ୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

**ଢାକା, ୧୪।୧୧ (ଏଜେନ୍ସି):** ବାଂଲାଦେଶରେ ଚାଲିଥିବା ରାଇଜିଂ ଷ୍ଟାର୍ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଭାରତର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଏକ ବିଧ୍ୱଂସୀ ଇନିଂସ ଖେଳିଛନ୍ତି। ଶୁକ୍ରବାରୟୁଏଇଓଭାରତ-ଏମଧରେଖେଳାଯାଇଥିବା ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମାତ୍ର ୩୨ଟି ବଲ୍‌ରେ ଶତକ ପୂରଣ କରିଛନ୍ତି। ଏହି ଇନିଂସରେ ସେ ୩୪୨.୮୬ ଷ୍ଟ୍ରାଇକରେଟ୍‌ରେ ୪୨ ବଲରୁ ୧୪୪ ରନ କରି ଆଉଟ୍ ହୋଇଥିଲେ। ଯେଉଁଥିରେ ୧୧ ଚୌକା ଓ ୧୫ଟି ଛକା ସାମିଲ ରହିଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୨୦ ଓଭରରେ ୪ୱିକେଟ୍ ହରାଇ ୨୯୭ ରନର ବିଶାଳ ସ୍କୋର କରିଥିଲା। ଜବାବରେ ୟୁଏଇ ୭ ୱିକେଟ୍‌ରେ ୧୪୯ ରନ୍ କରିବା ସହ ୧୪୮ ରନରେ ପରାସ୍ତ ହୋଇଥିଲା। ଟି-୨୦ ଫର୍ମାଟ୍‌ରେ ଭାରତୀୟ ଭାବେ ଦ୍ରୁତତମ ଶତକ ହାସଲ କରିବାରେ ଋଷଭ ପନ୍ତଙ୍କ ସହ ମିଶି



ସୂର୍ଯ୍ୟବଂଶୀ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୮ ସୟଦ ମୁସ୍ତାକ ଅଲି ଟ୍ରଫିରେ ଦିଲ୍ଲୀ ପକ୍ଷରୁ ଖେଳି ପନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ୩୨ ବଲରେ ଶତକ ମାରିଥିଲେ। ତେବେ ଗୁଜରାଟର ଉର୍ଭିଲ ପଟେଲ ମାତ୍ର ୨୮ ବଲରେ ଶତକ ପୂରଣ କରି ଟି-୨୦ରେ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ଉର୍ଭିଲ ୨୦୨୪ରେ ତ୍ରିପୁରା ବିପକ୍ଷରେ ଏହି ବିଧ୍ୱଂସୀ ଇନିଂସ ଖେଳିଥିଲେ।

## ୨୧ରୁ ରାଜ୍ୟ ଟିଟି ଚାମ୍ପିଅନସିପ୍

**କଟକ,୧୪।୧୧(ସମିସ):** ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଆସନ୍ତା ୨୧ରୁ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ମୋଟ୍ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଏବଂ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ। ଅନ୍ୟ ସମସ୍ତ ବର୍ଗରେ ଏକକ ପ୍ରତିଯୋଗିତା ହେବ। ଖେଳାଳି ନାମ ପଞ୍ଜୀକରଣ ନିମନ୍ତେ ଆସନ୍ତା ୧୭ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଛି। ଓଡ଼ିଶାର ଯେ କୌଣସି ଜିଲ୍ଲା କିମ୍ବା ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇ ପାରିବେ। ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ଚାମ୍ପିଅନସିପ ନିମନ୍ତେ ଖେଳାଳି ବଛାଯିବେ ବୋଲି ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡା ପ୍ରେସବିବୃତ୍ତିରେ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଶବର କପ ଫୁଟ୍‌ବଲ

## ଫାଇନାଲରେ ଢେଙ୍କାନାଳର ପପୁଲାର

**ଯାଁଳା,୧୪ ।୧୧(ସମିସ):** ଢେଙ୍କାନାଳର ପପୁଲାର କ୍ଲବ୍ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ରାଧାଚରଣପୁର ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ପପୁଲାର କ୍ଲବ୍ ୧-୦ ଗୋଲରେ ବୌଦ୍ଧର ଗେହ୍ଲା କ୍ଲବ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଶବର ସ୍ପୋର୍ଟିଂକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ ଟିକଟ ହାସଲ କରିଥିଲା। ଶୁକ୍ରବାର ମୁକାବିଲାରେ ବିଜୟୀ ଢେଙ୍କାନାଳ ପକ୍ଷରୁ ଖେଳର ୬୦ତମ ମିନିଟ୍‌ରେ ସୁନୀଲ ସୋରେନ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ମ୍ୟାଚକୁ ପରିଚାଳନା କରିଥିଲେ ବିଦେଶୀ ନାଏକ, ଅବିନାଶ ପଟ୍ଟନାୟକ, ସାଇରାମ କିସକୁ ଓ ସୁବାସ ସିଂ।

## ପୁରୁଷ ଜୁନିଅର ହକି ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୩ ଖେଳାଳି

**ନୂଆଦିଲ୍ଲୀ, ୧୪ ।୧୧ (ଏଜେନ୍ସି):** ତାମିଲନାଡୁରେ ଖେଳାଯିବାକୁ ଥିବା ଆଗାମୀ ଜୁନିଅର ପୁରୁଷ ହକି ବିଶ୍ୱକପ୍ ଲାଗି ଶୁକ୍ରବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଡ୍ରାଗଫ୍ଲିକର ରୋହିତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ବିଶ୍ୱକପ୍ ଖେଳିବ। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ଆଦ୍ରୋହିତ ଏକ୍କା ଓ ରୋଶନ କୁଜୁର। ସେହିଭଳି ଦୁଇଜଣିଆ ଅଲ୍ଟରନେଟ୍ ତାଲିକାରେ ଅନ୍ୟତମ ଓଡ଼ିଆ ଖେଳାଳି ରୋହିତ କୁଲ୍ଲୁଙ୍କୁ ନିଆଯାଇଛି। ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଏହି ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଦୁଇଥର ଅଲିମ୍ପିକ ପଦକ ବିଜେତା ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଭାରତୀୟ ଦଳର କୋଚ୍ ରହିଛନ୍ତି।


ଅନମୋଲ୍ ଏକ୍କା


ଆଦ୍ରୋହିତ ଏକ୍କା


ରୋଶନ କୁଜୁର

ଭାରତୀୟ ଦଳ: ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ (ଉଭୟ ଗୋଲ୍‌ରକ୍ଷକ), ରୋହିତ୍, ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନିଲ ପଲକଶାପ୍ପା ବେନ୍ନୁର, ଶ୍ରଦ୍ଧାନନ୍ଦ ତିୱାରୀ (ସମସ୍ତେ ଡିଫେଣ୍ଡର), ଅଙ୍କିତ ପଲ୍, ଇଙ୍ଗଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ ଏକ୍କା, ରୋଶନ କୁଜୁର, ମନମୀତ୍ ସିଂହ, ଗୁରଜୋତ୍ ସିଂହ (ସମସ୍ତେ ମିଡ୍‌ଫିଲ୍ଡର), ଅର୍ଶଦୀପ୍ ସିଂହ, ସୌରଭ ଆନନ୍ଦ କୁଶୱାହ, ଅଜିତ୍ ଯାଦବ, ଦିଲରାଜ ସିଂହ(ସମସ୍ତେ ଫରୱାର୍ଡ)। ଅଲ୍ଟରନେଟ୍ ଖେଳାଳି: ରଭନୀତ୍ ସିଂହ ଓ ରୋହିତ୍ କୁଲ୍ଲୁ।




### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ଚତୁର୍ଥ ରାଉଣ୍ଡ ସୁଦ୍ଧା ଶୀର୍ଷରେ ଭିକ୍ଟୋରିଆ ଭିକ୍ଟର୍ସ

**ଭୁବନେଶ୍ୱର, ୧୪।୧୧ (ସମିସ):** ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍)ର ମିଳିତ ସହଯୋଗରେ ଆଜିଠାରୁ ଆରମ୍ଭ ହୋଇଛି ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍। ପ୍ରଥମଥର ଏପରି ଏକ ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରେ ଆରମ୍ଭ ହୋଇଛି। ଏଥିରେ ୧୨ଟି ଟିମ୍ ଓ ୯୬ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୧୫ ମିନିଟ୍ ୧୦ ସେକେଣ୍ଡ ବିଶିଷ୍ଟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ୧୧ଟି ମ୍ୟାଚ୍ ଖେଳିବେ ଓ ଆସନ୍ତା ରବିବାର ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ବା ଆଜି ଖେଳାଯାଇଥିବା ପ୍ରଥମ ୪ ରାଉଣ୍ଡ ଖେଳ ଶେଷରେ ୪ଟି ଦଳ ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଟାଇବ୍ରେକରରେ ଭିକ୍ଟୋରିଆ ଭିକ୍ଟର୍ସ ପ୍ରଥମ, ବାରବାଟୀ ବ୍ୟାଟଲର୍ସ ଦ୍ୱିତୀୟ, ଗୋଲକୁଣ୍ଡା ଗାର୍ଡିଆନ୍ସ ତୃତୀୟ ଓ ମହାନଦୀ ଫାଲକନ ଚତୁର୍ଥ ସ୍ଥାନରେ ରହିଛି। ଏମାନଙ୍କ ପଛକୁ ଆଉ ୩ଟି ଦଳ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଯଥାକ୍ରମେ ୫ମରୁ ୭ମ ସ୍ଥାନରେ ଥିବା ରାଜଧାନୀ ଚ୍ୟାଲେଞ୍ଜର୍ସ, ଚୋଲା ଚାମ୍ପିଅନ୍ସ ଓ ଅମ୍ବର ଆଭେଞ୍ଜର୍ସ ରହିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ବିଜେପି ନେତା ଗୋଲକ ମହାପାତ୍ର, ସୋନପୁର ପରିବାର ଅଦାଲତ ବିଚାରପତି ପ୍ରଶାନ୍ତ ମିଶ୍ର, ଏସ୍‌ଆର୍‌ବି ଆସୋସିଏଟ୍ସର ରାଜୀବ ସାହୁ, ଡ. ଜ୍ୟୋତି ଦାସ, ଏସ୍. ସତ୍ୟପ୍ରଜ୍ଞ, ଆଇକନିକ୍ ସ୍ପୋର୍ଟ୍ସର ତିନି ନିର୍ଦ୍ଦେଶକ ଯଥା- ଡ. ଚିଦାତ୍ମିକା ଖଟୁଆ, ଡ. ସଞ୍ଜୟ ଚୌଧୁରୀ, ଡ. ସେକ୍ ଅବ୍ଦୁଲ୍ ସମିମ୍ ଅତିଥି ଭାବେ ଯୋଗ ଦେଇଥିଲେ। ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, କର୍ମକର୍ତ୍ତା ଓ ଆଇଏସ୍‌ଏଫ୍‌ର କର୍ମକର୍ତ୍ତାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ଆଇଏ ସୁରେଶ ସାହୁ, ଆଇଏ ତାପସ କୁମାର ମହାନ୍ତି, ଆଇଏ ସନ୍ତୋଷ ମହାପାତ୍ର, ଆଇଏ ପିଙ୍କି ମହାପାତ୍ର ଓ ଏସ୍‌ଏନ୍‌ଏ ଦିଲୀପ ରଣା ପ୍ରମୁଖ ପରିଚାଳନା କରୁଛନ୍ତି। ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ ଲକ୍ଷ ଟଙ୍କା ଓ ଟ୍ରଫି ଦିଆଯିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS